


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-340 ♦BHUBANESWAR ♦SUNDAY ♦8 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୦ ♦ଭୁବନେଶ୍ୱର ♦ରବିବାର ♦୮ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ଆହୁରି ୫ ଦିନ ଗୁଳୁଗୁଳି; ଅପରାହ୍ଣରେ ବର୍ଷା ସତର୍କତା

■ **ଭୁବନେଶ୍ୱର, ୭।୬ (ସମିସ):** ରାଜ୍ୟସାରା ଏବେ ଗରମ ଓ ଗୁଳୁଗୁଳି ଜାରି ରହିଛି। ଆଗାମୀ ୫ ଦିନ ଯାଏଁ ସ୍ଥିତି ଏଭଳି ରହିବ। ବିଶେଷକରି ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆଗାମୀ ୫ ଦିନ ଯାଏଁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବ। ୧୧ଟି ଉପକୂଳ ଜିଲ୍ଲାକୁ ବାଦ୍ ଦେଲେ, ଅନ୍ୟ ଜିଲ୍ଲାଗୁଡ଼ିକରେ ସାମାନ୍ୟତମ ତ୍ରାହି ମିଳିବ। ଦିନରେ ଗୁଳୁଗୁଳି ଅନୁଭୂତ ହେବ ଓ ଅପରାହ୍ଣରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ଆଗାମୀ ୭ ଦିନ ଯାଏଁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ଲାଗି ରହିବ। ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ରୁ ୪୦କିମି ଝଟ୍‌କା ପବନ ବହିବାର ସମ୍ଭାବନା ରହିଛି। ଆଗାମୀ ୨୪ଘଣ୍ଟା ପାଇଁ ମଧ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ଓ ପବନ ହେବାର ସମ୍ଭାବନା ରହିଛି। ଏଥିପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ପାଣିପାଗ ବିଭାଗ ସୂଚନାନୁସାରେ, ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାରେ କାଳବୈଶାଖୀଜନିତ ବର୍ଷା ପବନ ଓ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା ଜିଲ୍ଲାରେ ୯ ଓ ୧୦ ତାରିଖରେ ବର୍ଷା ଏବଂ ୧୧ ଓ ୧୨ ତାରିଖରେ ପଶ୍ଚିମ ଓଡ଼ିଶାରେ କାଳବୈଶାଖୀ ସମ୍ଭାବନା ରହିଛି। ତେବେ ଉପକୂଳ ଓଡ଼ିଶା ପାଇଁ ଆଗାମୀ ୫ ଦିନ କାଳବୈଶାଖୀ ସତର୍କତା ନ ଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାନେ ସ୍ଥାନେ ଅଧିକ ବର୍ଷାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

## ସୀମାନ୍ତରେ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର

■ **ବିଜାପୁର, ୭।୬ (ସମିସ):** ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ଆଜି ସୁରକ୍ଷା ବଳ ଓ ନକ୍ସଲ ମୁହାଁମୁହିଁ ହୋଇଛନ୍ତି। ଏଥିରେ ବିଜାପୁର ନ୍ୟାସନାଲ୍ ପାର୍କ ଅଞ୍ଚଳରୁ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଛି। ବିଗତ ୩ ଦିନ ହେଲା ସର୍ଚ୍ଚ ଅପରେସନ୍ ଚାଲିଥିଲା। ଆଜି ସୁରକ୍ଷା ବଳ ଓ ମାଓବାଦୀଙ୍କ ଭିତରେ ଗୁଳି ବିନିମୟ ହୋଇଥିଲା। ଏପର୍ଯ୍ୟନ୍ତ ୭ ମାଓବାଦୀଙ୍କ ମୃତଦେହ ଉଦ୍ଧାର ହୋଇଥିବା ବସ୍ତର ପୁଲିସ ଆଇଜି ପି. ସୁନ୍ଦରରାଜ ସୂଚନା ଦେଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ୨ ଜଣ ମାଓବାଦୀ ନେତା ଓ ୨ ଜଣ ମହିଳା ମାଓବାଦୀ ରହିଥିବା ଜଣା ପଡ଼ିଛି। ଦୁଇ ମୃତ ମାଓବାଦୀ ନେତା ହେଲେ ନରସିହ୍ମା ଚାଲମ ଓରଫ ସୁଧାକର ଏବଂ ମଇଲାରପୁ ଆଦେଲୁ ଓରଫ ଭାସ୍କର। ଅନ୍ୟ ୫ ଜଣଙ୍କ ପରିଚୟ ମିଳି ନଥିବା ସୂଚନା ରହିଛି।



## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ: ନୂଆ ଦଳ ଗଢ଼ିବେ ଏଲନ୍ ମସ୍କ

■ **ୱାଶିଂଟନ୍, ୭।୬(ଏଜେନ୍ସି):** ଟେସ୍‌ଲା ସିଇଓ ଏଲନ ମସ୍କ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବିବାଦ କ୍ରମଶଃ ବଢିବାରେ ଲାଗିଛି। ଉଭୟଙ୍କ ମଧ୍ୟରେ ଜାରି ରହିଛି ବାକ୍ ଯୁଦ୍ଧ। ଏହି ସମୟରେ ମସ୍କ ଆମେରିକାରେ ଏକ ନୂତନ ରାଜନୈତିକ ଦଳ 'ଦ ଆମେରିକା ପାର୍ଟି'

### 'ଦ ଆମେରିକା ପାର୍ଟି' ନାମରେ ଲଢ଼ିବେ ନିର୍ବାଚନ
### 'ଏକ୍ସ' ପୋଲ୍‌ରେ ୮୦% ଲୋକଙ୍କ ସମର୍ଥନ



ଗଠନ କରିବାକୁ ଯାଉଥିବା ନେଇ ସୂଚନା ଦେଇଛନ୍ତି। 'ଏକ୍ସ'ରେ ହୋଇଥିବା ଏକ ଜନମତ ସର୍ଭେରେ ୮୦%ରୁ ଅଧିକ ଲୋକ ମସ୍କଙ୍କୁ ସମର୍ଥନ କରିଛନ୍ତି। ଏହି ଲୋକମାନେ ବିଶ୍ୱାସ କରନ୍ତି ଯେ ଆମେରିକାରେ ଏବେ ଏକ ନୂତନ ରାଜନୈତିକ ଦଳ ଗଠନ ହେବା ଉଚିତ। ୨୪ ଘଣ୍ଟା ଧରି ଚାଲିଥିବା ସର୍ଭେର ଫଳାଫଳରେ ଉତ୍ସାହିତ ହୋଇ ମସ୍କ ରାଜନୈତିକ ଦଳର ନାମ 'ଦି ଆମେରିକା ପାର୍ଟି' ଲେଖି ଆଉ ଏକ 'ଏକ୍ସ' ପୋଷ୍ଟ ମଧ କରିଛନ୍ତି। 'ଏକ୍ସ'ରେ ମସ୍କ ପଚାରିଥିଲେ ଯେ ଆମେରିକାରେ ଏକ ନୂତନ ରାଜନୈତିକ ଦଳ ଗଠନ କରାଯିବା ଉଚିତ କି ନାହିଁ। ତେବେ ଏଥିରେ ୧୯.୬% ଲୋକ ମସ୍କଙ୍କ ପ୍ରଶ୍ନର ନକାରାତ୍ମକ ଉତ୍ତର ଦେଇଛନ୍ତି। ମସ୍କଙ୍କ ପ୍ରଶ୍ନ ସମ୍ବଳିତ ଏହି 'ଏକ୍ସ' ପୋଲ୍‌ରେ ୫୬.୩୦ ଲକ୍ଷରୁ ଅଧିକ ଲୋକ ଅଂଶଗ୍ରହଣ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତାବିତ ବଜେଟ୍ ବିଲ୍ ଉପରେ ଉଭୟଙ୍କ ମଧ୍ୟରେ ମତଭେଦ ଏବଂ ମସ୍କ-ଟ୍ରମ୍ପ ବାକ୍ ଯୁଦ୍ଧ ମଧ୍ୟରେ ଗୁରୁବାର ଟେସଲା ସେୟାର ୧୪%ରୁ ▶ପୃଷ୍ଠା-୭

### ବିଶ୍ୱବ୍ୟାଙ୍କ ରିପୋର୍ଟ ୨୦୨୨-୨୩ରେ ଓଡ଼ିଶାର ଗୋଲାପୀ ଚିତ୍ର

## ବଢ଼ିଛି ଗ୍ରାମାଞ୍ଚଳ ଲୋକଙ୍କ ଖର୍ଚ୍ଚ କ୍ଷମତା

■ **ଭୁବନେଶ୍ୱର, ୭।୬ (ସମିସ):** ଦୀର୍ଘ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଭାରତବର୍ଷରେ ଦାରିଦ୍ର୍ୟ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ଲୋକାଭିମୁଖୀ ଯୋଜନା ସାଧାରଣ ଜନତାଙ୍କର ସଞ୍ଚୟ ଓ କ୍ରୟ ଶକ୍ତି ବୃଦ୍ଧି କରିବାରେ ପ୍ରମୁଖ ଭାବେ ସହାୟକ ହୋଇଛି। ଓଡ଼ିଶା କ୍ଷେତ୍ରରେ ଏହାର ପ୍ରଭାବ ଜାତୀୟ ସ୍ତରରେ ସର୍ବାଧିକ ପରିଲକ୍ଷିତ ହୋଇଛି। ବିଶ୍ୱବ୍ୟାଙ୍କର ୨୦୨୨-୨୩ ରିପୋର୍ଟରେ ଓଡ଼ିଶାର ଅଭିବୃଦ୍ଧିକୁ ନେଇ ଏଭଳି ଗୋଲାପୀ ଚିତ୍ର ଅଙ୍କାଯାଇଛି।

ବିଶ୍ୱବ୍ୟାଙ୍କ ରିପୋର୍ଟ ଅନୁଯାୟୀ ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଭାରତରେ ୨୬୯ ନିୟୁତ ଅର୍ଥାତ୍ ପ୍ରାୟ ୨୭ କୋଟି ଲୋକ ଅତ୍ୟଧିକ ଦାରିଦ୍ର୍ୟତାରୁ ବାହାରକୁ ଆସିଛନ୍ତି। ୨୦୧୧-୧୨ରେ ଅତ୍ୟଧିକ ଗରିବୀ ହାର ୨୭.୧୨ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ଏହା ୫.୨୫ ପ୍ରତିଶତକୁ ହ୍ରାସ ପାଇଛି। ଅତ୍ୟଧିକ ଗରିବୀ ହ୍ରାସ କ୍ଷେତ୍ରରେ ଓଡ଼ିଶାର ମଧ୍ୟ ପ୍ରଭୁତଃ ଅବଦାନ ଥିବା ନେଇ ବିଶେଷଜ୍ଞ ମହଲ ମତ ପ୍ରକାଶ କରିଛନ୍ତି।

ଗତ ୧୦ ଦଶନ୍ଧିର କାଳଖଣ୍ଡରେ ବିଜେଡି ସରକାରଙ୍କ ଏକାଧିକ ଜନମଙ୍ଗଳକାରୀ ଯୋଜନାର ସଫଳ ରୂପାୟଣ

### ୧୪ ପ୍ରତିଶତ ମୁଣ୍ଡ ପିଛା ଖର୍ଚ୍ଚ ବୃଦ୍ଧି ସହ ଓଡ଼ିଶା ସୂଚୀର ଶୀର୍ଷରେ
### ୧୧ ବର୍ଷରେ ମିଳିଲା ସଫଳତା, ଓଡ଼ିଶାର ଭୂମିକାକୁ ବିଶେଷଜ୍ଞଙ୍କ ପ୍ରଶଂସା
### ଗତ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ସାଜିଛି ବରଦାନ; ବଢ଼ିଛି ଲୋକଙ୍କ ସଞ୍ଚୟ ଓ କ୍ରୟଶକ୍ତି

ରାଜ୍ୟରେ ଲୋକଙ୍କ ସଞ୍ଚୟ ଏବଂ କ୍ରୟ ଶକ୍ତି ବୃଦ୍ଧି ଘଟାଇବାରେ ସକ୍ଷମ ହୋଇଛି। ଏପରିକି ଜାତୀୟ ସ୍ତରରେ ଏହା ମଧ୍ୟ ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇଛି। ଶନିବାର ପିଆଇବି ପକ୍ଷରୁ ଜାରି ବ୍ୟବହାରିକ ଖର୍ଚ୍ଚ ସର୍ବେକ୍ଷଣ (ଏଚସିଇଏସ) ରିପୋର୍ଟ ୨୦୨୩-୨୪ ଅନୁଯାୟୀ, ଦେଶର ପ୍ରମୁଖ ୧୮ ରାଜ୍ୟ ମଧ୍ୟରେ ଗ୍ରାମାଞ୍ଚଳରେ ଓଡ଼ିଶାର ହାରାହାରି ମାସିକ ମୁଣ୍ଡପିଛା ଖର୍ଚ୍ଚ(ଏମପସିଇ) ଦେଶରେ ସର୍ବାଧିକ ଥିବା ଜଣାପଡ଼ିଛି। ୨୦୨୨-୨୩ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ଗ୍ରାମାଞ୍ଚଳରେ ମାସିକ ମୁଣ୍ଡପିଛା ଖର୍ଚ୍ଚ ୨,୯୫୦ରୁ ୩,୩୫୭ ଟଙ୍କାରେ ପହଞ୍ଚିଛି। ବର୍ଷକ ମଧ୍ୟରେ ଓଡ଼ିଶାର ମୁଣ୍ଡ ପିଛା ଖର୍ଚ୍ଚ ୧୪ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଏହା ଦେଶରେ ସର୍ବାଧିକ ବୋଲି ଜଣାପଡ଼ିଛି।

ସମାନ ଭାବେ ୨୦୧୧-୧୨ରୁ ୨୦୨୨-୨୩ ମଧ୍ୟରେ ଦେଶରେ ମାସିକ ମୁଣ୍ଡପିଛା ହାରାହାରି ଖର୍ଚ୍ଚରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ବେଳେ ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ବିଶେଷଜ୍ଞ ମହଲର ଯୁକ୍ତି ଅନୁଯାୟୀ ସାଧାରଣ ଲୋକଙ୍କ କ୍ରୟ ଏବଂ ଖର୍ଚ୍ଚ କରିବାର ଶକ୍ତି ବଢ଼ିଥିବା କାରଣରୁ ଭାରତ ନିଜର ଅତ୍ୟଧିକ ଦାରିଦ୍ର୍ୟତାକୁ ହ୍ରାସ କରିବାରେ ସଫଳ ହୋଇଛି। ଜାତୀୟ ସ୍ତରରେ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଭାରତ ଯୋଜନା କାରଣରୁ ଲୋକଙ୍କର ସଞ୍ଚୟ ଶକ୍ତି ବଢ଼ିଥିବା ବେଳେ ସାଧାରଣ ଲୋକେ ଅଧିକ ଖର୍ଚ୍ଚ କରିବାକୁ ସକ୍ଷମ ହୋଇଛନ୍ତି। ସମାନ ଭାବରେ ଗତ ▶ପୃଷ୍ଠା-୭

### ବିସ୍ଫୋରଣରେ ଥରିଲା ଇଚ୍ଛାପୁର

## ମହିଳା ମୃତ; ଦୁଇ ଆହତ

■ **ବୋଲଗଡ଼, ୭।୬ (ସମିସ):** ଶନିବାର ଅପରାହ୍ଣରେ ବୋଲଗଡ଼ ଥାନା ଇଚ୍ଛାପୁର ଗ୍ରାମରେ ଏକ ପରିତ୍ୟକ୍ତ ଘରେ ବିସ୍ଫୋରଣ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ମୃତା ମହିଳାଙ୍କ ନା ମିଲି ବେଗମ୍ (୨୭) ଏବଂ ଆହତଦ୍ୱୟ ହେଲେ, ମୃତ ମହିଳାଙ୍କ ମାଉସୀ ଅମିନା ବିବି(୩୫) ଓ ଝିଅ ରୁକ୍‌ସାନା ବେଗମ (୧୦)। ଆହତଙ୍କୁ ଚିକିତ୍ସା ପାଇଁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳଙ୍କ ସୂଚନା ଅନୁଯାୟୀ, ଏହି ବିସ୍ଫୋରଣ ବାଣ ନା ବୋମା, ତାହା ସ୍ପଷ୍ଟ ହୋଇନାହିଁ। ଖୋର୍ଦ୍ଧାରୁ ଆସିଥିବା ବୋମା ନିଷ୍କ୍ରିୟକାରୀ ଦଳ ଘଟଣାର ଅନୁସନ୍ଧାନ କରି ଫେରିଥିବା ବେଳେ ରବିବାର ପୁଣି ବୋମା ନିଷ୍କ୍ରିୟକାରୀ ଦଳ ଆସି ତନଖି କରିବେ ବୋଲି ସୂଚନା ମିଳିଛି। ଏଥିସହ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ। ସେପଟେ ବିସ୍ଫୋରଣ ଘଟିଥିବା ସ୍ଥାନରେ ଆଉ କିଛି ବିସ୍ଫୋରକ ରହିଛି କି ନାହିଁ, ସ୍ପଷ୍ଟ ହୋଇପାରି ନ ଥିବା ବେଳେ ଘଟଣାସ୍ଥଳରେ ପୁଲିସ ମୁତୟନ ରହିଛି। ବିସ୍ଫୋରଣ ସ୍ଥାନକୁ କାହାକୁ ଛଡ଼ାଯାଉନାହିଁ। ସେପଟେ ମୃତକଙ୍କ ବାପା ସେଖ୍ ସୁକୁର ତାଙ୍କ ଘରେ କେହି ଅଜ୍ଞାତ ବିସ୍ଫୋରଣ ସାମଗ୍ରୀ ରଖି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବୋଲଗଡ଼ ଥାନାରେ ମାମଲା ରୁଜୁ ହେବା ସହିତ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଘରୁ ଘୋଷାଡ଼ିନେଇ ଗଣଦୁଷ୍କର୍ମ

■ **ଆନନ୍ଦପୁର/ରାମଚନ୍ଦ୍ରପୁର, ୭।୬ (ସମିସ):** ନାରୀବିରୋଧୀ ଅତ୍ୟାଚାର ରାଜ୍ୟରେ ସୀମା ଟପିଲାଣି। ପ୍ରତିଦିନ କେଉଁଠୁ ନା କେଉଁଠୁ ଅପହରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା ଭଳି ଘଟଣା ପଦାକୁ ଆସୁଛି। ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦୁଇଜଣ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ଦିନ ୨ଟା ନ ପୂରୁଣୁ କେନ୍ଦୁଝର ଜିଲ୍ଲାରୁ ପୁଣି ଏଭଳି ଏକ ସାଂଘାତିକ ଘଟଣା ପଦାକୁ ଆସିଛି। ପଡ଼ୋଶୀ ଘରର ଜଣେ




ମହିଳାଙ୍କୁ ଘରୁ ଘୋଷାଡ଼ି ନେଇ ଦୁଇଜଣ ଯୁବକ ଏକ ପରିତ୍ୟକ୍ତ ଘରେ ଗଣଦୁଷ୍କର୍ମ କରିଛନ୍ତି। ଶନିବାର ଭୋର୍‌ରେ ଏହି ପାଶବିକ ଘଟଣା ଘଟିଛି। ଏନେଇ ଅଭିଯୋଗ ହେବା ପରେ ରାମଚନ୍ଦ୍ରପୁର ପୁଲିସ୍ ନମ୍ବର ୧୬୭/୨୫ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି। ସେମାନେ ହେଲେ, ବବୁଲ ମଲିକ ଏବଂ ଲିପୁନ ମଲ୍ଲିକ। ଏହାସହ ପୁଲିସ୍ ▶ପୃଷ୍ଠା-୭

### ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା

## ଆନ୍ଧ୍ରରୁ ୪ ଅଭିଯୁକ୍ତ ଗିରଫ




■ **ବ୍ରହ୍ମପୁର, ୭।୬ (ସମିସ):** ଗାଁରୁ ଅପହରଣ କରି ଭିନ୍ନଭିନ୍ନ ଜାଗାରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିବା ସହ ହାତ, ଗୋଡ଼ ବାନ୍ଧି ମାଡ଼ ମାରିବା ମାମଲାରେ ଆଜି ଗୋଳନ୍ଥରା ପୁଲିସ୍ ଆନ୍ଧ୍ରରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ମାର୍କଣ୍ଡି ଗ୍ରାମର କେ. ଶିବା(୨୧), କେ. ସାଇ(୨୧), ଜି. ଗାରେୟା(୨୧) ଓ ଏନ. ଶ୍ରୀନୁ (୨୨)। ଅଭିଯୁକ୍ତମାନେ ବିଶାଖାପାଟନମ୍‌କୁ ଫେରାର୍ ହେବା ପାଇଁ ଚେଷ୍ଟା ▶ପୃଷ୍ଠା-୭

### ବ୍ରହ୍ମପୁରରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍
### ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଦାବି
### ପୀଡ଼ିତାଙ୍କ ନିକଟରେ ପହଞ୍ଚିଲେନି ଖଣି ମନ୍ତ୍ରୀ ବିଭୂତି ଜେନା

### ଆଇଏମ୍‌ଏରେ ବ୍ୟାପକ ଅନିୟମିତତା

## କୁଳସଚିବ ନେଇଛନ୍ତି ୩ ଗୁଣା ଦରମା

■ **ଭୁବନେଶ୍ୱର, ୭।୬ (ସମିସ):** ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ)ରେ ହୋଇଛି ବ୍ୟାପକ ଅନିୟମିତତା। ଅଧିକାରୀଙ୍କ ନିଯୁକ୍ତି ଠାରୁ ଆରମ୍ଭ କରି ଦରମା ପର୍ଯ୍ୟନ୍ତ ସବୁଥିରେ କରାଯାଇଛି ତଞ୍ଚକତା। ଏପରିକି ଧାର୍ଯ୍ୟ ଦରମା ଠାରୁ ୩ଗୁଣା ଅଧିକ ଅର୍ଥ ଦରମା ଭାବେ ନେଇଛନ୍ତି। ସ୍ୱେଚ୍ଛାକୃତ ଅବସର ପରେ ମଧ ପ୍ରତିଷ୍ଠାନରେ ନିୟମିତ ଭଳି ଚାକିରି କରିଛନ୍ତି। ସବୁ ସରକାରୀ ସୁବିଧା ନେଇଛନ୍ତି। ପ୍ରତିଷ୍ଠାନର କୁଳସଚିବ ଡ. ଅଳକା ରାୟଙ୍କ ଏପରି କାରନାମାକୁ ପ୍ରଧାନ ମହାଲେଖାଗାର (ସିଏଜି) ଅଡିଟ୍ ସମୟରେ ଧରିବା ପରେ ହଟଚମଟ ସୃଷ୍ଟି ହୋଇଛି। ପ୍ରତିଷ୍ଠାନର କୁଳସଚିବ ପଦରେ ନୂତନ ନିଯୁକ୍ତି ପାଇଁ ୨୦୨୩ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଲା। ୩ଜଣ ଆଶାୟୀ ଆବେଦନ କଲେ। ସେମାନଙ୍କ ମଧ୍ୟରୁ ଡ. ରାୟଙ୍କୁ ପ୍ରତିଷ୍ଠାନର କୁଳସଚିବ ଭାବେ ନିଯୁକ୍ତି ପାଇଁ ୨୦୨୩ ଜୁଲାଇରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ଅନୁମୋଦନ ଦେଲା। ମାସିକ ୪୬ ହଜାର ଟଙ୍କା ଦରମା ଦିଆଯିବ ବୋଲି ମଧ ସ୍ପଷ୍ଟ କଲା। ହେଲେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଡ. ରାୟ ତାଙ୍କ ଦରମାକୁ ପୁନଃବିଚାର କରିବାକୁ ଏକ ପ୍ରସ୍ତାବ ଦେଲେ। ପୂର୍ବରୁ ଦିଲ୍ଲୀର ଏକ ▶ପୃଷ୍ଠା-୭

### ଅଡିଟ୍‌ରେ ଧରିଲେ ସିଏଜି
### ୨୦ଲକ୍ଷରୁ ଅଧିକ ଆଦାୟ କରିବାକୁ ସୁପାରିସ୍






## ସହରୀ ବିକାଶ ବାଟବଣା !

### ମନ୍ତ୍ରୀ କହିଲେ ସବୁ ହବ; ଲୋକଙ୍କ ପ୍ରଶ୍ନ, କେବେ ?



### ବାହାରିପାରୁନି ପାର୍ଟ ପ୍ଲଟ୍ ନୋଟିଫିକେସନ୍
### ଟାଉନ୍ ପ୍ଲାନିଂକୁ ବିଭିନ୍ନ ସ୍ଥାନରେ ବିରୋଧ
### ଅଧାରେ ଅଟକିଛି ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ୍
### କେଲେଙ୍କାରୀ କରିଥିବା ବାବୁଙ୍କୁ କାର୍ଯ୍ୟାନୁଷ୍ଠାନ ନାମରେ କାରଣଦର୍ଶାଅ ନୋଟିସ୍

■ **ଭୁବନେଶ୍ୱର, ୭।୬ (ସମିସ):** ସହରୀ ବିକାଶ ପାଇଁ ପାର୍ଟ ପ୍ଲଟ୍ କିଣାବିକା ଆରମ୍ଭ ହେବ। ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ୍ ବି ହେବ। ଟାଉନ୍ ପ୍ଲାନିଂ ସ୍କିମ୍‌କୁ ଜୋରଦାର କରାଯିବ। ଏହାସହ ସରକାରୀ ନିୟମ ନମାନି କାମ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ସହରବାସୀଙ୍କୁ ଏଭଳି ଗୋଟିଏ ପରେ ଗୋଟିଏ ସ୍ୱପ୍ନ ଦେଖାଇଲେ। କ୍ୟାମେରା ସାମ୍ନାରେ ଏଇଟା ହେବ, ସେଇଟା ହେବ କହିଲେ। ଏପରିକି, କେବେ ହେବ ତାରିଖ ବି ଘୋଷଣା କରିଦେଲେ। ହେଲେ, ମନ୍ତ୍ରୀମାନଙ୍କ କଥା ଆଉ କାମରେ ପରିଣତ ହେଲାନାହିଁ। ସେମାନଙ୍କ ଦ୍ୱାରା ଦିଆଯାଇଥିବା ଡେଡ୍‌ଲାଇନ୍ ବାରମ୍ବାର ଫେଲ୍ ମାରିଲା। ମନ୍ତ୍ରୀମାନଙ୍କ ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହେବା ପରେ ଲୋକେ ଏବେ ପ୍ରଶ୍ନ କଲେଣି ଏସବୁ ହବ ତ, କେବେ ହେବ।

ରାଜ୍ୟରେ ପାର୍ଟ ପ୍ଲଟ୍ ରେଜିଷ୍ଟ୍ରେସନ ତୁରନ୍ତ ଆରମ୍ଭ ହେବ ବୋଲି ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ। ଏନେଇ ରାଜସ୍ୱ ବିଭାଗ ସହିତ ବୈଠକ ହେଲା। ବିଭାଗୀୟ ସଚିବ ଏକ ଡ୍ରାଫ୍ଟ ପ୍ରସ୍ତୁତ କଲେ। ଡ୍ରାଫ୍ଟ ମିଳିବା ମାତ୍ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମାର୍ଚ୍ଚ ମାସରେ ନୋଟିଫିକେସନ୍ ପ୍ରକାଶ ପାଇବ ବୋଲି କହିଲେ। ଏହାପରେ ତୁରନ୍ତ ପାର୍ଟ ପ୍ଲଟ୍ କିଣାବିକା ଆରମ୍ଭ ହୋଇଯିବ ବୋଲି ଘୋଷଣା କଲେ। ହେଲେ ମାର୍ଚ୍ଚ ସୁଦ୍ଧା ସେମିତି କିଛି ହେଲା ନାହିଁ। ମନ୍ତ୍ରୀଙ୍କୁ ଯେତେବେଳେ ପାର୍ଟ ପ୍ଲଟ୍ ସମ୍ପର୍କିତ ଟୋଟିଫିକେସନ୍ ପଚରାଯାଉଛି, ସେ ପୁଣି ଏକ ମାସ ସମୟ ନେଇଯାଉଛନ୍ତି। ଗୋଟିଏ ପରେ ଗୋଟିଏ ମାସ ଗଡ଼ାଇ ଚାଲିଛନ୍ତି। ଜୁନ୍ ମାସ ସୁଦ୍ଧା ମଧ ଏହା ହୋଇପାରିଲା ନାହିଁ। ନୋଟିଫିକେସନ୍ ବାହାର କରିବାକୁ ବାରମ୍ବାର ସମୟ ଗଡ଼ାଇବା ଦୁଇ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଅନ୍ୟପକ୍ଷରେ ପାର୍ଟପ୍ଲଟ୍ ରେଜିଷ୍ଟ୍ରେସନ୍ ବନ୍ଦ ରହିଛି। ହେଲେ ଏହି ନିୟମକୁ ବେଖାତିର କରି ସରକାରୀ ଅଧିକାରୀ ମନଇଚ୍ଛା ପାର୍ଟ ପ୍ଲଟ୍ କିଣାବିକା କରି ଚାଲିଲେ। ▶ପୃଷ୍ଠା-୭

# ଚରିତ୍ର ସନ୍ଦେହରେ କାଟିଦେଲା ସ୍ତ୍ରୀର ମୁଣ୍ଡ



ବେଙ୍ଗାଲୁରୁ, ୭।୬(ଏଜେନ୍ସି): ବେଙ୍ଗାଲୁରୁ ଉପକଣ୍ଠରେ ସ୍ୱାମୀ-ସ୍ତ୍ରୀ ଝଗଡ଼ା ଭୟଙ୍କର ମୋଡ଼ ନେଇ ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ୨୬ ବର୍ଷୀୟ ଯୁବକ ଶଙ୍କର ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ତାଙ୍କ ମୁଣ୍ଡ କାଟି ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ମୃତ ମହିଳା ମନସା(୨୫) ଓ ଶଙ୍କର ୫ବର୍ଷରୁ ଅଧିକ ସମୟ ଧରି ଦାମ୍ପତ୍ୟ ଜୀବନ ବିତାଉଥିଲେ। ସେମାନଙ୍କର ୪ ବର୍ଷ ବୟସର ଗୋଟିଏ ଝିଅ ଅଛି। ଉଭୟ ଘରୋଇ ସଂସ୍ଥାରେ ଚାକିରି କରୁଥିଲେ।

ପୁଲିସ ସୂଚନା ଅନୁଯାୟୀ, ମନସା ଅନ୍ୟ ଜଣେ ପୁରୁଷ ସହିତ ଅନୈତିକ ସମ୍ପର୍କ ରଖିଥିବା ଶଙ୍କର ସନ୍ଦେହ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ଏଥିରେ ଅତିଷ୍ଠ ହୋଇ ମନସା ନିଜ ମା'ଙ୍କ ଘରକୁ ଚାଲିଯାଇଥିଲେ। ଶୁକ୍ରବାର ବୁଝାସୁଝା ପରେ ସେ ଘରକୁ ଫେରିଥିଲେ। ମାତ୍ର ହଠାତ୍ ଉଭୟଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ଉଗ୍ର ରୂପ ନେଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶଙ୍କର ଏକ କଟୁରୀରେ ମନସାଙ୍କ ମୁଣ୍ଡ କାଟି ଦେଇଥିଲା। ଏପରି ବର୍ବର କାଣ୍ଡ ଭିଆଇ ସେ କଟାମୁଣ୍ଡକୁ ବାଇକରେ ନେଇ ପୁଲିସ ଷ୍ଟେସନ ପହଞ୍ଚିଥିଲା। ନିଜ ଅପରାଧ ସ୍ୱୀକାର କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶଙ୍କରକୁ ହେପାଜତକୁ ନେଇଛି। ଶଙ୍କର ଆକ୍ରମଣ ପୂର୍ବରୁ ଏକ ନୂଆ କଟୁରୀ କିଣି ରଖିଥିଲା। ଏହି ଘଟଣାରେ ପୁଲିସ ଅଧିକ ତଦନ୍ତ ଚାଲୁ ରଖିଛି। ପ୍ରାଥମିକ ତଦନ୍ତରୁ ହତ୍ୟା ଯୋଜନାବଦ୍ଧ ଥିବା କଥା ପୁଲିସ ସନ୍ଦେହ କରିଛି।

# ଆଇସିୟୁରେ ମହିଳା ରୋଗୀଙ୍କୁ ନର୍ସିଂ କର୍ମଚାରୀଙ୍କ ଦୁଷ୍କର୍ମ

ଅଲୱର, ୭।୬(ଏଜେନ୍ସି): ରାଜସ୍ଥାନର ଅଲୱରରେ ଥିବା ଏକ ମେଡିକାଲ କଲେଜରେ ଘଟିଛି ଅଭାବନୀୟ ଘଟଣା। ଜଣେ ୩୨ ବର୍ଷ ବୟସ୍କା ମହିଳାଙ୍କୁ ଆଇସିୟୁ ଭିତରେ ଦୁଷ୍କର୍ମ କରିଛି ଜଣେ ନର୍ସିଂ କର୍ମଚାରୀ। ମହିଳାଙ୍କୁ ଦୁଷ୍କର୍ମ କରିବା ପୂର୍ବରୁ ସମ୍ପୃକ୍ତ ନର୍ସିଂ ଷ୍ଟାଫ ପ୍ରଥମେ ମହିଳା ରୋଗୀଙ୍କୁ ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। ମହିଳାଙ୍କୁ ନର୍ସିଂ ଷ୍ଟାଫ୍ ଦୁଷ୍କର୍ମ କରିବା ବେଳେ ମହିଳାଙ୍କ ସ୍ୱାମୀ ଓ ସମ୍ପର୍କୀୟମାନେ ହସ୍ପିଟାଲ ୱାର୍ଡ ବାହାରେ ଅପେକ୍ଷା କରିଥିଲେ। ମହିଳା ଜଣକ ଶୋଇଥିବା ଶଯ୍ୟା ଚାରିପାଖରେ ପରଦା ଟାଣିଦେଇ ନର୍ସିଂ ଷ୍ଟାଫ ପ୍ରଥମେ ମହିଳାଙ୍କୁ ନିଶ୍ଚେତକ ଇଞ୍ଜେକ୍ସନ ଦେଇଥିଲେ। ମହିଳା ସାମାନ୍ୟ ଘୁମେଇବା ଅବସ୍ଥାକୁ ଆସିବା ପରେ ସେ ତାଙ୍କୁ ଦୁଷ୍କର୍ମ କରିଥିଲେ। ନିସ୍ତେଜ ଅବସ୍ଥାରେ ଥାଇ ମଧ ମହିଳା ଏହାର ପ୍ରତିବାଦ କରିବା ସହ କାନ୍ଦି କାନ୍ଦି ନିଜ ସ୍ୱାମୀଙ୍କୁ ଡାକିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ନିଶା ପରିମାଣ ଶରୀରରେ ବଢ଼ୁଥିବା ଯୋଗୁଁ ସେ ଉଚ୍ଚ ସ୍ୱରରେ ଚିତ୍କାର କରିପାରି ନଥିଲେ। ପରେ ପରେ ମହିଳା ଜଣଙ୍କ ଗଭୀର ନିଦ୍ରାରେ ଶୋଇଯାଇଥିଲେ। ସକାଳୁ ନିଦ ଭାଙ୍ଗିବା ପରେ ସେ ସମସ୍ତ ଘଟଣା ନିଜ ସ୍ୱାମୀଙ୍କୁ ଜଣାଇଥିଲେ। ସ୍ୱାମୀ ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ଜଣାଇଥିଲେ। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷ ଘଟଣାକୁ ଅସ୍ୱୀକାର କରିବା ସହ ଚପାଇଦେବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତ ନର୍ସିଂ ଷ୍ଟାଫ ଏନେଇ ସର୍ବସମ୍ମୁଖରେ କ୍ଷମା ମଧ ମାଗିଥିଲେ। ତଥାପି ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିଲେ। ତେବେ ପୀଡ଼ିତା ମହିଳାଙ୍କ ନିକଟସ୍ଥ ଶଯ୍ୟାରେ ଚିକିତ୍ସିତ ହେଉଥିବା ଆଉଜଣେ ମହିଳାଙ୍କ ସ୍ୱାମୀ ସମଗ୍ର ଘଟଣା ଦେଖିଥିବା ପ୍ରକାଶ କରିଥିଲେ। ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୀଡ଼ିତାଙ୍କ ସ୍ୱାମୀ ଅଲୱାର ପୁଲିସ ଏବଂ ଅତିରିକ୍ତ



ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ଅପରପକ୍ଷରେ ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ ସିସିଟିଭି ଆଧାରରେ ଯାଞ୍ଚ ଚାଲିଛି। ଘଟଣାର ଅନୁସନ୍ଧାନ ପାଇଁ ତୁରନ୍ତ ଏକ କମିଟି ଗଠନ କରାଯାଇଛି।

## ଆର୍‌ସିବି ବିଜୟ ଉତ୍ସବରେ ଦଳାଚକଟା

# ସିଆଇଡି ତଦନ୍ତ ଆରମ୍ଭ



ବେଙ୍ଗାଲୁରୁ, ୭।୬(ଏଜେନ୍ସି): ଆର୍‌ସିବିର ଆଇପିଏଲ୍ ବିଜୟ ଉତ୍ସବ ପାଳନ ବେଳେ ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାର ବିଧିବଦ୍ଧ ତଦନ୍ତ ଆରମ୍ଭ କରିଛି ସିଆଇଡି। ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।

ସିଆଇଡି ଏସପି ଶୁଭନ୍ୱିତା ତଦନ୍ତର ନେତୃତ୍ୱ ନେଉଛନ୍ତି। ଏହି ଟିମ୍‌ରେ ଡିଏସପି ଗୌତମ ଓ ତଦନ୍ତକାରୀ ଅଧିକାରୀ ପୁରୁଷୋତ୍ତମ ସଦସ୍ୟ ଅଛନ୍ତି। ସିଆଇଡି ପକ୍ଷରୁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ନିଜ ହାତକୁ ନିଆଯାଇଛି। ପୂର୍ବରୁ ଏହି ଦଳାଚକଟା ଘଟଣାରେ କୁବୋନ ପାର୍କ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ପରେ ଏହି ଘଟଣାର ତଦନ୍ତ ଭାର ସିଆଇଡିକୁ ଦିଆଯାଇଥିଲା। ଷ୍ଟାଡିୟମର ଗେଟ୍ ନମ୍ବର ୭, ୧୭, ୧୮, ୧୯ ଓ ୨୧ରେ ଘଟିଥିବା ଘଟଣା ସମ୍ପର୍କରେ ସିଆଇଡି ତଦନ୍ତ କରୁଛି। ଆସନ୍ତା ସୋମବାର ଆଉ କିଛି ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

### ମୃତକଙ୍କ ପରିବାରକୁ ୨୫ ଲକ୍ଷ ଲେଖାଏଁ ଅନୁଦାନ

ବେଙ୍ଗାଲୁରୁ,୭।୬(ଏଜେନ୍ସି): ବେଙ୍ଗାଲୁରୁ ଦଳାଚକଟା ଘଟଣାରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୟା ମୃତକଙ୍କ ପାଇଁ ଅନୁଦାନ ରାଶିରେ ଦେଢ଼ଗୁଣା ବୃଦ୍ଧି କରିଛନ୍ତି। ପୂର୍ବରୁ ୧୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା। କିନ୍ତୁ ଏବେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦିଆଯିବ ବୋଲି ସେ ଶନିବାର ଘୋଷଣା କରିଛନ୍ତି। ଆଇପିଏଲ୍ ଇତିହାସରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦୀର୍ଘ ୧୮ ବର୍ଷ ପରେ ପ୍ରଥମଥର ପାଇଁ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲା।

### କେଏସ୍‌ସିଏ ସମ୍ପାଦକ, କୋଷାଧ୍ୟକ୍ଷଙ୍କ ଇସ୍ତଫା

ଦଳାଚକଟା ମାମଲାରେ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏସନର ଦୁଇ ପଦାଧିକାରୀ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଆସୋସିଏସନ ସମ୍ପାଦକ ଏ ଶଙ୍କର ଓ କୋଷାଧ୍ୟକ୍ଷ ଏଇ ଜୟରାମ ଶୁକ୍ରବାର ରାତିରେ ଇସ୍ତଫା ଦେବା ପରେ ଶନିବାର ସକାଳେ ଏକ ଯୁଗ୍ମ ବାର୍ତ୍ତା ଦେଇ ନୈତିକତା ଦୃଷ୍ଟିକୋଣରୁ ଆମେ ଇସ୍ତଫା ଦେଇଛୁ ବୋଲି କହିଛନ୍ତି।

# ୟୁକ୍ରେନ ଉପରେ ରୁଷ୍‌ର ଡ୍ରୋନ୍, ମିସାଇଲ ବର୍ଷା



ଖରକିଭ୍,୭।୬(ଏଜେନ୍ସି): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୩ ବର୍ଷଧରି ଚାଲିଥିବା ଯୁଦ୍ଧ ଏବେ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି। ୫ଟି ଏୟାର ବେସ ଓ ୪୧ଟି ଲଢୁଆ ବିମାନ ଧ୍ୱଂସ ହେବା ପରେ ରୁଷିଆ ଏବେ ୟୁକ୍ରେନଠାରୁ ପ୍ରତିଶୋଧ ନେବା ପ୍ରକ୍ରିୟାକୁ ଆହୁରି ଜୋରଦାର କରିଛି। ଶନିବାର ରୁଷିଆ ପୂର୍ବ ୟୁକ୍ରେନ ସ୍ଥିତ ଦେଶର ଦ୍ୱିତୀୟ ବୃହତ୍ତମ ସହର ଖରକିଭ୍ ଉପରେ ଡ୍ରୋନ ଓ ମିସାଇଲ ବର୍ଷା କରିଛି। ଏଥିରେ ଅତିକମ୍‌ରେ ୩ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୧ଜଣ ଆହତ ହୋଇଛନ୍ତି।

ରୁଷିଆ ୪୮ଟି ଡ୍ରୋନ ଛାଡ଼ିବା ସହ ଦୁଇଟି ମିସାଇଲ ଓ ୪ଟି ଗ୍ଲାଇଡିଂ ବମ୍ ମାଡ କରିଥିଲା। ତେବେ ରୁଷିଆ ୨୧୫ ମିସାଇଲ୍ ଓ ଡ୍ରୋନ ରାତିସାରା ମାଡ କରିଥିଲା ବୋଲି ୟୁକ୍ରେନ ବାୟୁସେନା ତରଫରୁ କୁହାଯାଇଛି। କିନ୍ତୁ ୟୁକ୍ରେନ ଏୟାର ଡିଫେନ୍ସ ୮୭ ଡ୍ରୋନ ଓ ୭ଟି ମିସାଇଲକୁ ନ୍ୟୁଟ୍ରାଲାଇଜ୍ କରିଥିଲା ବାୟୁସେନା ସୂଚନା ଦେଇଛି। ଏଥିସହ ୟୁକ୍ରେନର ଅନ୍ୟ କେତୋଟି ଅଞ୍ଚଳରେ ମଧ ଆକ୍ରମଣ ହୋଇଛି। ଡୋନେଟସ୍କ, ଡନିପ୍ରୋପେଟ୍ରୋଭସ୍କ, ଓଡେଶା ଓ ସିଟି ଅଫ୍ ଟେର୍ଣ୍ଣୋପିଲ୍‌ରେ ମଧ ଆକ୍ରମଣ ହୋଇଛି ବୋଲି ୟୁକ୍ରେନ ବୈଦେଶିକ ମନ୍ତ୍ରୀ ଆଣ୍ଡ୍ରିଲ ସିବିହା ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ରୁଷିଆର ଏହି ଆକ୍ରମଣରେ ୧୮ଟି ଆପାର୍ଟମେଣ୍ଟ ବିଲ୍ଡିଂ, ୧୩ଟି ଘରୋଇ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ୨୦୨୨ ଫେବୃଆରୀରୁ ଯୁଦ୍ଧ ଆରମ୍ଭ ହେବା ପରେ ଖରକିଭ୍ ଉପରେ ରୁଷିଆର ଏହା ସର୍ବବୃହତ୍ ଆକ୍ରମଣ ସାବ୍ୟସ୍ତ ହୋଇଛି। ଏଥିରେ ଛୋଟ ପିଲା ଓ ୧୪ ବର୍ଷର ବାଳିକା ମୃତ୍ୟୁବରଣ କରିଛନ୍ତି। ପୂର୍ବରୁ ଶୁକ୍ରବାର ରୁଷିଆର ୟୁକ୍ରେନର ୬ଟି ଅଞ୍ଚଳରେ ଆକ୍ରମଣ କରିଥିଲା ଓ ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିବା ସହ ୮୦ଜଣ ଆହତ ହୋଇଥିଲେ।

## ସିନ୍ଧୁ ଜଳ ଚୁକ୍ତି: ଭାରତକୁ ୪ଟି ଚିଠି ପଠାଇଛି ପାକିସ୍ତାନ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ସିନ୍ଧୁ ଜଳ ଚୁକ୍ତିକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବାକୁ ପାକିସ୍ତାନ ଭାରତକୁ ୪ଟି ଚିଠି ଲେଖିଛି। ଏହି ୪ଟି ମଧ୍ୟରୁ ଗୋଟିଏ ଚିଠି ଅପରେସନ ସିନ୍ଦୂର ପରେ ପଠାଯାଇଛି ବୋଲି କୁହାଯାଇଛି। ପାକିସ୍ତାନର ଜଳ ସଂସାଧନ ମନ୍ତ୍ରଣାଳୟର ସଚିବ ସୟଦ ଅଲୀ ମୁର୍ତ୍ତଜା ଏହି ଚିଠି ଭାରତ ଜଳ ଶକ୍ତି ମନ୍ତ୍ରଣାଳୟକୁ ପଠାଇଛନ୍ତି। ଏହାପରେ ଏହି ଚିଠିଗୁଡିକୁ ବୈଦେଶିକ ମନ୍ତ୍ରଣାଳୟକୁ ପଠାଇ ଦିଆଯାଇଥିଲା। ପାଣି ଦେବାକୁ ପାକିସ୍ତାନ ଏହି ଚିଠିଗୁଡିକରେ ଅନୁରୋଧ କରିଛି। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ରୁ ହୋଇଥିବା ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଏହି ସନ୍ଧି ଅନୁସାରେ ପାକିସ୍ତାନକୁ ୮୦ ପ୍ରତିଶତ ଜଳ ମିଳୁଥିଲା।

## ବାଂଲାଦେଶ ନିର୍ବାଚନକୁ ପ୍ରତ୍ୟାଖ୍ୟାନ କଲା ବିଏନ୍‌ପି

ଢ଼ାକା, ୭।୬(ଏଜେନ୍ସି): ବାଂଲାଦେଶ ମୁଖ୍ୟ ଉପଦେଷ୍ଟା ତଥା କାମଚଳା ସରକାର ମୁଖ୍ୟ ମହମ୍ମଦ ୟୁନୁସ ଗୁରୁବାର ନିର୍ବାଚନ ତାରିଖ ଘୋଷଣା କରିଥିଲେ। ତେବେ ଏହାକୁ ବାଂଲାଦେଶ ନ୍ୟାସାନାଲିଷ୍ଟ ପାର୍ଟି (ବିଏନ୍‌ପି) ପ୍ରତ୍ୟାଖ୍ୟାନନ କରିଛି। ଏହି ନିର୍ବାଚନ ଆସନ୍ତା ୨୦୨୬ ଏପ୍ରିଲ ହେବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ନିର୍ବାଚନ ତାରିଖରେ ବିଳମ୍ବ ହୋଇଛି ଓ ଏହା ଦେଶବାସୀଙ୍କୁ ନିରାଶ କରିଛି ବୋଲି ବିଏନ୍‌ପି ତରଫରୁ କୁହାଯାଇଛି। ନିର୍ବାଚନ ଡିସେମ୍ବର ପରେ ହେବା ଉଚିତ ନୁହଁ। ରାମଜାନ, ସ୍କୁଲ ପରୀକ୍ଷା ଓ ପାଣିପାଗ ଜନିତ ସମସ୍ୟା ରହିଥିବାରୁ ନିର୍ବାଚନ ପାଇଁ ଘୋଷିତ ହୋଇଥିବା ତାରିଖ ଗ୍ରହଣୀୟ ନୁହଁ। ପୁଣି ଡିସେମ୍ବରରେ କାହିଁକି ନିର୍ବାଚନ ହୋଇପାରିବ ନାହିଁ ସେ ନେଇ ୟୁନୁସ ସ୍ପଷ୍ଟ କରିବା ଉଚିତ ବୋଲି ବିଏସ୍‌ପିର ଜାତୀୟ ଷ୍ଟାଣ୍ଡିଂ କମିଟି ମୁଖ୍ୟ ତାରିକ ରହମାନ କହିଛନ୍ତି।

■ ରକ୍ତଚାପ ବଢ଼ିବା ଯୋଗୁଁ ସୋନିଆ ଅସୁସ୍ଥ

## ଚିକିତ୍ସା ପରେ ହସ୍ପିଟାଲରୁ ଫେରିଲେ



ସିମଳା, ୭।୬(ଏଜେନ୍ସି): ରକ୍ତଚାପ ବଢ଼ିବା କାରଣରୁ କଂଗ୍ରେସ ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସିମ୍‌ଲାର ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ (ଆଇଜିଏମ୍‌ସି)କୁ ଅଣାଯାଇଥିଲା। ସେଠାରେ ଏକ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରାଇଥିଲେ ଓ ସେ ପରେ ହସ୍ପିଟାଲରୁ ଫେରିଥିଲେ। ସେ ରୁଟିନ ଚେକ୍‌ଅପ୍ ପାଇଁ ଆସିଥିଲେ ବୋଲି ମେଡିକାଲ ସୁପରିଟେଣ୍ଡେଣ୍ଟ ଡା ରାହୁଲ ରାଓ କହିଛନ୍ତି। କିଛି ସାମାନ୍ୟ ସ୍ୱାସ୍ଥ୍ୟଗତ କାରଣ ଓ ଚେକ୍‌ଅପ୍ ପାଇଁ ତାଙ୍କୁ ହସ୍ପିଟାଲ ଅଣାଯାଇଥିଲା ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ଖୁସ୍‌ବୁଙ୍କ ପ୍ରିନ୍ସପାଲ ମିଡିଆ ଆଡଭାଇଜର ନରେଶ ଚୌହାନ କହିଛନ୍ତି। ଉଲ୍ଲେଖଥାଉ କି, ଜୁନ୍ ୨ରେ ସୋନିଆ ସିମଳା ଆସିଥିଲେ। ସ୍ଥାନୀୟ ଛରାବଡ଼ାରେ ଥିବା ଝିଅ ପ୍ରିୟଙ୍କା ଗାନ୍ଧୀଙ୍କ ଫାର୍ମ ହାଉସ୍‌ରେ ରହୁଥିଲେ। ପ୍ରିୟଙ୍କା ପୂର୍ବରୁ ୨ ସପ୍ତାହ ପୂର୍ବରୁ ଏଠାକୁ ଆସିଛନ୍ତି। ଗ୍ରୀଷ୍ମରେ ସିମ୍‌ଲାକୁ ଛୁଟି କାଟିବା ପାଇଁ ଗାନ୍ଧୀ ପରିବାର ଏଠାକୁ ଆସିଥାନ୍ତି। ଏହି ଫାର୍ମ ହାଉସ ସିମ୍‌ଲାଠାରୁ ୧୩ କିମି ଦୂରରେ ଅବସ୍ଥିତ। ଗତ ୨୦୨୪ ମାର୍ଚ୍ଚରେ ମଧ ସୋନିଆଙ୍କ ସ୍ୱାସ୍ଥ୍ୟ ବିଗିଡିଥିଲା। ସେହିପରି ୨୦୨୨ରେ ସେ କରୋନା ସଂକ୍ରମଣ କାରଣରୁ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ।

# ହସ୍ପିଟାଲରେ ସତ୍ୟପାଲ ମଲିକ୍‌ଙ୍କ ସ୍ଥିତି ଗମ୍ଭୀର



ନୂଆଦିଲ୍ଲୀ, ୭।୬(ଏଜେନ୍ସି): ମେ ୧୧ରୁ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜମ୍ମୁ-କଶ୍ମୀର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଛି। ତାଙ୍କ ଅବସ୍ଥା ଏବେ ଗମ୍ଭୀର। ଜମ୍ମୁ-କଶ୍ମୀରର କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସହିତ ଜଡିତ ଦୁର୍ନୀତି ମାମଲାରେ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବା ପରେ ସେ ମୁହଁ ଖୋଲିଛନ୍ତି। ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ବେଶ୍ ଭାବପ୍ରବଣ ହୋଇ ପୋଷ୍ଟ କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ସବୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଗତ ମାସେ ହେବ ହସ୍ପିଟାଲରେ ଭର୍ତ୍ତି ହୋଇଛି ଓ କିଡ୍‌ନୀ ଜନିତ ସମସ୍ୟା ଦେଇ ଗତି କରୁଛି। ପହରଦିନ ଠିକ୍ ଥିଲି, କିନ୍ତୁ ଆଜି ପୁଣି ଆଇସିୟୁରେ ଭର୍ତ୍ତି ହୋଇଛି। ବେଳକୁ ବେଳ ସ୍ୱାସ୍ଥ୍ୟାବସ୍ଥାନ ଗମ୍ଭୀର ହେବାରେ ଲାଗିଛି। କାଲି ଦୁନିଆରେ ଥିବି କି ନ ଥିବି, ସେଥିପାଇଁ ଦେଶବାଶୀଙ୍କୁ ସତ କଥା କହିବାକୁ ଚାହୁଁଛି। ମୋ ପାଖରେ ଅର୍ଥ ଥିଲେ ଘରୋଇ ହସ୍ପିଟାଲରେ ନିଜର ଚିକିତ୍ସା କରାଇଥାନ୍ତି। ଯେଉଁ ମାମଲାରେ ମୋତେ ଫସାଯାଉଛି, ସେହି ଟେଣ୍ଡରକୁ ଅକାମୀ କରିଥିଲି। ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲି। ରାଜ୍ୟପାଳ ଥିବା ବେଳେ ମୋତେ ୧୫୦ କୋଟି ଟଙ୍କାର ଲାଞ୍ଚ ଯଚାଯାଇଥିଲା। କିନ୍ତୁ ଏହାକୁ ଗ୍ରହଣ କରି ନଥିଲି। ଚାଷୀ ଆନ୍ଦୋଳନ ଚାଲିଥିବା ବେଳେ ବିନା ରାଜନୈତିକ ଅଭିସନ୍ଧିରେ ଚାଷୀଙ୍କର ଦାବିକୁ ଗୁରୁତ୍ୱ ଦେଇଥିଲି। ସେହିପରି ମହିଳା ମୁଷ୍ଟିଯୋଦ୍ଧା ଆନ୍ଦୋଳନରେ ମଧ ସେମାନଙ୍କୁ ସମର୍ଥନ କରିଥିଲି। ସେହିପରି ପୁଲୱାମା ମାମଲାରେ

### ଆଇସିୟୁରୁ ଭାବପୂର୍ଣ୍ଣ ପୋଷ୍ଟ

ସହିଦ ସୈନ୍ୟଙ୍କ କଥା ଉଠାଇଥିଲି। ତେଣୁ ସରକାର ମୋ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି। କିନ୍ତୁ ମୁଁ ଡରିବା କିମ୍ବା ମୁଣ୍ଡ ନଇଁବା ଲୋକ ନୁହଁ। ସରକାର ମୋତେ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ଗତ ମେ ୨୨ରେ ସିବିଆଇ ସତ୍ୟପାଲଙ୍କ ସହ ଆଉ ୫ଜଣଙ୍କ ବିରୋଧରେ କିରୁ ହାଇଡ୍ରୋପାୱାର ପ୍ରୋଜେକ୍ଟ ସହିତ ଜଡିତ ଦୁର୍ନୀତି ମାମଲାରେ ଚାର୍ଜସିଟ୍ ଦାଖଲ କରିଥିଲା। ଏଥିରେ ପାଖାପାଖି ୨, ୨୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ଅନୁମାନ କରାଯାଉଛି।

# ମହାରାଷ୍ଟ୍ରରେ ବିଜେପି ଅନୈତିକ ଉପାୟରେ ନିର୍ବାଚନ ଜିତିଛି: ରାହୁଲ



ନୂଆଦିଲ୍ଲୀ, ୭।୬(ଏଜେନ୍ସି): ୨୦୨୪ରେ ମହାରାଷ୍ଟ୍ରରେ ହୋଇଥିବା ନିର୍ବାଚନ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପୁଣି ମୁହଁ ଖୋଲିଛନ୍ତି। ବିଜେପି ଏହି ନିର୍ବାଚନରେ ଅନୈତିକ ଉପାୟ ଅବଲମ୍ବନ କରି ବିଜୟୀ ହୋଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଏକ ସ୍ତମ୍ଭ ଲେଖି ରାହୁଲ ନିଜର ମତ ରଖିଛନ୍ତି। ମହାରାଷ୍ଟ୍ରରେ ବିଜେପି ଓ ତା'ର ସହଯୋଗୀ ଦଳଗୁଡିକ ବିଜୟୀ ହେବାକୁ ୫ଟି ପର୍ଯ୍ୟାୟରେ ପ୍ରାକ୍ ପ୍ରସ୍ତୁତି କରିଥିଲେ। ମହାରାଷ୍ଟ୍ର ଭଳି ଏଥର ବିହାରରେ ମଧ ମ୍ୟାଚ୍ ଫିକ୍ସିଂ କରାଯିବ। ପୁଣି ବିଜେପି ହାରିବାର ଆଶଙ୍କା ଥିବା ରାଜ୍ୟଗୁଡିକରେ ଏହି ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନ ନିଯୁକ୍ତି ଆଇନ ମାଧ୍ୟମରେ କମିଶନରେ ନିଯୁକ୍ତି କରିବାକୁ ଥିବା କମିଟିରେ ମୁଖ୍ୟ ବିଚାରପତିଙ୍କ ବଦଳରେ କେନ୍ଦ୍ରୀୟମନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଉଛି। ଫଳରେ ନିରପେକ୍ଷତାକୁ ବଳି ଦିଆଯାଇ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ସରକାରଙ୍କ ନିୟନ୍ତ୍ରଣରେ ରହୁଛି। ରାହୁଲ୍ ଉଲ୍ଲେଖ କରିଛନ୍ତି ଯେ ମହାରାଷ୍ଟ୍ରରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଓଲଟପାଲଟ କରିବା ଲାଗି ଏନଡିଏ ପକ୍ଷରୁ ୫ ପର୍ଯ୍ୟାୟ ମଡେଲ ଗ୍ରହଣ କରାଯାଇଥିଲା। ସେଗୁଡିକ ହେଲା ନିର୍ବାଚନ କମିଶନଙ୍କ ନିଯୁକ୍ତି ପାଇଁ

### 'ବିହାରରେ ମଧ ମ୍ୟାଚ୍ ଫିକ୍ସିଂ ହେବ'

ପ୍ୟାନେଲରେ ରିଗିଂ। ଭୋଟର ତାଲିକାରେ ଜାଲ୍ ଭୋଟରଙ୍କୁ ସ୍ଥାନୀତ କରିବା। ଭୋଟର ଟର୍ଣ୍ଣଆଉଟକୁ ଅଧିକ ଦର୍ଶାଇବା। ବିଜେପିର ବିଜୟ ଆବଶ୍ୟକତା ହେଉଥିବା ସ୍ଥାନରେ ଜାଲ୍ ଭୋଟରଙ୍କୁ ସ୍ଥାନୀତ କରିବା ଏବଂ ପ୍ରମାଣଗୁଡିକୁ ଅଗୋଚରରେ ରଖିବା। ଯାହା ଫଳରେ ଏହି ନିର୍ବାଚନରେ ମହାବିକାଶ ଅଘାଡ଼ିର ଶୋଚନୀୟ ପରାଜୟ ଘଟିଥିଲା।

କଂଗ୍ରେସ, ଶିବସେନା(ୟୁବିଟି) ଓ ଏନସିପି(ଏସପି) ମାତ୍ର ୫୦ ଆସନ ଜିଣିଥିଲେ। ରାହୁଲ କହିଛନ୍ତି ଏହି ନିର୍ବାଚନରେ ଛୋଟ ଧରଣର ଠକାମି ହୋଇ ନଥିଲା; ବରଂ ଜାତୀୟ ପ୍ରତିଷ୍ଠାନଗୁଡିକୁ କରାୟତ୍ତ କରିବାକୁ ବ୍ୟାପକ ରିଗିଂ ହୋଇଥିଲା। ପୂର୍ବରୁ ନିର୍ବାଚନ କମିଶନଙ୍କ ନିଯୁକ୍ତି ପ୍ରସଙ୍ଗରେ ମଧ କେନ୍ଦ୍ରକୁ ଟାର୍ଗେଟ କରି ଚର୍ଚ୍ଚାରେ ଥିଲେ ରାହୁଲ।

### ଅଭିଯୋଗ ଅମୂଳକ: କମିଶନ

ରାହୁଲଙ୍କ ଏଭଳି ଅଭିଯୋଗ ଅମୂଳକ ବୋଲି କହି ଖଣ୍ଡନ କରିଛନ୍ତି ନିର୍ବାଚନ କମିଶନ। ନିର୍ବାଚନ ହାରିବା ପରେ ଏଭଳି ଅଭିଯୋଗ ଆଣିବା ଠିକ୍ ନୁହଁ। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ସବୁକିଛି ତଥ୍ୟ ଉପଲବ୍ଧ। ତେଣୁ ବାରମ୍ବାର ଏଭଳି ଅଭିଯୋଗ ଆଣିବା ଦ୍ୱାରା ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଏହାଦ୍ୱାରା ଜନପ୍ରତିନିଧି ବଦ୍‌ନାମ ହେଉଛନ୍ତି। ଏଥିସହ ନିର୍ବାଚନ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରୁଥିବା କର୍ମଚାରୀଙ୍କ ଉତ୍ସାହ ମଧ କମିଯାଉଛି ବୋଲି ନିର୍ବାଚନ କମିଶନ କହିଛନ୍ତି। ଏ ନେଇ ମହାରଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବୀସ୍ ପ୍ରତିକ୍ରିୟାରେ କହିଛନ୍ତି, ରାହୁଲ ନିଜକୁ ମିଛ ଆଶ୍ୱାସନା ଦେଉଛନ୍ତି। ରାହୁଲଙ୍କ ସବୁ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

**ନିଜକୁ ମିଛ ଆଶ୍ୱାସନା ଦେଉଛନ୍ତି ରାହୁଲ: ଫଡ଼ନାବୀସ୍**

## ଜୈସ୍-ଇ- ମହମ୍ମଦକୁ ଶେଷ କରିବାକୁ ବିଲାୱଲ୍‌ଙ୍କୁ କହିଲେ ଆମେରିକା ସାଂସଦ

ୱାଶିଂଟନ, ୭।୬(ଏଜେନ୍ସି): ଆତଙ୍କବାଦୀ ସଂଗଠନ ଜୈସ୍-ଇ- ମହମ୍ମଦକୁ ସମ୍ପୂର୍ଣ୍ଣ ଭାବେ ଶେଷ କରିବାକୁ ଆମେରିକା ଯାଇଥିବା ପାକିସ୍ତାନ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଉଥିବା ବିଲାୱଲ ଭୁଟ୍ଟୋଙ୍କୁ ଆମେରିକା ସାଂସଦ ବ୍ରାଡ ସେରମନ କହିଛନ୍ତି। ସେହିପରି ପାକିସ୍ତାନରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସବୁପ୍ରକାର ପ୍ରୟାସ କରାଯିବା ଉଚିତ ବୋଲି ସାଂସଦ ବ୍ରାଡ୍ ସେରମନ କହିଛନ୍ତି। ସେହପରି କୁଖ୍ୟାତ ଆତଙ୍କବାଦୀ ଓସାମା ବିନ୍ ଲାଡେନର ଠିକଣା ଖୋଜିବାରେ ସହାୟତା ପ୍ରଦାନ କରିଥିବା ଡ. ସକିଲ ଅଖିଲ ଆଫ୍ରିଦିଙ୍କୁ ଜେଲ୍‌ରୁ ମୁକ୍ତ କରିବାକୁ ସେ ବିଲାୱଲଙ୍କୁ କହିଥିଲେ। ଆଫ୍ରିଦି ଗତ ୧୪ ବର୍ଷ ହେବ ଜେଲ୍‌ରେ ବନ୍ଦୀ ଅଛନ୍ତି। ଅପରେସନ ସିନ୍ଦୂର ପରେ ପାକିସ୍ତାନ ଭାରତକୁ ନକଲ କରି ୫ଟି ଦେଶକୁ ନିଜର ପ୍ରତିନିଧିମଣ୍ଡଳୀ ପଠାଇଛି। ଏହାର ନେତୃତ୍ୱ ନେଉଛନ୍ତି ବିଲାୱଲ।୨୦୦୨ରେ ୱାର୍ଲ୍ଡ ଷ୍ଟ୍ରିଟ୍ ଜର୍ନାଲର ଜଣେ ସାମ୍ବାଦିକ ଡାନିଏଲ ପର୍ଲଙ୍କ ହତ୍ୟାରେ ସମେତ ଆହୁରି କେତେକ ଘୃଣ୍ୟ ଘଟଣାରେ ଜୈସ୍- ଇ- ମହମ୍ମଦ ସାମିଲ ଥିଲା ବୋଲି ସେରମନ କହିଛନ୍ତି। ପାକିସ୍ତାନରେ ରହୁଥିବା ହିନ୍ଦୁ, ଖ୍ରୀଷ୍ଟିଆନ ଓ ଅହମ୍ମଦିଆ ସମ୍ପ୍ରଦାୟର ଲୋକଙ୍କୁ ଉପରେ ଅକଥନୀୟ ଅତ୍ୟାଚାର କରାଯାଉଛି। ତେଣୁ ଏମାନଙ୍କ ସୁରକ୍ଷା ଦେବାକୁ ଉପରେ ପାକିସ୍ତାନ ଗୁରୁତ୍ୱର ସହ ବିଚାର କରିବା ଉଚିତ ବୋଲି ସେ କହିଛନ୍ତି।

## ପୁଲିସକୁ ସତର୍କ କଲା ଗୁଇନ୍ଦା ବିଭାଗ

# ମଜଭୁତ ସଂଗଠନ ରଣନୀତିରେ ଲାଲ୍‌ବାହିନୀ



■ ସମ୍ବଲପୁର ଜିଲ୍ଲାରେ ପୁଣି ସକ୍ରିୟ ହେଲେଣି ମାଓବାଦୀ
■ ସୀମାନ୍ତରେ ଅପରେସନ୍ ଜୋର୍‌ଦାର୍ କରିବାକୁ ପରାମର୍ଶ

ଭୁବନେଶ୍ୱର,୭।୬(ସମିସ): ଛତିଶଗଡ଼ରେ ଘନଘନ ମାଓ ଏନ୍‌କାଉଣ୍ଟ ପରେ ଦୁର୍ବଳ ହୋଇପଡିଛି ମାଓବାଦୀ ସଂଗଠନ। ତେଣୁ ସେମାନେ ଓଡ଼ିଶାରେ ନିଜର ସ୍ଥିତି ମଜଭୁତ କରିବା ପାଇଁ ନୂଆ ରଣନୀତି ପ୍ରସ୍ତୁତ କରୁଥିବା ଓଡ଼ିଶା ପୁଲିସକୁ ଗୁଇନ୍ଦା ବିଭାଗ ସତର୍କ କରାଇଥିବା ସୂଚନା ମିଳିଛି। ଏପରିକି ମାଓବାଦୀମାନେ ଓଡ଼ିଶାରେ ବଡ଼ଧରଣର ଅଘଟଣ ଘଟାଇବା ଲକ୍ଷ୍ୟରେ ସରଣ୍ଡା ଜଙ୍ଗଲରେ ବିସ୍ଫୋରକ ଲୁଟ୍ କରିଥିଲେ। ପୁଲିସ କିଛି ପରିମାଣର ବିସ୍ଫୋରକ ଜବତ କରିଥିଲେ ମଧ୍ୟ ଆହୁରି କିଛି ସେମାନଙ୍କ କବ୍‌ଜାରେ ରହିଛି। ତେଣୁ ଏହି ବିସ୍ଫୋରକ ସାମଗ୍ରୀକୁ ବ୍ୟବହାର କରି ସେମାନେ କିଛି ବଡ଼ ଅଘଟଣ ଘଟାଇ ପାରନ୍ତି ବୋଲି ଗୁଇନ୍ଦା ବିଭାଗ ଆଶଙ୍କା ପ୍ରକାଶ କରିଛି।

ଗୁଇନ୍ଦା ବିଭାଗ ସୂଚନା ଦେଇଛି ଯେ ଓଡ଼ିଶାରେ ଟପ୍ ମାଓ କ୍ୟାଡର୍ ପଦ ଫାଙ୍କା ପଡ଼ିଥିବାରୁ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ୀ ମାଓବାଦୀ ଓଡ଼ିଶାର ମଙ୍ଗ ସମ୍ଭାଳିବେ। ତେଣୁ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଅଞ୍ଚଳରେ ଆର୍ଲର୍ଟ ରହିବା ସହ ଡ୍ରୋନ୍ ମାଧ୍ୟମରେ ନଜର ରଖିବାକୁ କୁହାଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ ଆଗକୁ ମାଓବାଦୀ ସଦସ୍ୟ ସଂଗ୍ରହ ରତୁ ଆସୁଛି। ତେଣୁ ଆଦିବାସୀ ଅଧ୍ୟୁଷିତ ଗ୍ରାମକୁ ଯାଇ ଲୋକଙ୍କୁ ଚାକିରି ଆଳରେ ମିଛ କଥା କହି ସଂଗଠନରେ ସାମିଲ କରିବେ। ତେଣୁ ଗ୍ରାମବାସୀଙ୍କୁ ସଚେତନ କରିବା ପାଇଁ ମଧ୍ୟ କୁହାଯାଇଛି।

ଏଥିସହ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ମାଓ ଗତିବିଧି ବଢ଼ିଥିବା ସନ୍ଦେହ କରାଯାଉଛି। ସୋନପୁର, ବୌଦ୍ଧ, ରେଢ଼ାଖୋଲର ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବା ଗୁଇନ୍ଦା ସୂଚନା ମିଳିଛି। ପୂର୍ବରୁ ସମ୍ବଲପୁରରେ ମାଓବାଦୀଙ୍କ ଗତିବିଧି ଥିବା ବେଳେ ଦୀର୍ଘ ବର୍ଷ ହେବ ମାଓବାଦୀଙ୍କୁ ଦେଖିବାକୁ ମିଳି ନ ଥିଲା। ଏବେ ଛତିଶଗଡ଼ରେ ଲଗାତର ମାଓ ଏନ୍‌କାଉଣ୍ଟରରେ ଅନେକ ମାଓବାଦୀ ନିହତ ହୋଇଛନ୍ତି। ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଥିବାରୁ ମାଓବାଦୀମାନେ ସମ୍ବଲପୁର ଆଡ଼କୁ ଅଗ୍ରସର ହେଉଥିବା ଗୁଇନ୍ଦା ସୂଚନା ପାଇ ଏଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ଓଡ଼ିଶା ପୁଲିସକୁ କହିଛି।

### ଚାରମାଳ ଜଙ୍ଗଲରେ କମ୍ବିଂ

ସମ୍ବଲପୁର, ୭।୬ (ସମିସ): ସମ୍ବଲପୁର ଜିଲ୍ଲା ଚାରମାଳ ଓ ନାକଟିଦେଉଳ ଅଞ୍ଚଳ ଜଙ୍ଗଲରେ ଏସ୍‌ଓଜି ପକ୍ଷରୁ କମ୍ବିଂ ଅପରେସନ୍ ଚାଲିଥିବା ସୂଚନା ମିଳିଛି। ଛତିଶଗଡ଼ରେ ନିୟମିତ ଅପରେସନ୍ ଓ ଏନ୍‌କାଉଣ୍ଟର୍ ଯୋଗୁଁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଏଠାକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ତେବେ, ଗୋପନୀୟତା ଦୃଷ୍ଟିରୁ ଏ ସଂପର୍କରେ ପୁଲିସ୍ ଅଧିକ କିଛି ତଥ୍ୟ ଦେବାକୁ ମନା କରିଦେଇଛି।

୨୦୦୧ ମସିହାରେ ମାଓବାଦୀମାନେ ସମ୍ବଲପୁର ଜିଲ୍ଲାକୁ ପଶି ଆସିଥିଲେ। ମେଘପାଳ, ଟାମ୍ପରସିଂହା ଆଦି ଅଞ୍ଚଳରେ ସେମାନଙ୍କ ଗତିବିଧି ଧୀରେଧୀରେ ବୃଦ୍ଧି ପାଇଥିଲା। ପରେ ୨୦୦୩ ମସିହାରେ ମାଓବାଦୀମାନେ ଟାମ୍ପରଗଡ଼ର ପୂର୍ବତନ ସରପଞ୍ଚ କାଦର ସିଂଙ୍କୁ ହତ୍ୟା କରି ଆତଙ୍କ ସୃଷ୍ଟି କରିଥିଲେ। ସେତେବେଳେ ଏହି ଅଞ୍ଚଳକୁ ସମ୍ବଲପୁର-ଦେବଗଡ଼-ସୁନ୍ଦରଗଡ଼ ମାଓ କରିଡର୍ ବୋଲି କୁହାଯାଉଥିଲା। ତେବେ, ଗତ କିଛି ବର୍ଷ ହେବ ସମ୍ବଲପୁରରେ ମାଓ ଗତିବିଧି ଓ କାର୍ଯ୍ୟକଳାପ ପ୍ରାୟତଃ ବନ୍ଦ ହୋଇଯାଇଛି। ସମ୍ପ୍ରତି ଛତିଶଗଡ଼ରୁ ଛତ୍ରଭଙ୍ଗ ଦେଇ ମାଓବାଦୀମାନେ ସମ୍ବଲପୁରକୁ ଆସିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

## ଜୁଆ ଖେଳରୁ ଗଡ଼ିଲା ମୁଣ୍ଡ



ସୁନ୍ଦରଗଡ଼, ୭।୬ (ସମିସ): ଲେଫ୍ରିପଡ଼ା ଥାନାଅନ୍ତର୍ଗତ ରାଏଡିହି ସଂରକ୍ଷିତ ଜଙ୍ଗଲରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ହେମଗିରି ଥାନା ଅନ୍ତର୍ଗତ ବିହାଜୋର ଗ୍ରାମର ରଙ୍କନିଧି ଓରାମ(୪୩)। ପୁଲିସ୍ ଘଟଣାସ୍ଥଳରୁ ତାଙ୍କ ଶବ ଜବତ କରି

**ରାଏଡିହି ସଂରକ୍ଷିତ ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର**

ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ରଙ୍କନିଧିଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପୁଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶବ ପାଖରୁ କିଛି ତାସ୍ ମୁଠା, ମଦ ବୋତଲ, ସିଗାରେଟ୍ ଆଦି ଜବତ ହୋଇଥିବାରୁ ଜୁଆ ଖେଳକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସ ତନାଘନା ଚଳାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି କିଛି ସ୍ଥାନୀୟ ଲୋକ ପୁଲିସ୍‌କୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ଲେଫ୍ରିପଡ଼ା ପୁଲିସ୍ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତା ନୂତନ ସାମଦ, ସଦର ଏସ୍‌ଡିପିଓ ନିର୍ମଳ ମହାପାତ୍ର ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିଲେ। ଏହି ଜଙ୍ଗଲରେ ରୀତିମତ ଜୁଆ ଖେଳ ହେଉଥିବା ଓ ଘଟଣାସ୍ଥଳରୁ ତାସ ମୁଠା ଜବତ ହୋଇଥିବାରୁ ଜୁଆ ଖେଳରୁ ହତ୍ୟାକାଣ୍ଡ ସଂଘଟିତ ହୋଇଥିବା ସ୍ପଷ୍ଟ ହୋଇଛି।

### ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

## ୨୦ରେ ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର,୭।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୧୨ ପରିବର୍ତ୍ତେ ୨୦ ତାରିଖରେ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସ ୧୨ ତାରିଖରେ ବିଜେପି ସରକାରଙ୍କୁ ପ୍ରଥମ ବର୍ଷ ପୂର୍ତ୍ତି ହେଉଛି। ଏହି ଅବସରରେ ଜୁନ ୧୨ରୁ ୨୦ ତାରିଖ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟସ୍ତରରୁ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥାଗୁଡ଼ିକରେ ରାଜ୍ୟ ସରକାରଙ୍କ ଗତ ଏକ ବର୍ଷର ଉପଲବ୍ଧିକୁ ନେଇ ବିଶେଷ କାର୍ଯ୍ୟକ୍ରମମାନ ଧାର୍ଯ୍ୟ ହୋଇଛି। ବିଜେପି ପକ୍ଷରୁ ହେଉଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ବିଜେପିର ଅନ୍ୟ ଶୀର୍ଷ କେନ୍ଦ୍ରୀୟ ନେତୃତ୍ୱ ମଧ୍ୟ ଓଡ଼ିଶା ଆସିପାରନ୍ତି ବୋଲି ଜଣାପଡ଼ିଛି।

### ରଥ ଖଳାରୁ....



ରଥ ଉପରକୁ ଉଠିଲା ଚାରିନାହାକା

■ ମାହାଙ୍ଗାରେ ଚାଞ୍ଚଲ୍ୟ

## ଏକାଠି ଝୁଲିପଡ଼ିଲେ ପ୍ରେମୀଯୁଗଳ



କଟକ, ୭।୬ (ସମିସ): ମାହାଙ୍ଗା ଥାନା ଅଞ୍ଚଳରେ ଏକ ବନ୍ଦ ଘରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ଉଦ୍ଧାର ହେବା ଘଟଣା ଆଜି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ସାଲେପୁର ଥାନା ବାଲିସାହି ପଞ୍ଚାୟତ ମାଛୁଆତି ଗ୍ରାମର ଚିନ୍ମୟୀ ଭୋଇ(୨୫) ଓ ରାମକୃଷ୍ଣପୁର ପଞ୍ଚାୟତ ବାଲିସିମଳା ଗ୍ରାମର ଦେବେନ୍ଦ୍ର ମୁଣ୍ଡା (୨୫)। ମାହାଙ୍ଗା ପୁଲିସ୍ ଦୁହିଁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁହେଁ ପଲ୍ଲିସାହି ପଞ୍ଚାୟତ ଖନ୍ଦୋଳ ଗ୍ରାମର କ୍ଷୀରୋଦ ଲେଙ୍କାଙ୍କ ଘରକୁ ୪ଦିନ ତଳେ ଭଡ଼ା ସୂତ୍ରରେ ନେଇ ସେଠାରେ ରହିଆସୁଥିଲେ। ତେବେ କେଉଁ କାରଣରୁ ଦୁହେଁ ଏଭଳି ଏକ ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ। ପୁଲିସ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି।

**ବନ୍ଦ ଘରୁ ଶବ ଜବତ**

ସୂଚନାନୁଯାୟୀ, ଚିନ୍ମୟୀ ସ୍ଥାନୀୟ ରାଇସୁଙ୍ଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଦେବେନ୍ଦ୍ରଙ୍କ ସହ ଦୀର୍ଘ ଦିନ ଧରି ତାଙ୍କର ପ୍ରେମ ସମ୍ପର୍କ ରହିଥିଲା। ୪ ଦିନ ତଳେ ସେମାନେ ଖନ୍ଦୋଳ ଗ୍ରାମରେ ଏକ ଘରଭଡ଼ା ନେଇ ରହି ଆସୁଥିଲେ। ତେବେ ଆଜି ଉକ୍ତ ଭଡ଼ା ଘରୁ ଦୁର୍ଗନ୍ଧ ଆସିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ହୋଇଥିଲା। ଘର ମାଲିକ କ୍ଷୀରୋଦ ଲେଙ୍କାଙ୍କ ଝିଅ ଜୁଲି କବାଟ ବାଡ଼େଇ ଡାକିଥିଲେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳିନଥିଲା। ତେଣୁ ପୁଲିସ୍‌କୁ ଖବର ଦିଆଯାଇଥିଲା। ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନଙ୍କ ଉପସ୍ଥିତିରେ ମାହାଙ୍ଗା ପୁଲିସ୍ କବାଟ ଓ ଝରକା ତାଡ଼ି ଘର ଭିତରେ ପଶିଥିଲା। ସେଠାରେ ପଙ୍ଖାରେ ଦୁଇଜଣ ଶାଢ଼ି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା।

### ରାହୁଲ ଗାନ୍ଧୀଙ୍କୁ 'ଦେଶଦ୍ରୋହୀ' ମନ୍ତବ୍ୟ

## ସାଂସଦ ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହ



ଡେଲାଙ୍ଗ, ୭।୬(ସମିସ): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ ଡେଲାଙ୍ଗ ବ୍ଲକ୍ କଂଗ୍ରେସ କର୍ମୀମାନେ ଆଜି ପୁରୀ ଲୋକସଭା ସାଂସଦ ଡ. ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ବ୍ଲକ୍ କଂଗ୍ରେସ ସଂଯୋଜକ ନିର୍ମଳ କୁମାର ପରିଡ଼ାଙ୍କ ନେତୃତ୍ୱରେ ଡେଲାଙ୍ଗ ହାଟ ଛକଠାରେ ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ଗୁଣନିଧି ପ୍ରଧାନ, ଅଶ୍ରୁମୋଚନ ପ୍ରଧାନ, ଇସରାର୍ ମହମ୍ମଦ, ଇନା ମହମ୍ମଦ, ସଲିମ୍ ମହମ୍ମଦ ଏବଂ ବିକ୍ରମ ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟ ବରିଷ୍ଠ କଂଗ୍ରେସ କର୍ମୀ ଯୋଗଦେଇ ସାଂସଦ ଡ. ପାତ୍ରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ବାଲିପଡ଼ିଆଠାରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ସାଂସଦ ଡ. ସମ୍ବିତ ପାତ୍ର ରାହୁଲ ଗାନ୍ଧୀଙ୍କୁ ଦେଶଦ୍ରୋହୀ କହିବା ସହ ତାଙ୍କ ପରିବାରକୁ ଚୀନ୍ ଓ ପାକିସ୍ତାନରୁ ଟଙ୍କା ମିଳୁଥିବା ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହି ବିବାଦୀୟ ମନ୍ତବ୍ୟକୁ ନେଇ ବିଭିନ୍ନ ସ୍ଥାନରେ ସାଂସଦ ଡ. ପାତ୍ରଙ୍କୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଉଛି। ସେହିପରି ପିପିଲି ଥାନାରେ ସାଂସଦଙ୍କ ବିରୋଧରେ ଅଭିଯୋଗ ଦିଆଯିବା ସହ ପିପିଲିସ୍ଥିତ ଜେଏମ୍‌ଏଫ୍‌ସି କୋର୍ଟରେ ଏକ ମାମଲା ଦାୟର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକଙ୍କ ସମେତ ସାଂସଦ ଡ. ପାତ୍ର ସନ୍ଧ୍ୟା ସମୟରେ କୌଣସି ଏକ କାର୍ଯ୍ୟକ୍ରମରେ ଡେଲାଙ୍ଗ ହାଟ ବଜାର ଦେଇ ଯିବା ସମୟରେ ପୁଲିସ୍‌ର କଡ଼ା ସୁରକ୍ଷାବଳୟରେ ଯାଇଥିବା ଜଣାପଡ଼ିଛି।

## ବଜ୍ରପାତରେ ୩ ମହିଳା ଗୁରୁତର

ବୌଦ୍ଧ, ୭।୬(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ତାଳସରଡ଼ା ପଞ୍ଚାୟତ କଙ୍କଲାରେ ଶନିବାର ବଜ୍ରପାତରେ ୩ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ, ପିଙ୍କି ମହାକୁଡ଼, ବିଲ ଗୁରୁ ଓ ଲିପ୍‌ସା ବସ୍ତିଆ। ଏମାନେ ନିଜନିଜ ବିଲରେ କାମ କରି ଗାଁ ନିକଟ ମହାନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ବାଟରେ ବଜ୍ରପାତ ହୋଇଥିଲା ଏବଂ ଏଥିରେ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ପରିବାରଲୋକ ସେମାନଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

### ଶୈଳବାଳା ମହିଳା ମହାବିଦ୍ୟାଳୟରେ ଅଘଟଣ

## ଛ' ତାଲା ଉପରୁ ପଡ଼ି ଶ୍ରମିକ ମୃତ

କଟକ, ୭।୬ (ସମିସ): ଶୈଳବାଳା ମହିଳା ମହାବିଦ୍ୟାଳୟର ନିର୍ମାଣାଧୀନ ବିଲ୍ଡିଂର ଛାତରୁ ଖସି ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସୁଜୟ କୁମାର(୨୦)। ସେ ବିହାରର ବାସିନ୍ଦା। ମହାବିଦ୍ୟାଳୟରେ ନବନିର୍ମିତ କୋଠାର ୬ତାଲା ଉପରେ ଲୁହା ରଡ୍ ବାନ୍ଧୁଥିବା ବେଳେ ସେ ହଠାତ ତଳକୁ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ୟାଣ୍ଟନମେଣ୍ଟ ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି।

ପୁଲିସ୍ ସୂଚନାନୁସାରେ, ଆଜି ପୂର୍ବାହ୍ଣରେ ଶୈଳବାଳା କ୍ୟାମ୍ପସ୍‌ରେ ନୂଆ କରି ନିର୍ମାଣ ହେଉଥିବା କୋଠାର ୬ ମହଲା ଛାତ ପଡ଼ିବା ନିମେନ୍ତ ରଡ୍ ବନ୍ଧା ଯାଉଥିଲା। ସେଠାରେ ୨୦ରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଥିଲେ। ସୁଜୟ ଛାତ କଡ଼ରେ ଛିଡ଼ା ହୋଇ ରଡ୍ ବାନ୍ଧୁଥିବା ବେଳେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିଲା। ଏପରିକି, ସେ ଲାଇଫ୍ ଜ୍ୟାକେଟ୍ ବି ପିନ୍ଧି ନଥିଲେ। ତେବେ ପ୍ରବଳ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁଁ ସୁଜୟଙ୍କ ମୁଣ୍ଡ ବୁଲାଇ ଦେଇଥିଲା ଏବଂ ସେ ନିୟନ୍ତ୍ରଣ ହରାଇ ତଳକୁ ଖସି ପଡ଼ିଥିବା ପୁଲିସ ଅନୁମାନ କରୁଛି। ସମ୍ପୃକ୍ତ ଠିକାସଂସ୍ଥାର କୌଣସି କର୍ମଚାରୀ ଓ ସୁପରଭାଇଜର୍ ଘଟଣାସ୍ଥଳକୁ ଆସିନଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଯତୀନ୍ଦ୍ରନାଥ ସେଠୀ କହିଛନ୍ତି।

### ବିପଦପୂର୍ଣ୍ଣ ସମୁଦ୍ର ସ୍ନାନ

## ଗାଧୋଇବା ବେଳେ ଭାସିଗଲେ ୭ ଛାତ୍ର

ପାରାଦୀପ, ୭।୬(ସମିସ): ପାରାଦୀପ ସମୁଦ୍ରରେ ଆଜି ଏକ ଅଘଟଣ ଘଟିଛି। ଲାଇଟ୍‌ହାଉସ୍ ନିକଟ ବେଳାଭୂମିରେ ଗାଧୋଇବା ବେଳେ ୭ ଛାତ୍ର ଭାସି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ୬ଜଣ କୂଳକୁ ଚାଲି ଆସିଥିବା ବେଳେ ଜଣେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ରଜଣଙ୍କ ହେଲେ, ଏସ୍. କେ. ଅମନ (୨୦)। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲାରେ। ମେରାଇନ୍ ପୁଲିସ୍ ଓ ଅଗ୍ନିଶମ ବାହିନୀ ସମୁଦ୍ରରେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ସଂଧ୍ୟା ପର୍ଯ୍ୟନ୍ତ ତାଙ୍କ ପତ୍ତା ମିଳିପାରିନାହିଁ।

ସୂଚନାନୁଯାୟୀ, ଇଦ୍ ଅବସରରେ ସମୂହ ନମାଜ ପାଠ କରିବା ପରେ ଅମନ ଓ ତାଙ୍କର ୬ସାଙ୍ଗ ପାରାଦୀପ ବୁଲି ଆସିଥିଲେ। ସେମାନେ ଲାଇଟ୍ ହାଉସ୍ ନିକଟ ବେଳାଭୂମିରେ ଗାଧୋଇବା ବେଳେ ହଠାତ୍ ଏକ ଲହଡ଼ି ସମସ୍ତଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା। ସୌଭାଗ୍ୟକୁ ୬ଜଣ କୂଳକୁ ଫେରି ଆସିଥିବା ବେଳେ ଅମନଙ୍କର କିନ୍ତୁ ପତ୍ତା ମିଳିନଥିଲା। ଏ ସଂପର୍କରେ ଖବର ପାଇ ମେରାଇନ ପୁଲିସ, ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

**କୂଳକୁ ଫେରିଲେ ୬, ଜଣେ ନିଖୋଜ**

ଉଲ୍ଲେଖଯୋଗ୍ୟ, ବେଳାଭୂମିରେ ପର୍ଯ୍ୟଟକଙ୍କ ଗାଧୋଇବା ପାଇଁ ସମ୍ପୂର୍ଣ୍ଣ ବାରଣ ରହିଛି। ଏଥିପାଇଁ ମେରାଇନ୍ ପୁଲିସ୍ ମଧ୍ୟ କୂଳରେ ଜଗି ରହୁଛି। କିନ୍ତୁ ଏହାସତ୍ତ୍ୱେ ସେମାନେ କେମିତି ଓ କେଉଁ ପରିସ୍ଥିତିରେ ଗାଧୋଇବା ପାଇଁ ଗଲେ, ସେନେଇ ପ୍ରଶ୍ନ ଉଠିଛି। ପୁଲିସ ସମୁଦ୍ର କୂଳରେ ପଇନ୍ତରା ମାରିବା ସହ ଗାଧୋଇବାକୁ ବାରଣ କରିଥିଲେ ଆଜି ଏଭଳି ଅଘଟଣ ଘଟି ନ ଥା'ନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲ୍ଲା ପ୍ରଶାସନ ସମୁଦ୍ର କୂଳରେ ସୂଚନା ଫଳକ ଲଗାଇବାକୁ ଦାବି ହେଉଛି।

### ରଥର ଅଂଶ ବିକ୍ରି ନିମନ୍ତେ ନୂଆ ଦର ଧାର୍ଯ୍ୟ

# ନନ୍ଦିଘୋଷ ଚକ ୩ ଲକ୍ଷ, ତାଳଧ୍ୱଜ ୨ ଲକ୍ଷ

ପୁରୀ,୭।୬(ସମିସ): ମହାପ୍ରଭୁଙ୍କ ରଥର ବିଭିନ୍ନ ଅଂଶ ବିକ୍ରି ପାଇଁ ନୂଆ ଦର ଧାର୍ଯ୍ୟ କରିଛି ଶ୍ରୀମନ୍ଦିର ପ୍ରଶାସନ। ଯେହେତୁ ଚତୁର୍ଦ୍ଧାବିଗ୍ରହ ଏହି ରଥରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି ଏବଂ ବାହୁଡ଼ାରେ ପୁଣି ଶ୍ରୀମନ୍ଦିର ଫେରନ୍ତି ତେଣୁ ରଥର ବିଭିନ୍ନ ଅଂଶକୁ ନେବା ପାଇଁ ଭକ୍ତଙ୍କ ମଧ୍ୟରେ ବିଶେଷ ଆଗ୍ରହ ରହିଥାଏ। ଏହାକୁ ନଜରରେ ରଖି ମନ୍ଦିର ପ୍ରଶାସନ ଦର ଧାର୍ଯ୍ୟ କିଛି।

ନୂଆ ଧାର୍ଯ୍ୟ ଦର ଅନୁଯାୟୀ, ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥର ଚକ ପିଛା ଦାମ୍ ୩ ଲକ୍ଷ ଟଙ୍କା ରହିଛି। ସେହିପରି ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ରହିଥିବାବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଚକ ପିଛା ଦାମ୍ ରହିଛି ୧.୫ ଲକ୍ଷ ଟଙ୍କା। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ୧୫ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ପ୍ରଭା ପିଛା ଦାମ୍



ରହିଛି ୨୫ ହଜାର ଟଙ୍କା। ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ କିଣିଲେ ୬ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। କୌଣସି ସାମଗ୍ରୀ କିଣିବାକୁ ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରିବା ପାଇଁ କୁହାଯାଇଛି। ଆବେଦନ ପାଇଁ ହଜାରେ ଟଙ୍କା ଦେବାକୁ ପଡ଼ିବ। ରଥ ଉପକରଣ କିଣିବା ନିମନ୍ତେ ଆଲର୍ଟ ହେବା ପରେ ଆବେଦନକାରୀ ସପ୍ତାହେ ମଧ୍ୟରେ ଅର୍ଥରାଶି ଜମା କରିବେ। ଧାର୍ଯ୍ୟ ସମୟରେ ଟଙ୍କା ଜମା କରିବାକୁ ବିଫଳ ହେଲେ ପରବର୍ତ୍ତୀ ଆବେଦନକାରୀଙ୍କୁ ଆଲର୍ଟ କରାଯିବ। ଗତ ୨୭ ତାରିଖରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ସଂଶୋଧିତ ଏସ୍‌ଓପି ଜାରି କରିଛନ୍ତି।

**ଦର୍ପଦଳନର ଚକ ପିଛା ଦର ୧.୫ ଲକ୍ଷ**

ପ୍ରତିବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ନୂତନ ଭାବେ ତିନିରଥ ପ୍ରସ୍ତୁତ ହୋଇଥାଏ। ଯାତ୍ରା ଶେଷ ପରେ ରଥଗୁଡ଼ିକ ଖୋଲାଯାଏ। ତିନିରଥରୁ ୪୨ଟି ଚକ(ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ସହିତ ଅନ୍ୟାନ୍ୟ ଅଂଶ ବାହାରିଥାଏ, ଯାହାକୁ ନେବା ପାଇଁ ଭକ୍ତ ଆଗ୍ରହ ପ୍ରକାଶ କରନ୍ତି। ଏହି ଆଗ୍ରହ କିଛିବର୍ଷ ହେବ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ୧୯୯୬ ଥିଲା ନବକଳେବର ବର୍ଷ। ସେହିବର୍ଷ କୋଟି କୋଟି ଭକ୍ତ ବୈଦ୍ୟୁତିକ ଗଣମାଧ୍ୟମରେ ଦେଖିଲେ ନବକଳେବର ଯାତ୍ରା ଓ ଜାଣିଲେ ଏହାର ମାହାତ୍ମ୍ୟ। କହିବାକୁ ଗଲେ ସେହି ବର୍ଷଠାରୁ ପୁରୀକୁ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଲା। ସେହି ବର୍ଷରୁ କେବଳ ଭକ୍ତ ବଢ଼ିଲେ ନାହିଁ ରଥ ଚକ ଏବଂ ଅନ୍ୟାନ୍ୟ କିଛି ଅଂଶର ମହତ୍ତ୍ୱ ବଢିଲା। ରଥଚକ ଗୁଣ୍ଡିଚା ମନ୍ଦିରରେ ରଖାଗଲା। କିଛି ବର୍ଷ ପରେ ଶ୍ରୀମନ୍ଦିର ସହ ସମ୍ପର୍କିତ ସ୍ଥାନ ଓ ମନ୍ଦିରକୁ ରଥ ଚକ ପ୍ରଦାନ ହେଲା। ଏ ସବୁ ଭିତରେ ସୁରକ୍ଷିତ ସ୍ଥାନ ଅଭାବରୁ ଅନେକ ଚକ ବର୍ଷା ଖରାରେ ନଷ୍ଟ ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ଧର୍ମ, ସଂସ୍କୃତି ସହ ସମ୍ପର୍କିତ ଅନୁଷ୍ଠାନକୁ ଅର୍ଥ ଦେୟରେ ଚକ ଦେବାକୁ ଘୋଷଣା କଲା। ପ୍ରଥମେ ୨୫ ଓ ପରେ ୫୦ ହଜାର ଟଙ୍କା ଚକ ପିଛା ଦର ରହିଥିଲା। ଦାମ ବଢ଼ିବା ପରେ ଆଗ୍ରହ କମିଥିଲା। ଏହାପରେ ମାଗଣାରେ ଦିଆଯିବାକୁ ଘୋଷଣା ହେବା ସହ ଏଥିପାଇଁ କିଛି ସର୍ତ୍ତ ରହିଥିଲା। ଫଳରେ ବହୁ ଚକ ବିଭିନ୍ନ ସ୍ଥାନକୁ ଯିବା ପରେ ଚଳିତବର୍ଷ ରଥଯାତ୍ରା ପରେ ବାହାରିବାକୁ ଥିବା ଚକ ନେବା ଲାଗି ମନ୍ଦିର ପ୍ରଶାସନ ଦର ଧାର୍ଯ୍ୟର ନୂଆ ଏସ୍‌ଓପି ବାହାର କରିଛି।

# ହୋଟେଲ ଉପରକୁ ମାଡ଼ିଗଲା ଟ୍ରେଲର; କର୍ମଚାରୀଙ୍କ ମୃତ୍ୟୁ



**ସାଲେପୁର,୭ ।୬(ସମିସ):** ଗତକାଲି ବିଳମ୍ବିତ ରାତ୍ରିରେ ଏକ ୧୮ ଚକିଆ ଟ୍ରେଲର ଶିଶୁଆ ବଜାର ରାସ୍ତା ପାର୍ଶ୍ୱର୍ରେ ଥିବା ଏକ ହୋଟେଲ ଉପରକୁ ମାଡ଼ିଯିବାରୁ ଜଣେ ହୋଟେଲ କର୍ମଚାରୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଏଥିପାଇଁ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରେଲର ଚାଳକକୁ ଗିରଫ କରିଥିବା ଜଣାଯାଇଛି । ଖବରରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତିରେ କଟକ-ସାଲେପୁର ରାସ୍ତାର ଶିଶୁଆ ବଜାର ରାସ୍ତା କଡ଼ରେ ଥିବା ସିଦ୍ଧି ନାମକ ଏକ ହୋଟେଲକୁ ଏକ ଟ୍ରେଲର ଭାରସାମ୍ୟ ହରାଇ ମାଡ଼ିଯାଇଥିଲା । ଫଳରେ ହୋଟେଲଟି ଭାଙ୍ଗିଯାଇଥିବା ବେଳେ ହୋଟେଲ କର୍ମଚାରୀ ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମର ମନୋଜ ନାୟକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଏହି ଅଭାବନୀୟ ଘଟଣାକୁ ନେଇ ଶିଶୁଆ ବଜାରରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଯାଇଥିଲା । ଖବର ପାଇ ସାଲେପୁର ଥାନା ଆଇଆଇସି. ଅନିତା ସାହୁ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରେଲରଟିକୁ ଜବତ କରିବା ସହ ଡ୍ରାଇଭରକୁ ଗିରଫ କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା । ଆଜି ପୁଲିସ ପକ୍ଷରୁ ଏ ସଂପର୍କରେ ସାଲେପୁର ଥାନାରେ ୨୫୪/୨୫ରେ ଏକ ମାମଲା ରୁଜୁ କରି ଟ୍ରେଲର ଚାଳକ ଢ଼େଙ୍କାନାଳ ଜିଲ୍ଲା ଭୁବନ ଥାନା ମାଳପଡ଼ା ଗ୍ରାମର ବିଜୟ ସାମଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# କଂଗ୍ରେସ ନେତା ସୋମନାଥ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ନେମାଳ,୭।୬(ସମିସ):** ବର୍ଷିଆନ କଂଗ୍ରେସ ନେତା ତଥା ସୁସଂଗଠକ ସ୍ୱର୍ଗତ ସୋମନାଥ ମହାପାତ୍ରଙ୍କ ଦ୍ୱାଦଶାହ ଉପଲକ୍ଷେ ସାନ୍ତପୁରସ୍ଥିତ ବାସଭବନରେ ସୋମନାଥ ମହାପାତ୍ର ସ୍ମୃତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସମାଜସେବୀ ମଳୟ କୁମାର ଦେ'ଙ୍କ ସଭାପତିତ୍ୱରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ । କଂଗ୍ରେସ ପୂର୍ବତନ ମୁଖପାତ୍ର ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁ, କଂଗ୍ରେସ ନେତା ବାଙ୍କନିଧି ବେହେରା, ଆଇନଜୀବୀ ଇଂ ଆକାଶ ଭୂୟାଁ, କଟକ ସଦର କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ମାହାଙ୍ଗା ଯୁବନେତା ମାସୁକୁ ଅଲ୍ଲୀ, ଅଶୋକ ସ୍ୱାଇଁ, ଜଗତସିଂହପୁର ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ପିସିସି ସଭ୍ୟ ନାରାୟଣ ଦ୍ୱିବେଦୀ, ଶିକ୍ଷାବିତ୍ ଉପେନ୍ଦ୍ର ମହାନ୍ତି, ବଟକୃଷ୍ଣ ସ୍ୱାଇଁ, ଅବସରପ୍ରାପ୍ତ ପ୍ରାକ୍ତନ ଅଧକ୍ଷ ଶରତଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ନାୟକ, କାର୍ତ୍ତିକଚନ୍ଦ୍ର ଦାସ, ରମାକାନ୍ତ ବେହେରା, ରବୀନ୍ଦ୍ର କର, ଭାସ୍କର ବେହେରା, ରମେଶ ବେହେରା, ଅଶୋକ ସାହୁ, କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ନୃସିଂହ ଚରଣ ମୁଦୁଲି, ସୁଧାଂଶୁ ଶେଖର ମହାନ୍ତି, ସୁଧାଂଶୁ ଶେଖର ମହାପାତ୍ର, ଶରତ ଦାସ ଯୋଗ ଦେଇଥିଲେ ।

# ଅବକାରୀ ଚଢ଼ଉ; ମଦ ସହ ପୋଚ ନଷ୍ଟ

**ଆଠଗଡ଼,୭ ।୬(ସମିସ):** ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ଖୁଣ୍ଟୁଣୀ ଥାନା ଅଧୀନରେ ଥିବା ଡାଳୁଆ ଏବଂ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଚଢଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଏବଂ ପୋଚ ଜବତ କରାଯାଇ ନଷ୍ଟ କରାଯାଇଛି । ଆଠଗଡ ଅବକାରୀ ଉପଅଧୀକ୍ଷକ ସିଏଚ ତିରୁପତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢଉରେ ୧୯୨୫ ଲିଟର ଚୋରା ଦେଶୀ ମଦ ଏବଂ ୧୫୯୬୦ ଲିଟର ପୋଚ ଜବତ କରାଯାଇଛି । ଏଥସହ ୫ଟି ମାମଲା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢଉରେଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ ଭୋଇ, ସୌମ୍ୟରଞ୍ଜନ ମାଝୀ, ଶେଫାଳୀ ସାହୁଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ ।

## ଚାଷଜମିରୁ ଜଳ ନିଷ୍କାସନ ପଥ ଅବରୋଧ

# ଶହେ ଏକର ଜମି ପାଣିରେ ବୁଡ଼ିବା ଆଶଙ୍କା

**ନିଶ୍ଚିନ୍ତକୋଇଲି, ୭ ।୬(ସମିସ):** ନିଶ୍ଚିନ୍ତକୋଇଲି ତହସିଲ ଅଧୀନସ୍ଥ ପାଟପୁର ଚୌଧୁରୀ ସାହି ଯୋର ରାସ୍ତାରେ ଚାଷ ଜମିରୁ ବର୍ଷା ଜଳ ନିଷ୍କାସନ ପାଇଁ ରହିଥିବା ଦୁଇଟି ପୋଲ ମୁହଁକୁ ଅବରୋଧ କରାଯାଇଛି । ଫଳରେ ବର୍ଷା ଋତୁରେ ଖରିଫ ଧାନ ଫସଲ ସମୟରେ କ୍ଷେତରୁ ଜଳ ନିଷ୍କାସନ ହୋଇନପାରି ଶହେ ଏକର ଚାଷ ଜମି ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି । ଜଳ ନିଷ୍କାସନ ନହେଲେ ପାଟପୁର, ମାତକତପୁର, ଏକ୍ରାମନଗର, ନଟରା ଆଦି ଗ୍ରାମର ଚାଷୀମାନେ ସେମାନଙ୍କ ଚାଷ ଉଜୁଡ଼ିଯିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜଳ ନିଷ୍କାସନ ପାଇଁ ଥିବା



ପୋଲ ମୁହଁରେ ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଞ୍ଚଳର ଜନୈକ ପ୍ରଭାବଶାଳୀ ବ୍ୟକ୍ତି ୧୯ଗୁଣ୍ଠ ଚାଷ ଜମି କିଣି ସେଥିରେ ଏକ କାରଖାନା ବସାଇବାକୁ ଘର ନିର୍ମାଣ କାର୍ଯ୍ୟ କରୁଛନ୍ତି । ଉକ୍ତ ଚାଷ ଜମିକୁ ତହସିଲଦାରଙ୍କ ପକ୍ଷରୁ ଘରବାରି ସତ୍ତ୍ୱ କରାଯାଇଛି । ସରକାରୀ ନିୟମ ଅନୁଯାୟୀ ଚାଷ ଜମିକୁ ଘରବାରି ସତ୍ତ୍ୱକୁ ପରିବର୍ତ୍ତନ କରିବାକୁ ହେଲେ ପ୍ରଥମେ ସମ୍ପୃକ୍ତ ଅଞ୍ଚଳକୁ ତଦନ୍ତ କରାଯାଇ ଏହାର ପାଖ ପ୍ଲଟର ସତ୍ତ୍ୱାଧିକାରୀ ମାନଙ୍କୁ ସେମାନଙ୍କର ସମସ୍ୟା ସଂକ୍ରାନ୍ତରେ ପଚାରିବୁଝିବା କଥା; ହେଲେ ତହସିଲ ପକ୍ଷରୁ ସମ୍ପୃକ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରାଯାଇ ସତ୍ତ୍ୱ ପରିବର୍ତ୍ତନ କରାଯାଇଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି । କାରଖାନା ବସାଇଲେ ଏହାର ଉପରେ ମୁଣ୍ଡରେ ଥିବା ୫ଖଣ୍ଡି ଗ୍ରାମର ଚାଷୀମାନଙ୍କର ଶହେ ଏକର ଚାଷ ଜମିରେ ଧାନ ଫସଲ ବୁଡ଼ି ରହିବ ବୋଲି ଆଶଙ୍କା ଦେଖାଦେଇଛି । ଏ ସଂକ୍ରାନ୍ତରେ ସ୍ଥାନୀୟ ଗ୍ରାମବାସୀ ଜାଣିବା ପରେ ଗତ ଫେବୃୟାରୀଠାରୁ ଏହାର ଏକ ସ୍ଥାୟୀ ସମାଧାନ ପାଇଁ ତହସିଲଦାରଙ୍କୁ ଲିଖିତ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅପରପକ୍ଷରେ ଜମି ମାଲିକ ଜଣକ ଦ୍ରୁତ ଗତିରେ ତାର ଘର ନିର୍ମାଣ କାର୍ଯ୍ୟ ଚଲାଇଛି । ତୁରନ୍ତ ଏଥିପ୍ରତି ତହସିଲଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ବରଯାତ୍ରୀଙ୍କ ଆକ୍ରମଣରେ କନ୍ୟାର ଦାଦା ଗୁରୁତର

## ଆପୋଷ ସମାଧାନ ପରେ ବର-କନ୍ୟାଙ୍କ ପଡ଼ିଲା ହାତଗଣ୍ଠି

**ସାଲେପୁର,୭ ।୬(ସମିସ):** ବିବାହର ପ୍ରୀତିଭୋଜନ ଚାଲିଥିଲାବେଳେ ବରଯାତ୍ରୀଙ୍କ ଆକ୍ରମଣରେ କନ୍ୟାର ଦାଦା ଗୁରୁତର ଆହତ ହେବା ପରେ ଆପୋଷ ସମାଧାନ ହୋଇ ବିବାହର ହାତଗଣ୍ଠି ପଡ଼ିଛି । ସାଲେପୁର କଳାଗ୍ନୀ ମନ୍ଦିର ପରିସରରେ ଏକ ବିବାହ ଉତ୍ସବ ଚାଲିଥିଲା । ବରଯାତ୍ରୀମାନେ ଏକ ଶୋଭାଯାତ୍ରାରେ ବରକୁ ସାଙ୍ଗରେ ଧରି ମନ୍ଦିର ପରିସରରେ ହୋଇଥିବା ବିବାହ ମଣ୍ଡପରେ ପହଞ୍ଚିଥିଲେ । ବରଯାତ୍ରୀମାନେ ଭୋଜନ କରିବାକୁ ଯାଇଥିବାବେଳେ କୌଣସି କାରଣରୁ ଉଭୟ ବରଯାତ୍ରୀ ଓ କନ୍ୟା ପକ୍ଷଙ୍କ ମଧ୍ୟରେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ବରଯାତ୍ରୀମାନେ କନ୍ୟାପକ୍ଷଙ୍କ ଉପରେ ଆକ୍ରମଣ କରିଥିଲେ । କନ୍ୟାର ଦାଦା ଘଟଣାସ୍ଥଳରେ ପହଞ୍ଚି



ବୁଝାସୁଝା କରିବାକୁ ଉଦ୍ୟମ କରୁଥିବାବେଳେ ବରଯାତ୍ରୀଙ୍କ ଆକ୍ରମଣରେ କୋଲଣପୁର ଗ୍ରାମର କନ୍ୟାର ଦାଦା ଭୀମସେନ ସାମଲଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ପଠାଇ ଦିଆଯାଇଛି । ଅପରପକ୍ଷରେ, ସାଲେପୁର ପୁଲିସ ଅଧିକ ଗଣ୍ଡଗୋଳ ଆଶଙ୍କା କରି ମୁର୍କୁଣ୍ଡି ଗ୍ରାମର ବର ହରିଶ ବେହେରାଙ୍କ ସଂଗରେ ଆସିଥିବା ବରଯାତ୍ରୀଙ୍କ ମଧ୍ୟରୁ ୪ଜଣଙ୍କୁ ଥାନାକୁ ନେଇଆସିଥିଲା । ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ବର ଓ କନ୍ୟାପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯାଇ ପରେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା ।

# କେନାଲ ଲାଇନିଂ କାର୍ଯ୍ୟ ତଦାରଖ କଲେ ଅଧୀକ୍ଷଣ ଯନ୍ତ୍ରୀ

**ନିଶ୍ଚିନ୍ତକୋଇଲି,୭ ।୬(ସମିସ):** କେନ୍ଦ୍ରାପଡ଼ା ଜଳସେଚନ ବିଭାଗ ଅନ୍ତର୍ଗତ ଛତା ସବଡ଼ିଭିଜନ ଅଧୀନସ୍ଥ ଅସୁରେଶ୍ୱର ପୁବଂଶ ସେକସନ ଜଳସେଚନ ବିଭାଗ ଅଧୀନରେ ଥିବା କେନାଲଗୁଡ଼ିକର ଲାଇନିଙ୍ଗ୍ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଥିଲା । ବହୁ ଚାଷୀମାନେ କାର୍ଯ୍ୟକୁ ବନ୍ଦ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏହାପରେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଉମେଶଚନ୍ଦ୍ର ସେଠୀ କେନାଲରେ ହୋଇଥିବା ଉକ୍ତ ନିର୍ମାଣ କାର୍ଯ୍ୟକୁ ତଦାରଖ କରିଛନ୍ତି । ସୁକରପଡ଼ା ପଞ୍ଚାୟତ ହଳଧରପୁର ନିକଟରେ ୯ ସି କେନାଲରେ ଚାଲିଥିବା ନିର୍ମାଣ କାର୍ଯ୍ୟରେ ଠିକାଦାର ଜଣକ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଥିଲା । ଏହାଛଡ଼ା ପୁବଂଶ ସେକସନ ଅଧିନରେ ଥିବା ବନମାଳିପୁର ମାଇନର ଓ ଡ଼ଗରା ମାଇନରରେ ମଧ୍ୟ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଥିଲା । ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ସେଠୀଙ୍କୁ ସ୍ଥାନୀୟ ବହୁ ଚାଷୀ ସାକ୍ଷାତ କରି



ନିମ୍ନମାନର କାର୍ଯ୍ୟ ସଂକ୍ରାନ୍ତରେ ଅବଗତ କରାଇବା ପରେ ଏଥର ସଠିକ୍ ଭାବରେ କାର୍ଯ୍ୟ କରାଯିବ ବୋଲି ଚାଷୀମାନଙ୍କୁ ଆଶ୍ୱାସନା ଦିଆଯାଇଛି । ସୂଚନାଯୋଗ୍ୟ, ୪ଦିନ ତଳେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଏହି କେନାଲ କାର୍ଯ୍ୟଗୁଡ଼ିକ ତଦାରଖ କରି ସଠିକ୍ ଭାବେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପୁଣି କ'ଣ ପାଇଁ ଠିକାଦାର ନିମ୍ନମାନର କରୁଛନ୍ତି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି । କାର୍ଯ୍ୟ ତଦାରଖ ସମୟରେ ଅଧୀକ୍ଷଣ ଯନ୍ତ୍ରୀ ସହିତ ଛତା ସବଡ଼ିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ, କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କ ସହିତ ଚାଷୀ ସୁବାସଚନ୍ଦ୍ର ସ୍ୱାଇଁ, ମୃତ୍ୟୁଞ୍ଜୟ ସ୍ୱାଇଁ, ସେକ୍ ରହିମୁଦ୍ଦିନ୍, ମନୋରଂଜନ ସ୍ୱାଇଁ, ସରୋଜ କିଶୋର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର,୭ ।୬(ସମିସ):** ଲକ୍ଷ୍ମୀନୃସିଂହ ଯାଦବ ସମିତି ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଯାଦବ ସଂଘ କାର୍ଯ୍ୟା ।ଳୟରେ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରାୟ ୨ଶହ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଓ ଆବଶ୍ୟକୀୟ ଔଷଧ ବିତରଣ କରାଯାଇଥିଲା । ତ୍ରିଲୋଚନ ନେତ୍ରାଳୟ, ମହିନୋ, ଜଗତ୍‌ସିଂହପୁର ଏବଂ ଚେତନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଚିକିତ୍ସା ଶିବିରରେ ଯେଉଁ ରୋଗୀଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଛି, ସେମାନଙ୍କୁ ମାଗଣାରେ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଡାକ୍ତର ସବିତା ଖଣ୍ଡେଲୱାଲ, ଡାକ୍ତର ସ୍ମୃତିରଂଜନ ସାହୁ, ପ୍ରିୟଙ୍କା ପ୍ରଧାନ, ରୋଜାଲିନ୍ ସେଠୀ, ବିରଜା ମହାନ୍ତି ତଥା ଚେତନା



ଅନୁଷ୍ଠାନର ସଦସ୍ୟ ଅସିତ୍ ପ୍ରଧାନ, ରିଣ୍ଟୁ ବାରିକ, ଲକ୍ଷ୍ମୀନୃସିଂହ ଯାଦବ ସଂଘର ସଭାପତି ପରମାନନ୍ଦ ପଲେଇ, ସଂପାଦକ ଶଙ୍କର୍ଷଣ ଦାସ, କାର୍ଯ୍ୟକାରୀ ସଭାପତି ପ୍ରତାପ ଦାସ, ଦିଲ୍ଲୀପ ବେହେରା, ରମାକାନ୍ତ ଦାସ, ସ୍ମୃତିରଞ୍ଜନ ଦାସ, ଶରତ ଦାସ, କମଳଶ୍ରୀ ବିଶ୍ୱାଳ, ଦୋଳଗୋବିନ୍ଦ ସାହୁ, ଗୁରୁଚରଣ ମହାନ୍ତି, ନମିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସୁଭଦ୍ରା ମହତାବ କଲେଜରେ ଚାରାରୋପଣ

**ନିଶ୍ଚିନ୍ତକୋଇଲି,୭ ।୬(ସମିସ):** ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ୍ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ କରାଯାଇଛି । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସୁଧିର କୁମାର ଦାସଙ୍କ ନେତୃତ୍ୱରେ କଲେଜର ଦ୍ୱିତୀୟ କ୍ୟାମ୍ପସ ପରିସରରେ ଆମ୍ବ,ବଉଳ ଓ ନିମ୍ବ ଚାରା ରୋପଣ କରାଯାଇଛି । ସେବା ଯୋଜନା ପକ୍ଷରୁ ଆସନ୍ତା ୧୫ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ୫୦୦ରୁ ଅଧିକ ବିଭିନ୍ନ ପ୍ରକାର ଚାରା ଗଛ ଲଗାଯିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି । ପ୍ରଥମ ଦିନରେ ଏହାର ଶୁଭାରମ୍ଭରେ ଅତିଥି ଭାବେ ପରିବେଶବିତ୍ ନିରଞ୍ଜନ ସାହୁ ଓ ପଣ୍ଡିତ ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ସ୍ୱେଚ୍ଛାସେବୀ ଶୁଭମ ଶତପଥୀ, ସତ୍ୟଜିତ୍ ସାହୁ, କାଳିନ୍ଦୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ନେମାଳ ଦେବସ୍ନାନ ଯାତ୍ରାର ସମୀକ୍ଷା କଲେ ଜିଲ୍ଲାପାଳ

**ନେମାଳ,୭।୬ (ସମିସ):** ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ପବିତ୍ର ପଦ୍ମବନ ପୀଠରେ ନିର୍ବିକଳ୍ପ ଶୂନ୍ୟ ସମାଧି ଦିବସ ତଥା ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ଓ ବାଲିମେଳା ମହୋତ୍ସବ ଆସନ୍ତା ଜୁନ ୧୧ ତାରିଖରେ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ପର୍ବ କରାଯାଇଥିବା ବେଳେ ଆଜି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏହାର ସମୀକ୍ଷା କରିଛନ୍ତି । ମ୍ୟାନେଜିଙ୍ଗ ଟ୍ରଷ୍ଟି କଟକ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସଂଯୋଜନାରେ ଅନୁଷ୍ଠିତ ସମୀକ୍ଷା କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ଏସପି ପ୍ରତୀକ ସିଂଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ୫ଲକ୍ଷରୁ ଅଧିକ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଯାତ୍ରୀମାନଙ୍କ



ଗମନା ଗମନ, ଯାନବାହନ ପରିବହନ ପାଇଁ ରାସ୍ତା ମରାମତି, ବ୍ୟାରିକେଡ ନିର୍ମାଣ,ଆଇନ ଶୃଖଳା, ଟ୍ରାଫିକ ବ୍ୟବସ୍ଥା,ମହିଳା ଭକ୍ତଙ୍କ ପାଇଁ ସ୍ନାନ,ଶୌଚ ପାଇଁ ନଦୀ କୂଳରେ ସେଡ୍ ନିର୍ମାଣ, ବିଭିନ୍ନ ପ୍ରକାର ଦୁର୍ବିପାକକୁ ମୁକାବିଲା କରିବା ପାଇଁ ୨୪ଘଣ୍ଟିଆ ସେବା ଯୋଗାଣ ଉପରେ ସମୀକ୍ଷା କରାଯାଇଥିଲା । ତହସିଲଦାର ଅନିତା ନାୟକ, ଏସଡିପିଓ ବିରଞ୍ଚି ନାରାୟଣ ପତି, ଆଇଆଇସି ସୁଶୀଳ ନାୟକ, ସାମ୍ବାଦିକ ଡ. ବିନୟ ଦାସ, ଅଚ୍ୟୁତ ସେନା ଉପସଭାପତି କେଶବଚନ୍ଦ୍ର ଦଳାଇ, ସାମ୍ବାଦିକ ରତ୍ନାକର ବାରିକ, ସାମ୍ବାଦିକ ଗୋବିନ୍ଦ ଦାସ, ହରପ୍ରସାଦ ପୃଷ୍ଟି, ସେବାୟତ ସଂଘ ସଭାପତି କ୍ଷମାନିଧି ପୂଝାରୀ, ସରପଞ୍ଚଙ୍କ ପ୍ରତିନିଧି ଅମିୟ ପ୍ରସାଦ ମହାନ୍ତି,ସମିତିସଭ୍ୟ ବିଶେନ୍ଦୁ ମହାରଣା, ଶରତ ମଲିକ ପ୍ରମୁଖ ଯୋଗ ଦେଇଥିଲେ ।

## ଅନିଶ୍ଚିତତାରେ ଲୁଣା ନଦୀର ପୁବଂଶ ସେତୁ

# ସ୍ଥଗିତ ରହିଲା ପୁନଃ ଟେଣ୍ଡର

**ନିଶ୍ଚିନ୍ତକୋଇଲି,୭।୬(ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ କଟିକଟା-ଜୟପୁର ରାସ୍ତା ଉପରେ ଅସୁରେଶ୍ୱର ପୁବଂଶଠାରେ ଲୁଣା ନଦୀ ଉପରେ ହେବାକୁ ଥିବା ଦ୍ୱିତୀୟ ଉଚ୍ଚସ୍ତରର ପୋଲ ନିର୍ମାଣ କାର୍ଯ୍ୟ ଏବେ ଅନିଶ୍ଚିନ୍ତତା ଘେରରେ ରହିଛି । ଏହି ପୋଲ ନିର୍ମାଣ ପାଇଁ ଗତ ୩ ତାରିଖରେ ହେବାକୁ ଥିବା ପୁନଃ ଟେଣ୍ଡର ପ୍ରକ୍ରିୟା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ସ୍ଥଗିତ ରଖାଯାଇଥିବା ଜଣାଯାଇଛି ।

ଅସୁରେଶ୍ୱର ପଞ୍ଚାୟତ ପୁବଂଶଠାରେ ଲୁଣା ନଦୀ ଉପରେ ନୂତନ ଭାବେ ଏକ ହାଇଲେବୁଲ ବ୍ରିଜ୍ ନିର୍ମାଣ ପାଇଁ ରାଜ୍ୟ ସରକାର ୩୫କୋଟି ୯୧ଲକ୍ଷ ୭୮ହଜାର ୫୨ଟଙ୍କା ଅନୁଦାନ ଯୋଗାଇଦେଇ ୨୦୨୩ ଜାନୁଆରୀରେ ଏହାର ଟେଣ୍ଡର କରିଥିଲେ । ଏହି ବ୍ରିଜ ନିର୍ମାଣ ପାଇଁ ଟେଣ୍ଡର ମାଧ୍ୟମରେ ବିହାରର ଏକ ଠିକା ସଂସ୍ଥା ନରେନ୍ ଦାସ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟ ଦିଆଯାଇଥିଲା । ଗତ ୨୦୨୪ ଶେଷ ଭାଗରେ ସମ୍ପୃକ୍ତ ଠିକା ସଂସ୍ଥା ଉକ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ମଧ୍ୟ କରିଥିଲେ । ହେଲେ ଇନ୍‌ଲ୍ୟାଣ୍ଡ ୱାଟରୱେଜ୍ ଅଥରିଟି ଅଫ ଇଣ୍ଡିଆ (ଆନ୍ତଃଜଳୀୟ ରାଜପଥ) ପକ୍ଷରୁ ଉକ୍ତ ପୋଲ ନିର୍ମାଣ ପାଇଁ ଅନୁମତି ନ ମିଳିବାରୁ କାର୍ଯ୍ୟ ବନ୍ଦ ରହିଥିଲା । ଏହି ସମୟରେ ସାଧାରଣ ନିର୍ବାଚନ ହେବାରୁ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲା । ଫଳରେ ଉକ୍ତ ଠିକା ସଂସ୍ଥା ଏହି ପୋଲ ନିର୍ମାଣ କାର୍ଯ୍ୟ ନ କରି ବନ୍ଦ କରିଦେଇଥିଲେ । ନୂତନ ସରକାର ଶାସନ




ଭାର ଗ୍ରହଣ କଲା ପରେ ଉକ୍ତ ପୋଲକୁ ନିର୍ମାଣ କରିବା ପାଇଁ ୭୨ କୋଟି ୧୦ଲକ୍ଷ ଟଙ୍କା ଅନୁଦାନ ଯୋଗାଇଦେଇ ପୁନଃ ଟେଣ୍ଡର ଆହ୍ୱାନ କରିଥିଲେ । ଜୁନ୍ ମାସ ୩ ତାରିଖରେ ଟେଣ୍ଡର ଖୋଲାଯିବାର ତାରିଖ ମଧ୍ୟ ଧାର୍ଯ୍ୟ ହୋଇଥିଲା । ଟେଣ୍ଡର ଖୋଲାଯିବା ପୂର୍ବରୁ ସମ୍ପୃକ୍ତ ଠିକାସଂସ୍ଥା ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ କରିଥିବା ପ୍ରାପ୍ୟ ଅର୍ଥ ପାଇବା ପାଇଁ ସରକାରଙ୍କ ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆଇନର ଆଶ୍ରୟ ନେଇଥିଲେ । ସମ୍ପୃକ୍ତ ଠିକା ସଂସ୍ଥା ଟେଣ୍ଡର ନେବା ପରେ ପୋଲି ନିର୍ମାଣ କାର୍ଯ୍ୟରେ ଯେତିକି ଅର୍ଥ ଖର୍ଚ୍ଚ କରିଛନ୍ତି ସରକାର ତାଙ୍କୁ ସେତିକି ଅର୍ଥ ଦେଇ ପୁନଃ ଟେଣ୍ଡର କରିବା ପାଇଁ ବିଚାର କରିବା ନିମନ୍ତେ କୋର୍ଟକୁ ନିବେଦନ କରିଥିଲେ । ହାଇକୋର୍ଟ ତାଙ୍କ ଅଭିଯୋଗକୁ ବିଚାର କରି ଗତ ୩ ତାରିଖରେ ହେବାକୁ ଥିବା ଟେଣ୍ଡର ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଆସନ୍ତା ଜୁନ୍ ୩୦ତାରିଖରେ ଏହି ମାମଲାର ପୁଣି ଶୁଣାଣି କରାଯିବ ବୋଲି ଜଣାଯାଇଛି ।

ଅପରପକ୍ଷରେ ଏହି ନଦୀ ଉପରେ ଥିବା ପୁରୁଣା ସେତୁଟି ବହୁ ବର୍ଷର ହୋଇଥିବାରୁ ଏହା ଅଣଓସାରିଆ ଭାବେ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଏହି ସେତୁଟି ଦୁର୍ବଳ ହୋଇଯାଇଥିବାରୁ ଏଥିରେ ଭାରିଯାନ ଯାତାୟତ କରିବା ପାଇଁ ବିପଦ ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି । ଏଭଳି ସ୍ଥିତିରେ ପୁବଂଶ ଠାରେ ଏକ ନୂତନ ସେତୁର ନିର୍ମାଣ ନିଶ୍ଚିନ୍ତ ଆବଶ୍ୟକ ହୋଇପଡ଼ିଛି । କଟିକଟା-ଜୟପୁର ମୁଖ୍ୟରାସ୍ତାରେ ଏହି ସେତୁଟି ରହିଥିବାରୁ ପ୍ରତ୍ୟେହ ଏହା ଉପରେ ଶହ ଶହ ସଂଖ୍ୟାରେ ଯାନବାହନ ଯାତାୟତ କରୁଛି । କଟକ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲାକୁ ସଂଯୋଗୀକରଣ କରୁଥିବା ଉକ୍ତ ପ୍ରମୁଖ ରାସ୍ତା ଉପରେ ହଜାର ହଜାର ଜନସାଧାରଣ ନିର୍ଭର କରନ୍ତି । କୌଣସି କାରଣବଶତଃ ଯଦି ପୁରୁଣା ସେତୁଟି ଯାତାୟତ ଅନୁପଯୋଗୀ ହୋଇଯାଏ ତା'ହେଲେ ବହୁ ସମସ୍ୟା ସୃଷ୍ଟି ହେବ । ତୁରନ୍ତ ଏଠାରେ ଏକ ନୂତନ ସେତୁର ନିର୍ମାଣ କରାଯିବାକୁ ପଦକ୍ଷେପ ନେବା ପାଇଁ ଦାବି ହୋଇଛି ।

# ଆନନ୍ଦଉଲ୍ଲାସରେ ଇଦ୍-ଉଲ-ଜୁହା ପାଳିତ

**ନିଶ୍ଚିନ୍ତକୋଇଲି, ୭ ।୬(ସମିସ):** ଅସୁରେଶ୍ୱର ଚଉଦମହଲା ଅନ୍ତର୍ଗତ ଜୁଲୁକୀପଡ଼ାଠାରେ ୨୬ଟି ବସ୍ତିର ଇସଲାମ୍ ଧର୍ମାବଲମ୍ବୀ ମାନଙ୍କୁ ନେଇ ଇଦ୍-ଉଲ୍-ଜୁହା ପାଳିତ ହୋଇଛି । ୧୪ ମହଲାର କାର୍ଯ୍ୟକାରୀ ସଭାପତି ସେକ୍ ମହମ୍ମଦ ଇଦ୍ରିସଙ୍କ ସଂଯୋଜନାରେ ୮ହଜାରରୁ ଉର୍ଦ୍ଧ୍ୱ ଇସଲାମ୍ ଧର୍ମାବଲମ୍ବୀଙ୍କୁ ସକାଳ ୮.୩୦ ରେ ମୌଲାନା ଖଇରାଉଦ୍ଦିନ୍ ସାହେବ କାସିମ୍ ନମାଜ ପାଠ କରାଇଥିଲେ । ଏହି ପର୍ବରେ ପ୍ରତ୍ୟେକ ବ୍ୟକ୍ତି ସେବା, ସମର୍ପଣ ଓ ତ୍ୟାଗ ମନୋଭାବ ରଖି ସମାଜରେ ଭାଇଚାରା ଭାବ ସୃଷ୍ଟି କରିବାକୁ ମୁସଲମାନ ସମାଜକୁ ମୌଲାନା ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୪ମହଲାର ସମ୍ପାଦକ ଇମ୍ରାନ୍ ଖାଁ, କଲାମୁଦ୍ଦିନ୍ ଖାଁ, କମାଲୁଦ୍ଦିନ୍ ଖାଁ, ମିର୍ଜା ଅକତର ସିରାଜ ଉଦ୍ଦିନ୍ ଖାଁ, କସିମୁଦ୍ଦିନ୍ ଖାଁ, ଗୋରା ଖାଁ, ସେକ୍ ବୋରାନ୍, ହମିଜ୍ ବେଲା ଉଦ୍ଦିନ୍, ହାଫିଜ୍ ମୁସ୍ତାକିମ୍, ସେକ୍ ଇଲିଆଜ ନୁର, ସେକ୍ ଅବଦୁଲ କରିମ୍, ମୌଲାନା ଅକସର, ସେକ୍ ମନିରୁଦ୍ଦିନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।





# କଟକ ସିଟି



### ମୌସୁମୀରେ ବର୍ଷାଜଳ ନିଷ୍କାସନ ଚିନ୍ତା

# ସରିନି ପଙ୍କୋଦ୍ଧାର, ହଟୁନି ଜବରଦଖଲ





**କଟକ, ୭।୬(ସମିସ)**

ଆଗକୁ ମୌସୁମୀଜନିତ ଲଗାଣ ବର୍ଷା ସମ୍ଭାବନା ଥିଲା ବେଳେ କଟକ ସହରକୁ ଘାରିଛି ଉଦବୃତ ବର୍ଷା ଜଳ ନିଷ୍କାସନ ଚିନ୍ତା। ଏଥର ଯେପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ନ ହେବ ସେ ଦିଗରେ ଆଗୁଆ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ଏପରିକି ଓଡ଼ିଶା ହାଇକୋର୍ଟ ମଧ୍ୟ କଟକ ସହରର ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ହେଲେ ଏବେ କଟକ ମହାନଗର ନିଗମ ପକ୍ଷରୁ ଚାଲିଥିବା ଡ୍ରେନ ସଫେଇ ତଥା ପଙ୍କୋଦ୍ଧାର କାମ ପାଇଁ ମଝିରେ ମଝିରେ ହେଉଥିବା ପ୍ରାକ ମୌସୁମୀ ବର୍ଷା ବାଧକ ସାଜିଛି। ଗତ ତିନି ଚାରି ଦିନ ଧରି ସହରର ବିଭିନ୍ନ ଡ୍ରେନରୁ ପଙ୍କୋଦ୍ଧାର କାମ ଜାରି ରହିଥିବା ବେଳେ ବର୍ଷା ପାଇଁ ଉଦ୍ଧାର ହେଉଥିବା ପଙ୍କ ପୁଣି ଯାଇ ଡ୍ରେନରେ ମିଶୁଛି। ଅନ୍ୟପଟରେ ନିର୍ଦ୍ଧାରିତ ସମୟସୀମାରେ ଏହି କାମ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି।


ଯଦି ଗୋଟିଏ ଦିନରେ ୧୦୦ ମିଲିମିଟର ବର୍ଷା ହୁଏ ତାହେଲେ ସହର ଜଳବନ୍ଦୀ ହୋଇପଡ଼ିବ। ପୂର୍ବରୁ ଏହି ଆକଳନ ମଧ୍ୟ ମହାନଗର ନିଗମ କର୍ତ୍ତୃପକ୍ଷ କରିସାରିଛନ୍ତି। ଯେପରି ଏହି ପରିସ୍ଥିତିର ସଫଳ ମୁକାବିଲା କରାଯିବ ସେନେଇ ଆରଡିସି ଓ ଜିଲ୍ଲାପାଳ ମଧ୍ୟ ସମ୍ପୂର୍ଣ୍ଣ ବ୍ୟବସ୍ଥା ତଦାରଖ କରୁଛନ୍ତି। ମାତୃଭବନ ସ୍ଲୁଇସ ଗେଟ ନିକଟରେ ନିୟମିତ ଜେସିବି ସହାଯ୍ୟରେ ଆବର୍ଜନାକୁ ଉଠାଯାଉଛି। ଏହି ବାଟ ଦେଇ ଚଳିତ ଥର ଉଦବୃତ ବର୍ଷା ଜଳ ନିଷ୍କାସନରେ ସମସ୍ୟା ରହିବ ନାହିଁ ବୋଲି କୁହାଯାଉଛି। କଟକ ମହାନଗର ନିଗମ ପକ୍ଷରୁ ସହରରେ ୩୧୦ଟି ପମ୍ପ ରଖାଯାଇଥିଲା ବେଳେ ସହରର ବିଭିନ୍ନ ସ୍ଥାନରେ ମହଜୁଦ ରଖାଯାଇଛି। ସେହିପରି ମହାନଗର ନିଗମର ଉଚ୍ଚଶକ୍ତି ସମ୍ପନ୍ନ ୨୪ଟି ଭଲଭୋ ପମ୍ପ ଦ୍ୱାରା ମଧ୍ୟ ଜଳ ନିଷ୍କାସନ କରାଯିବ। କଟକ ସହରରେ ବାର୍ଷିକ ହାରାହାରି ୧୪୪୧ ମିଲିମିଟର ବର୍ଷା ରେକର୍ଡ କରାଯାଉଥିଲା ବେଳେ ଏଥର ମଧ୍ୟ ଅନୁରୂପ ପରିମାଣର ବର୍ଷା ଆଶା କରାଯାଉଛି। ପ୍ରତି ବର୍ଷ ଦୁଇ ତିନି ଥର ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି। ସହରରେ ମୋଟ ୧୭୨୪ କିଲୋମିଟର ଦୀର୍ଘ ଡ୍ରେନେଜ ବ୍ୟବସ୍ଥା ରହିଥିଲା ବେଳେ ଏଗୁଡ଼ିକରୁ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଏହି କାର୍ଯ୍ୟ ଚାଲୁ ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ସହରର ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ସହ ବକ୍ସ ଡ୍ରେନର ସଫେଇ ଆସନ୍ତା ଜୁନ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ ସହରରେ ଅନେକ ନାଳନର୍ଦ୍ଦମାରୁ ଏବେ ବି ଜବରଦଖଲ ହଟାଯାଇ ପାରିନାହିଁ। ପ୍ରାୟତଃ ଆବର୍ଜନା ଭରି ରହିଥିବା ଏହି ନର୍ଦ୍ଦମାଗୁଡ଼ିକରେ ସହରର ବର୍ଜ୍ୟବସ୍ତୁଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦୂଷଣଯୁକ୍ତ ସାମଗ୍ରୀ ମଧ୍ୟ ରହିଛି।

ଏହାର ସଫେଇ ଶେଷ କରାଯାଇ ନପାରିଲେ ଅସରାଏ ବଡ଼ବର୍ଷାରେ ସହରର ୧୧୯ଟି ତଳିଆ ଅଞ୍ଚଳ ଜଳମଗ୍ନ ହୋଇପଡ଼ିବ ଏଥିରେ ସନ୍ଦେହ ନାହିଁ। କଟକରେ ମୁଖ୍ୟତଃ ୪୦୩ କିମି ପର୍ଯ୍ୟନ୍ତ ପ୍ରାକୃତିକ ନାଳ ରହିଥିବା ବେଳେ ଏଥିରୁ ୯୦ପ୍ରତିଶତ ସଫା ହୋଇପାରିଛି।

## ପୁଲିସକୁ ଆକ୍ରମଣ କରି ୪ ଗିରଫ



**କଟକ, ୭।୬(ସମିସ):** ଭୋଜିଭାତ ସମୟରେ ନିଶାସକ୍ତ ଅବସ୍ଥାରେ ନିଜ ଭିତରେ ମାରପିଟ ହେବା ସହିତ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରି ୪ଜଣ ଯୁବକ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ ବିଡାନାସୀ ଜ୍ୟୋତିବିହାର ଲେନ୍-୨ର ସତ୍ୟଜିତ ମହାନ୍ତି(୨୬), ଲାଲବାଗ ଥାନା ସିଦ୍ଧେଶ୍ୱର ସାହିର ନରସିଂହ ସେଠୀ(୪୫), ଧବଳେଶ୍ୱର ଗଡ଼ା ବସ୍ତିର ବିଜୟ କୁମାର ନାୟକ(୨୭) ଓ ବିଡାନାସୀରେ ରହୁଥିବା ବ୍ରହ୍ମପୁର ଗେଟ୍ ବଜାରର ଚନ୍ଦନ ସେଠୀ(୨୯)। ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଶୁକ୍ରବାର ଉପରୋକ୍ତ ଅଭିଯୁକ୍ତମାନେ ଅନ୍ୟମାନଙ୍କ ସହ ଧବଳେଶ୍ୱର ଗଡ଼ା ପଠାରେ ଭୋଜିଭାତ କରୁଥିଲେ। ସେଠାରେ ଗଣ୍ଡଗୋଳ ଖବର ପାଇ ଫେଜ-୨ ଥାନା ପିସିଆର ପୁଲିସ ପହଞ୍ଚିଥିଲା। ନିଶାସକ୍ତ ଜଣେ ଅଭିଯୁକ୍ତ ପଥର ମାଡ଼ କରିବାରୁ ଜଣେ ହାବିଲଦାର ଆହତ ହୋଇଥିଲେ। ଜଣେ ହୋମଗାର୍ଡଙ୍କୁ ସେମାନେ ମାରଧର କରିଥିଲେ। ଧସ୍ତାଧସ୍ତି ଭିତରେ ପିସିଆର ଗାଡି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହା ମଧ୍ୟରେ ଥାନାରୁ ଆଉ ଗୋଟିଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ୪ ଜଣଙ୍କୁ କାବୁ କରିଥିଲା ବେଳେ ଅନ୍ୟମାନେ ସେଠାରୁ ଚମ୍ପଟ ମାରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରିୟଦର୍ଶିନୀ ନନ୍ଦ ସୂଚନା ଦେଇଛନ୍ତି।



ଭୁବନେଶ୍ୱର: ଦୟାନିଧି ସ୍ମୃତି କଳା ପରିଷଦ ଏବଂ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ନୃତ୍ୟଗୁରୁ ଦୟାନିଧି ଦାସଙ୍କ ୯୮ତମ ଜୟନ୍ତୀ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ପାଳିତ ହୋଇଛି।

### ବଡ଼ ମେଡିକାଲରେ ରୋଗୀ ହଇରାଣ

# ବ୍ୟାଟେରୀ ଗାଡ଼ିରେ ଚାର୍ଜ ନାହିଁ!



- ନର୍ସିଂ କଲେଜ ପାଖରେ ପଡ଼ି ରହିଛି ଗାଡ଼ି
- ଅବ୍ୟବସ୍ଥା ବାବଦରେ କର୍ତ୍ତୃପକ୍ଷ ଜାଣିଶୁଣି ନିରବ

**କଟକ, ୭।୬(ସମିସ):** ବଡ଼ ମେଡିକାଲରେ ରୋଗୀ ସେବା ବହୁମାତ୍ରାରେ ପ୍ରଭାବିତ ହେଲାଣି। ଷ୍ଟ୍ରେଚର ସଙ୍କଟ ଯୋଗୁଁ ପ୍ରତ୍ୟେକ ଦିନ ଅନେକ ରୋଗୀ କାନ୍ଧରେ ବୁହା ହେଉଛନ୍ତି। ଏହା ଭିତରେ ବ୍ୟାଟେରୀ ଗାଡ଼ି ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଲାଣି। ମେଡିକାଲରେ ବ୍ୟାଟେରୀ ଗାଡ଼ି ଥାଇ ମଧ୍ୟ କାମରେ ଲାଗୁନି। ମେଡିକାଲର ନର୍ସିଂ କଲେଜ ନିକଟରେ ବ୍ୟାଟେରୀ ଗାଡ଼ି ଖରାପ ହୋଇ ଖତ ଖାଉଥିବାବେଳେ ଅଧିକାଂଶ ଗାଡ଼ିରେ ଚାର୍ଜ ନଥିବାରୁ ତାହା ରୋଗୀ ସେବାରେ ଲାଗୁନାହିଁ ବୋଲି ଜଣେ କର୍ମଚାରୀ କହିଛନ୍ତି। ଏ ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଗୋଟିଏ ୱାର୍ଡରୁ ଅନ୍ୟତ୍ର ନେବା ଆଣିବା କରିବା କିମ୍ବା କାଜୁଆଲିଟିରୁ ୱାର୍ଡକୁ ନେବା ନିମନ୍ତେ ବ୍ୟାଟେରୀ ଗାଡି ବ୍ୟବସ୍ଥା ଦୀର୍ଘ ୧୫ ବର୍ଷ ହେବ ଉପଲବ୍ଧ ରହିଛି। ନାଲକୋ ପକ୍ଷରୁ ମେଡିକାଲକୁ ୨୦ଟି ବ୍ୟାଟେରୀ ଗାଡି ଯୋଗାଇ ଦିଆଯାଇଥିଲା। ଏହାର ରକ୍ଷଣାବେକ୍ଷଣା କରିବା ନିମନ୍ତେ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ବ୍ୟାଟେରୀ ଗାଡିର ସେବା ବାବଦରେ ଲୋକେ ସହଜରେ ଜାଣି ପାରିବା ନିମନ୍ତେ ମେଡିକାଲ ପରିସରରେ ୪ଟି ସହାୟତା କେନ୍ଦ୍ର ଖୋଲିଥିଲା। ଏଥିରେ ୩୪ଜଣ ନିଯୁକ୍ତ ହୋଇଥିଲେ। ହେଲେ ମେଡିକାଲରେ ବ୍ୟାଟେରୀ ଗାଡିର ରକ୍ଷଣାବେକ୍ଷଣା ଠିକ୍ ଭାବେ କରାଯାଉ ନାହିଁ। ଯାହାଫଳରେ ରୋଗୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।


ମେଡିକାଲର ନର୍ସିଂ କଲେଜ ନିକଟରେ ବ୍ୟାଟେରୀ ଗାଡି ଖରାପ ହୋଇ ଖତ ଖାଉଛି। ସମୁଦାୟ ୨୦ଟି ଗାଡରୁ ଦୁଇଟି ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ଅନ୍ୟ କିଛି ଗାଡି ରୋଗୀ ସେବାରେ ନିୟୋଜିତ ହେଉଥିଲେ ସୁଦ୍ଧା ଘଣ୍ଟାଏ ଦୁଇ ଘଣ୍ଟା ବୁଲିବା ପରେ ପୁର୍ନବାର ନର୍ସିଂ କଲେଜ ନିକଟରେ ଆସି ଛିଡ଼ା ହେଉଛି। ତେବେ ଗାଡି ଗୁଡିକରେ ଚାର୍ଜ ରହୁ ନଥିବାରୁ ଏଭଳି ସମସ୍ୟା ହେଉଛି ବୋଲି ବ୍ୟାଟେରୀ ଗାଡି ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ କହିଛନ୍ତି। ଏଭଳି ଅବ୍ୟବସ୍ଥା ଦ୍ୱାରା ମେଡିକାଲକୁ ଦୂରଦୂରାନ୍ତରରୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଶନିବାର ନଜରକୁ ଆସିଛି। କେନ୍ଦୁଝର ଅଞ୍ଚଳର ରୋଗୀଙ୍କ ସମ୍ପର୍କୀୟ ଅକ୍ଷୟ ପଟ୍ଟନାୟକ କହିଛନ୍ତି ଯେ, ଭେଷଜ ବିଭାଗରେ ଚିକିତ୍ସିତ ପତ୍ନୀଙ୍କ ସିଟି ସ୍କାନ କରିବା ନିମନ୍ତେ ଡାକ୍ତର ପରାମର୍ଶ ଦେଇଥିଲେ। ଘଣ୍ଟାଏରୁ ଅଧିକ ସମୟ ଧରି ବ୍ୟାଟେରୀ ଗାଡି ସହାୟତା ନମ୍ବରରେ ଫୋନ କରିଥିଲେ ମଧ୍ୟ କେହି ରିସିଭ କରିନଥିଲେ। ଏହା ଏଠାରେ ଏକ ପ୍ରକାର ନିତିଦିନିଆ ସମସ୍ୟା ହୋଇ ସାରିଲାଣି।

## ରୌପ୍ୟନଗରୀରେ ଭାଇଚାରାର ପର୍ବ ବକ୍ରି ଇଦ୍











### କୋହଳ ହେଉଛି ଚଢ଼ଉ

# ବେଲଗାମ୍ ଚୋରା ମଦ କାରବାର

**କଟକ, ୭।୬(ସମିସ)**

କଟକ ସହରରେ ଚୋରା ବିଦେଶୀ ମଦ କାରବାର ବଢ଼ିବାରେ ଲାଗିଛି। ବିଳମ୍ବିତ ରାତିରେ ଜମୁଛି ଚୋରା ବିଦେଶୀ ମଦ ବ୍ୟବସାୟ। ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଥିଲେ ମଧ୍ୟ ଏହାକୁ ବେଖାତିର୍ କରୁଛନ୍ତି ଚୋରା ମଦ ବେପାରୀ। ମଙ୍ଗଳାବାଗ, ପୁରୀଘାଟ, କଲେଜଛକ, ବିଡ଼ାନାସୀ ଏବଂ ବକ୍ସିବଜାରର ନର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ବିଳମ୍ବିତ ରାତିରେ ଚୋରା ମଦ ବ୍ୟବସାୟ ହେଉଥିବାର ଅଭିଯୋଗ ଉଠିଛି। କମିଶନରେଟ୍ ପୁଲିସ ଓ ଅବକାରୀ ବିଭାଗର ମିଳିତ ତତ୍ତ୍ୱାବଧାନରେ ଚଢ଼ଉ ଜାରି ରଖିଥିଲେ ମଧ୍ୟ ସହରରେ ଚୋରା ମଦ କାରବାରକୁ ରୋକାଯାଇ ପାରୁନାହିଁ। ଏହି ପରିପ୍ରେକ୍ଷୀରେ କମିଶନରେଟ୍ ପୁଲିସର ଅପରାଧ ସମୀକ୍ଷା ବୈଠକରେ ମହୁଆ ଧରପଗଡ଼ ଓ ଚୋରା ମଦ ବ୍ୟବସାୟ ରୋକିବାକୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲେ ମଧ୍ୟ ଏହି ବେଆଇନ୍ କାରବାର ରୋକିବା ସମ୍ଭବ ହେଉନାହିଁ। ମହାନଗରରେ ଏହି ସ୍କ୍ୱାଡ୍ ରାତି ୧୦ଟା୩୦ରୁ ଭୋର ୬ଟା ଯାଏଁ ଡ୍ୟୁଟି କରୁଥିଲେ ମଧ୍ୟ ଚୋରା ବିଦେଶୀ ମଦ କାରବାରକୁ ରୋକି ହେଉନାହିଁ।

ଅଭିଯୋଗ ଅନୁସାରେ, ସାଧାରଣ ଭାବେ ପଞ୍ଜିକୃତ ମଦ ଦୋକାନ ନିକଟବର୍ତ୍ତୀ



ଲାଇସେନ୍ସପ୍ରାପ୍ତ ମଦ ଦୋକାନ ବାହାରେ ହେଉଛି ବିକ୍ରୟ

ରାତି ୧୨ରୁ ଭୋର ୬ ଯାଏଁ ହେଉଛି କାରବାର

ଅଞ୍ଚଳରେ ଏଭଳି ଚୋରା କାରବାର କରାଯାଉଛି। ନିୟମ ଅନୁସାରେ ସହରର ଅଫସପଗୁଡ଼ିକ ୧୦ଟା ୩୦ରେ ବନ୍ଦ ହୋଇ ଯାଉଥିବା ବେଳେ ରାତି ୧୨ଟାରେ ଅନ୍‌ସପ୍ ଗୁଡ଼ିକ ବନ୍ଦ ହେଉଛି। ଏହି ସମୟକୁ ଛାଡ଼ି ଚୋରା ମଦ ବେପାରୀମାନେ ରାତି ୧୨ଟା ପରେ ଚୋରା ମଦ ବିକ୍ରି କରୁଛନ୍ତି। ଚଢ଼ା ଦରରେ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବିକ୍ରୟ କରାଯାଉଛି। ପିସିଆର୍ ଭ୍ୟାନ୍ ପାଟ୍ରୋଲିଂ କରୁଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅନ୍ୟପକ୍ଷରେ କମିଶନରେଟ୍ ପୁଲିସ ପକ୍ଷରୁ କେବଳ ଚୋରା ମଦ କାରବାରରେ ଗତ ୧ବର୍ଷ ମଧ୍ୟରେ ୫୧୦ ଜଣ ଗିରଫ ହୋଇଛନ୍ତି। ସେହି ପରି ଅବାକାରୀ ବିଭାଗ ପକ୍ଷରୁ ୩୮ ଜଣ ସହର ମଧ୍ୟରୁ ଗିରଫ କରାଯାଇଛି। ଏହି ଭଳି ମୋଟ ୫୪୮ ଜଣ ଚୋରା ବିଦେଶୀ ମଦ ବିକ୍ରୟ କରି ଗିରଫ ହୋଇଛନ୍ତି। ତଥାପି ଏହି କାରବାର କମୁ ନାହିଁ। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକଙ୍କୁ ପ୍ରଶ୍ନ କରିବାରୁ ସେ କହନ୍ତି, ପ୍ରତି ମାସରେ ପଞ୍ଜିକୃତ ମଦ ଦୋକାନଗୁଡ଼ିକୁ ଯାଞ୍ଚ କରାଯାଉଛି। ନିୟମିତ ବ୍ୟବଧାନରେ ସହର ମଧ୍ୟରେ ଚୋରା ମଦ ବେପାରୀଙ୍କୁ ଧରିବାକୁ ଚଢ଼ଉ ଜାରି ରହିଛି। ଅବକାରୀ ଗୁଇନ୍ଦା ସୂତ୍ରରୁ ମିଳୁଥିବା ସୂଚନା ଆଧାର ଏବଂ ଅନ୍ୟାନ୍ୟ ସୂତ୍ରରୁ ଖବର ମିଳିବା ପରେ ସହରରେ ଚଢ଼ଉ କରାଯାଉଛି। ସେହିପରି କମିଶନରେଟ୍ ପୁଲିସ ପକ୍ଷରୁ ଅତିରିକ୍ତ ଡିସିପି ଦେବଦତ୍ତ କରଙ୍କୁ ପଚାରିବାରୁ ସେ କହିଲେ ଯେ ନିୟମିତ ଭାବେ ସ୍ପେସାଲ୍ ଡ୍ରାଇଭ୍ ଚାଲିଛି। ଯେଉଁ ଯେଉଁ ସ୍ଥାନରେ ଚୋରା ମଦ ବେପାର ହେଉଛି, ସେମାନଙ୍କୁ ଧରିବାକୁ ସ୍ଥାନୀୟ ଥାନାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପୁଲିସର ମଦ୍ୟପ ଓ ଚୋରା ମଦ କାରବାର ଧରପଗଡ଼ ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ କାର୍ଯ୍ୟ କରୁଛି।

ମିଳିଥିବା ସୂଚନା ଅନୁସାରେ, କଟକ ସହରରେ ବିଳମ୍ବିତ ରାତ୍ରରେ ବ୍ୟାପକ ମଦ କାରବାର କରାଯାଉଛି। ବିଭିନ୍ନ ଅଞ୍ଚଳରେ କେଉଁଠି ଚୋରା ମଦ କାରବାର ହେଉଛି ଏବଂ ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ଏହି କାରବାରରେ ସମ୍ପୃକ୍ତ ରହୁଛନ୍ତି କି ନାହିଁ ଏବଂ ସହରର ବିଭିନ୍ନ ଅଞ୍ଚଳ ମଧ୍ୟରୁ କେଉଁଠି ବିଳମ୍ବିତ ରାତ୍ରରେ ମଦ କାରବାର ହେଉଛି ଏ ସମ୍ପର୍କରେ ପୁଲିସ ନିକଟରେ ତଥ୍ୟ ରହିଛି। ଚୋରା ମଦ କାରବାରକୁ ବନ୍ଦ କରିବା ନିମନ୍ତେ କମିଶନରେଟ୍ ପୁଲିସ ପଦକ୍ଷେପ ନେଉଥିବା କଥା କହୁଛି। ବାସ୍ତବରେ ଏହି କାରବାର ରୋକିବା ସମ୍ଭବ ହୋଇ ପାରୁନାହିଁ।

## ବିଶ୍ୱନାଥ ସଙ୍ଗୀତାଳୟର ବାର୍ଷିକୋତ୍ସବ




**କଟକ, ୭।୬(ସମିସ):** କଳାବିକାଶ କେନ୍ଦ୍ରଠାରେ ବିଶ୍ୱନାଥ ସଙ୍ଗୀତାଳୟର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଡେପୁଟି କଲେକ୍ଟର ସୁଜୟ କୁମାର ପତି, କଟକ ସଂସ୍କୃତି ବିଭାଗ ଅଧିକାରୀ ନଳିନୀକାନ୍ତ ସାହୁ, ଅନୁଷ୍ଠାନର ସଭାପତି ଗୁରୁ ପ୍ରଫୁଲ୍ଲ କୁମାର ରାୟ, ସମ୍ପାଦକ ଗୁରୁ ଦୀପ୍ତି ରାଉତରାୟ, ବିଶିଷ୍ଟ କଣ୍ଠଶିଳ୍ପୀ ଗୁରୁ ବନ୍ଦିତା ରାୟ ଓ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଉମାଶଙ୍କର ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଗୁରୁ ଦୀପ୍ତି ରାଉତରାୟଙ୍କ ତତ୍ତ୍ୱାବଧାନରେ ଓଡିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ପ୍ରଫୁଲ୍ଲ କୁମାର ରାୟ ଓ ଗୁରୁ ବନ୍ଦିତା ରାୟଙ୍କ ତତ୍ତ୍ୱାବଧାନରେ ଅରୋଦିପ ରାୟ ଓଡିଶୀ ସଙ୍ଗୀତ ଓ ଫାଲ୍‌ଗୁନି ରାୟ ହିନ୍ଦୁସ୍ଥାନୀ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଗୁରୁ ପ୍ରଫୁଲ୍ଲ କୁମାର ରାୟ, ଗୁରୁ ଜନାର୍ଦ୍ଦନ ଦାଶ, ସତ୍ୟବ୍ରତ ସାମଲ, ଗୁରୁ ଅଜୟ ବାରିକ ଓ ସୁଶ୍ରୀ ମନିଷା ପଣ୍ଡା, ଗୁରୁ ପ୍ରଦୀପ କୁମାର ରାୟଙ୍କ ତତ୍ତ୍ୱାବଧାନରେ କମଳ ଲୋଚନ ମହାନ୍ତି, ସୁଶ୍ରୀ ଆଦିତି ମିଶ୍ର ଓ ସୁଶ୍ରୀ ସାଇସା ମହାନ୍ତି ମିଳିତ ବେହେଲା ବାଦନ କରିଥିଲେ। ବିଶ୍ୱଜିତ ବଳିଆର ସିଂହ ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ।

## ରାସ୍ତା ଓ ଡ୍ରେନ୍‌ର ଭିତ୍ତିପ୍ରସ୍ତର

**କଟକ, ୭।୬(ସମିସ):** ୱାର୍ଡ ନଂ ୨୪ ବଜ୍ରକବାଟି କେନାଲ ରୋଡରେ ୧୦ ଲକ୍ଷ ବ୍ୟୟ ଅଟକଳରେ ଏକ ରାସ୍ତା ଓ ଡ୍ରେନ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବକମାନେ ଉପସ୍ଥିତ ଥିଲେ।



# ଭାଗ୍ୟର ଖେଳ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ନିଜକୁ ତିନୋଟି ପୁଅର ମାଆ ବୋଲି ବହୁତ ଭାଗ୍ୟବାନ ମନେ କରୁଥିଲେ ରମାଦେବୀ । ଗର୍ବରେ ତାଙ୍କ ଛାତି ଫୁଲି ଉଠେ ଯେବେ ପାଖ ପଡ଼ୋଶୀ ତାଙ୍କ ତିନି ପୁଅଙ୍କ ଗୁଣ ଗାରିମା କଥା କହି ତାଙ୍କ ପ୍ରଶଂସା କରନ୍ତି । ତିନି ଜଣ ଯାକ ଭଲ ପାଠ ପଢ଼ି ଉଚ୍ଚ ପଦ ପଦବିରେ ଅଧିଷ୍ଠିତ, କାହିଁକି ଗର୍ବ ନ କରିବେ ଯେ ! କମ କଷ୍ଟ କରିନାହାନ୍ତି ବାପା ମାଆ ଦିଜଣ ତିନି ତିନିଟା ପିଲାଙ୍କୁ ବଢ଼େଇବା ପାଇଁ । ରମେଶ ବାବୁ ସରକାରୀ ଦରମାରେ ବଡ଼ କଷ୍ଟରେ ଘର ଚଳାଉଥିବେ ବି ପିଲାଙ୍କ ପାଠପଢ଼ାରେ ଊଣା କରିନାହାନ୍ତି କେବେ କିଛି । ଅତି ଅଭାବ ପଡ଼ିଲେ, ବାପ ଦାଦିଙ୍କଠାରୁ ପାଇଥିବା ଜମି ଖଣ୍ଡେ ଖଣ୍ଡେ ବିକ୍ରି କରିଦେଇଛନ୍ତି, ହେଲେ ପିଲାଙ୍କର ଅସୁବିଧା ହେବାକୁ ଦେଇ ନାହାନ୍ତି । କ'ଣ ହେବ ସେ ଜମି ଜମା, ଯାହା ତ ଅଛି ସବୁ ପିଲାଙ୍କ ପାଇଁ । ତାପରେ ସେମାନେ ବଡ଼ ହୋଇଗଲେ ଘରର ସବୁ ଦାୟିତ୍ୱ ନେବେ ନାହିଁ କି ?

ଆଗତ ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ବିଭୋର ହୁଅନ୍ତି ବାପାମାଆ । ଏ ଜନ୍ମରେ ତ ଅନ୍ତତଃ ତାଙ୍କର କିଛି ଅସୁବିଧା ରହିବ ନାହିଁ ବୋଲି ବିଶ୍ୱାସଟିଏ ଦାନା ବାନ୍ଧୁଥାଏ ତାଙ୍କ ଅନ୍ତରରେ । ବାର୍ଦ୍ଧକ୍ୟ ସୁଖମୟ ହେବାର ପୂର୍ଣ୍ଣ ବିଶ୍ୱାସ ଦୁହିଁଙ୍କ ମୁଖମଣ୍ଡଳକୁ ଉଜ୍ଜ୍ୱଳ କରେ । ଅବସର ନେଲା ପରେ କାହା ଘରେ ରହିବେ, କେଉଁଠିକୁ ବୁଲିବାକୁ ଯିବେ, ସବୁ ତାଙ୍କ ଇଚ୍ଛା ଅନୁସାରେ ହେବା ତ ଥୟ । ଏବେ ଟିକେ କଷ୍ଟ କରିଦେଲେ ଗଲା । ଏହି ବିଚାର ଜନିତ ଆଶ୍ୱସ୍ତି ଦମ୍ପତିଙ୍କ ମନରେ ସଦା ରହିଥାଏ । ସେଥିପାଇଁ ତ ବାର୍ଦ୍ଧକ୍ୟ ପାଇଁ କିଛି ସଞ୍ଚୟ କରିବାକୁ ଉଚିତ ମଣି ନାହାନ୍ତି ସୁରେଶ ବାବୁ । ପୁଅମାନଙ୍କ ସହ ଖୁସି ଜୀବନ ବିତେଇବାର ଯୋଜନା ତାଙ୍କ ମସ୍ତିଷ୍କ କେବେଠାରୁ କରି ସାରିଛି ।

ଦାରୁଣ ଭାଗ୍ୟର କି ଖେଳ ! ତିନି ତିନିଟା ପୁଅର ମାଆ, ଆଜି ପରିଣତ ବୟସରେ ନିଜେ ରୋଷେଇ କରି ଖାଇବାକୁ ବାଧ୍ୟ ହେଉଛି । ସୁରେଶ ବାବୁଙ୍କ ମୃତ୍ୟୁ ପରେ ରମାଦେବୀ ଯେମିତି ହଠାତ ବୋଝ ପାଲଟି ଯାଇଛନ୍ତି ସେମାନଙ୍କ ପାଇଁ । ବାପାଙ୍କ ପେନ୍‌ସନ୍ ଲୋଭରେ ସମସ୍ତେ କିଛି କିଛି ଦିନ ପାଳି କରି ତାଙ୍କୁ ଘରେ ରଖିଲେ । ବୟସ ବଢ଼ିବାରୁ ମାଆର ବି ଉଚ୍ଚ ରକ୍ତଚାପ, ମଧୁମେହ ରୋଗ ବାହାରି ପଡ଼ିଲା । ପେନ୍‌ସନ୍ ତକ ତାଙ୍କ ନିୟମିତ ଚିକିତ୍ସା, ଔଷଧ ଆଉ ଟିକେ ଭଲମନ୍ଦ ଖାଇବାରେ ଶେଷ । ପୁଅମାନେ ଦେଖିଲେ ମାଆକୁ ଏବେ ପାଖରେ ରଖିଲେ ଲାଭଠାରୁ ବରଂ ଖର୍ଚ୍ଚ ଅଧିକ । ଜଣେ ଅନ୍ୟ ଜଣଙ୍କୁ ମାଆର ଦାୟିତ୍ୱ ନେବାକୁ କହିଲେ ନିଜର ଭିନ୍ନ ଭିନ୍ନ ଅସୁବିଧା ଦେଖାଇ ।

ରମାଦେବୀ ବୁଝି ପାରିଲେ ତାଙ୍କ ସିଆଣିଆ ପୁଅମାନଙ୍କ ମନକଥା । ନିଜ ସ୍ୱାମୀ ଗଢ଼ିଥିବା ଗାଁର ପରିତ୍ୟକ୍ତ ଘରକୁ ଫେରିଯିବା ପାଇଁ ସେ ନିଷ୍ପତ୍ତି ନେଲେ । ଉପରେ ଉପରେ ପୁଅମାନେ ବହୁତ ମନ ଦୁଃଖ କଲେ, ମାଆକୁ ମନା ବି କଲେ ନ ଯିବା ପାଇଁ । ହେଲେ ମାଆ ତ, ପିଲାମାନଙ୍କର ମନକଥା ଜାଣିବା ପରେ ସେମାନଙ୍କ ସହ ଦଣ୍ଡେ ହେଲେ ଆଉ ରହିବାକୁ ଚାହିଁଲେ ନାହିଁ । ଶେଷ ନିଶ୍ୱାସ ନିଜ ସ୍ୱାମୀ ତୋଳିଥିବା ଘରେ ନେଲେ ହିଁ ମୁକ୍ତି ଅଛି, ଭାବି ଏକୁଟିଆ ଗାଁରେ ରହିବାକୁ ଲାଗିଲେ ।



ପରଳ ପଡ଼ିଥିବା ଆଖିରେ ଭଲରେ କିଛି ଦେଖାଯାଏନି ବୋଲି ଦିନକୁ ଥରେ କ'ଣ ଗଣ୍ଡେ ଫୁଟେଇ ଦେଇ ଦିନଯାକ ସେୟାକୁ ଖାଇ ଦିଅନ୍ତି ରମାଦେବୀ । ଦେହ ପା' ଅସୁଖ ଦିନ ଚୁଲି ନ ଜାଳି ପାରିଲେ ଶୁଖିଲା ମୁଢ଼ି କି ଚୁଡ଼ା ପାଟିରେ ପକେଇ ନିଜ ଭାଗ୍ୟକୁ ନିନ୍ଦନ୍ତି । କେତେଥର ଝାଡ଼ା, ପରିସ୍ରା ଗଲା ବେଳେ ଶିଉଳି ଲଗା ଭୂଇଁ ଉପରେ ପାଦ ଖସି ପଡ଼ିଯାଇଛନ୍ତି । ମୁଣ୍ଡରେ, କହୁଣୀରେ ବାଜି କ୍ଷତ ସୃଷ୍ଟି ହୁଏ । ପୁଣି ଉଠି ନିଜେ ମଲମ ଲଗାଇ ନିଜକୁ ବୋଧ ଦିଅନ୍ତି ସେ । ଏମିତି ନୁହେଁ ଯେ ଯନ୍ତ୍ରଣା ହୁଏ ନାହିଁ, ହେଲେ ସେ କଷ୍ଟ ତାଙ୍କ ଅନ୍ତରର ଯନ୍ତ୍ରଣାଠାରୁ ଢେର କମ୍ । ନିତି ଠାକୁରଙ୍କ ପାଖରେ ମୃତ୍ୟୁ ପାଇଁ ପ୍ରାର୍ଥନା କରନ୍ତି, "କାହିଁକି ନେଇ ଯାଉ ନାହଁ ଠାକୁରେ, ଏ ଜୀବନ ଥାଇ ଆଉ କି ଲାଭ ? କାହାର ତ କିଛି ଆଉ କାମରେ ଆସୁନାହିଁ ମୁଁ, କାହିଁକି ଏକାକୀ କଷ୍ଟ ଭୋଗିବାକୁ ବଞ୍ଚେଇ ରଖିଛ ମୋତେ!"

ସ୍ୱାମୀ ସୁରେଶଙ୍କ ଫଟୋ ଆଗରେ ଛିଡ଼ା ହୋଇ ନିଜ ଭାଗ୍ୟକୁ ନିନ୍ଦନ୍ତି । "ତିନି ପୁଅ ହେଲେ ବୋଲି କେତେ ଖୁସି ହେଉଥିଲ, ଆମେ କେତେ ଭାଗ୍ୟବାନ ବୋଲି ଚାରିଆଡ଼େ କହି ବୁଲୁଥିଲ, ମାତ୍ର ସେଇ ତିନି ପୁଅଙ୍କ ସେବା, ସ୍ନେହ, ସାନ୍ନିଧ ପାଇବା ଆମ ଭାଗ୍ୟରେ ନାହିଁ । କେଉଁ ଜନ୍ମରେ କି ପାପ କରିଥିଲି ବୋଧେ, ତା'ର ଫଳ ଭୋଗିବାକୁ ବାକି ଜୀବନ ଏକୁଟିଆ ବିତେଇବାକୁ ହେଉଛି ।"

ଥର ଥର ହାତରେ ଘରକାମ କଲା ବେଳକୁ ତାଙ୍କର ମନ କଷ୍ଟ ହୁଏ ସିନା, ତଥାପି ପରମେଶ୍ୱରଙ୍କ ପାଖରେ ତିନି ପୁଅଙ୍କ ଶୁଭ ମନାସି ପ୍ରତିଦିନ ଦୀପଟିଏ ଜାଳିବାକୁ ଭୁଲନ୍ତି ନାହିଁ ସେ । ନିଜ ଭାଗ୍ୟକୁ ନେଇ କେତେ ଯେ ଗର୍ବ କରୁ ନ ଥିଲେ ସେ ! ଏବେ ନିଜ ଭାଗ୍ୟର ତର୍ଜମା କରି ପ୍ରାୟ ସବୁଦିନ ଏମିତି ତାଙ୍କ ଆଖିରୁ ଲୁହ ବୋହିଯାଏ । ■

ଭୁବନେଶ୍ୱର - ୨
ମୋ: ୬୩୭୦୫୧୬୪୭୮

# ନିବୃତ୍ତ ରହିବି



ମନୁଆ ଦାସ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି
ହିଂସାର ପ୍ରତିଯୋଗିତାରୁ
କିଏ କେତେ କଲା ସୀମାରେ
ନରସଂହାର
ନିବୃତ୍ତ ରହିବି ନ୍ୟାୟ ଅନ୍ୟାୟର
ବଦଳୁଥିବା ସାମରିକ ପରିଭାଷାରୁ

ମୋ ପରିଚୟରୁ ଉତାରି ଦେବି ଦେଶର ସାଂଗିଆ
ଜାତିର ସାଂଗିଆ, ଧର୍ମର ସାଂଗିଆ ଆଉ ପୁଞ୍ଜିର ମାପକାଠି
ମୋ ସମ୍ପର୍କରୁ ଓହ୍ଲାଇଦେବି ଅହଂକାରର ଯେତେ ପରିପାଟୀ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି
ରାଜନୀତିର ସଂକ୍ରମଣରୁ
କିଏ କେତେ ଅକ୍ତିଆର କଲା କ୍ଷମତା
ବସିବାକୁ ସର୍ବୋଚ୍ଚ ନିଶାପରେ
ନିବୃତ୍ତ ରହିବି ଜୟପରାଜୟର
ବଦଳୁଥିବା ବେପାର ଚିହ୍ନରୁ

ମୋ ମନୁଷ୍ୟତ୍ୱରୁ ଉତାରି ଦେବି ଉପଭୋକ୍ତାର ଭୋକ
ଆତ୍ମସାତ୍ କରିବାର ଲୋଭ, ପକ୍ଷଧାରୀର ଛଦ୍ମବେଶ
ମୋ ସଂପର୍କରୁ ଓହ୍ଲାଇଦେବି ସମତାର ବିଚାର ବିଦ୍ୱେଷ

ଯେତେ ଦିନ ବଞ୍ଚିବି
ଇଚ୍ଛା ହୁଏ ନିବୃତ୍ତ ରହିବି

ମୋ ଚଳଣିରୁ ଉତାରି ଦେବି ନିର୍ବାଚନର ସୁଆଙ୍ଗ
ମୋ ନିଃସର୍ତ୍ତ ପ୍ରେମରୁ ଉତାରି ଦେବି ଅପ୍ରାପ୍ତିର ହିସାବ
ମୋ ମର୍ଯ୍ୟାଦାରୁ ଓହ୍ଲାଇ ଦେବି ପ୍ରତିପତ୍ତିର ରଙ୍ଗ
ମୋ ଅପାସୋରା ସ୍ମୃତିରୁ ଓହ୍ଲାଇଦେବି ଅମରତ୍ୱ

ସତରେ କ'ଣ ନିବୃତ୍ତ ରହିପାରିବି
ପ୍ରତ୍ୟାହାର କରିପାରିବି ନିଜକୁ
ଯେତେ ଦିନ ବଞ୍ଚିବି
ମୋ ଅଶାନ୍ତ ନିଃସଙ୍ଗତାରେ
ସଂସାରର ଆଶା
ମୋ ବ୍ୟର୍ଥ ଏକାକୀତ୍ୱରେ
କ'ଣ ସମ୍ବରଣ କରିପାରିବି
ବଞ୍ଚିରହିବାର ପିପାସା
ମୋ ପ୍ରେରିତ ସର୍ଜନାରେ
କ'ଣ ଲିଭେଇ ଦେଇପାରିବି
ସ୍ୱତ୍ୱଲିପିର ଉତ୍ତରାଧିକାର

ଅଥଚ ବାରମ୍ବାର କାହିଁକି
ଇଚ୍ଛା ହୁଏ ନିବୃତ୍ତ ରହିବି
ଅପଦାର୍ଥ ହୋଇ ବଞ୍ଚିବି
ଅଚିହ୍ନା ଅକିଞ୍ଚନ ହୋଇଯିବି
ସମୟର ଘନଘଟାରେ ଏଇଠି
ଥାଉ ଥାଉ ଥିବି ଯେପରି ନିଷ୍କ୍ରାନ୍ତ ■

ମୋ: ୯୭୭୭୯୬୫୩୨୦

# ବାପା : ଅବୁଝା ଈଶ୍ୱର



ଡକ୍ଟର ପୁରୁଷୋତ୍ତମ ମିଶ୍ର

ନିରୀହ ବାପା
ଯାହା କଲେ ବି ମନ ବୁଝେନା କାହାରି
ଗାମୁଛା କାନିରେ ବାନ୍ଧିକି ଆଣିଥିବା
ଅବୋଲକରା ନିଶ୍ୱାସକୁ ସାଇତି ରଖେ
କାଠ ବାକ୍ସରେ
ଦଶ ପ୍ରାଣୀର ଦଶ ଆଞ୍ଜୁଳାରେ
ନିଇତି ପରଷି ଦିଏ ଝୋଳ ।

ଆଗତ ବିଗତ ଭଲ ମନ୍ଦ ଜଣେ ନା,
ତେଣୁ ଯାହା ବି ଏ ଘରେ
ଅଶାନ୍ତି, ଅସନ୍ତୋଷ ଉପୁଜୁଛି
ସବୁଥି ପାଇଁ ସେ ଦାୟୀ ବୋଲି
ନିରୀହ ବାପା କେତେ ଟାପରା ଶୁଣେ,
ଶୁଣି ଶୁଣି
ହସି ଦିଏ ବରଂ, ତୀକ୍ଷ୍ଣ ଏକ ଛୁରିକାରେ
ତରଭୁଜ ପରି ହୃଦୟକୁ କରେ ଦଶ ଫାଳ ।

ଅନ୍ତିମରେ ନିଜର କିଛି ବୋଲି କିଛି ନାହିଁ
କି ଆମ ପାଇଁ ବାପା କିଛି କଲେ ନାହିଁ ବୋଲି
ବାରମ୍ବାର ଶୁଣିବା ସତ୍ତ୍ୱେ
ମୁଣ୍ଡରେ ଗାମୁଛା ଭିଡ଼େ ଯକ୍ଷ,
ଭିଡ଼େ ଜଞ୍ଜାଳ
ଗଧପୂର୍ଣ୍ଣି ସାଗ ପଟାଳିରେ
ପାଣି ମଡ଼ାଏ ସାରାଟା ଖରାବେଳ ।

ବାପାର ଛାତିରେ ଧୂଆଁ ଉଠେ
ଛାତିରେ ଚୁଲି ଜଳେ
ବାପାର ଛାତି, ଝାଳୁଆ ଗନ୍ଧେ

ବାପା ଲେଙ୍କଡ଼ା ପିନ୍ଧେ,
ବାପା କିଛି ଜାଣେନା
ଫୋକଟ୍ ରାମ୍ ଗିରିଧାରୀ
ତେଣୁ ତାଙ୍କୁ ଛାଡ଼ କହି
ବୁଢ଼ା ବୟସରେ ସଭିଏଁ ଦୂରରେ ରଖନ୍ତି,
ତଥାପି କିଏ ଖାଇଲା ନ ଖାଇଲା
କିଏ ଯାଇଛି, କିଏ ଆସିଲା
ସବୁ ପଚାରି ପଚାରି ବାପା
ଶୁଣେ ଅସହଣି ପଦ ।

ବାପା, ଜୀବନ ସାରା ବୁଝାମଣାର
ଏକ ଲମ୍ବା ସ୍ୱାକ୍ଷର,
ନିରୀହ ବାପା
ବାଇଶି ଏକଡ଼ ଜମି ମଝିରେ କରି ଦେଇଛି
ମସ୍ତବଡ଼ ଗୋଟିଏ ଘର,
ବାପାର ଅନ୍ୟ ନାମ ଅବୁଝା ଈଶ୍ୱର । ■

ସୁବର୍ଣ୍ଣପୁର
ମୋ: ୮୮୯୫୮୦୮୦୫୦

# 'ଜ୍ଞାନମଣ୍ଡଳ'ର ଏକକ ପ୍ରଣେତା ବିନୋଦ କାନୁନ୍‌ଗୋ



ବୈଷ୍ଣବ ମେହେର

"ମୁଁ ମନୁଷ୍ୟ । ଅନ୍ୟ ପ୍ରାଣୀମାନଙ୍କ ତୁଳନାରେ ମୋର ଗୋଟିଏ ଉନ୍ନତ ମସ୍ତିଷ୍କ ଅଛି । ତେଣୁ ଜଗତର ଯେ କୌଣସି କଥା ଜାଣିବା ପାଇଁ ଆଗ୍ରହ ହେବ । ମୁଁ ସହଜରେ ଜାଣିବି-ଜାଣିବାର ସୁଯୋଗ ପାଇବି । ମୁଁ ମନୁଷ୍ୟ ହୋଇଥିବାରୁ ଜ୍ଞାନ ହାସଲ କରିବାଟା ମୋର ଜନ୍ମଗତ ଅଧିକାର । ସେହି ଅଧିକାରରୁ କେହି ମୋତେ ବଞ୍ଚିତ କରିପାରିବେ ନାହିଁ । ଗୋଟିଏ ଅଭିଧାନରୁ ଗୋଟିଏ ଭାଷାର ପ୍ରତ୍ୟେକ ଶବ୍ଦର ଅର୍ଥ ମିଳିଗଲା ଭଳି ଗୋଟିଏ ପୁସ୍ତକରୁ ମାନବ ଜ୍ଞାନର ପ୍ରତ୍ୟେକ ବିଭାଗର ସଂକ୍ଷିପ୍ତ ପରିଚୟ ମିଳୁଥିବା ପୁସ୍ତକଟିର ଆବଶ୍ୟକତା ଅନୁଭବ କରାଗଲା...ଆମେ ଓଡ଼ିଆ, ଆମର ଗୋଟିଏ ଉନ୍ନତ ଭାଷା ଅଛି । ଦୁନିଆର ଚାରିଆଡ଼େ ଏହି ଭଳି ପୁସ୍ତକ ପ୍ରକାଶ ପାଉଥିଲା ବେଳେ ଆମେ କ'ଣ ସେଭଳି କରି ପାରିବା ନାହିଁ ? ଏହି ପ୍ରଶ୍ନ ଯେତେବେଳେ ମୋ ମନ ଭିତରେ ଉଠିଛି, ମୁଁ ବ୍ୟଥିତ ହୋଇ ପଡ଼ିଛି ଓ ନିଶ୍ଚୟ ପ୍ରକାଶ ପାଇବା ଉଚିତ ବୋଲି ବିଚାରି ୧୯୫୪ରେ ଗୋଟିଏ ଯୋଜନା କଲି ଓ ଆଜିର ଏହି ପ୍ରଥମ ଖଣ୍ଡିକ ସେଇ ଯୋଜନାର ଫଳ ।" 'ଜ୍ଞାନମଣ୍ଡଳ'ର ପ୍ରଥମ ଭାଗ ମୁଖବନ୍ଧର ନିଜକଥାରେ ଏହା ହେଉଛି ପ୍ରଣେତାଙ୍କ ଲିଖିତ ନିଜସ୍ୱ ଉକ୍ତି । ଉକ୍ତ ମୁଖବନ୍ଧରେ ମାତୃଭୂମି ଓ ମାତୃଭାଷା ପ୍ରତି ଜଣେ ସର୍ଜନଶୀଳ ମଣିଷର ସମର୍ପିତ ଭାବର ଯେଉଁ ପରିପ୍ରକାଶ ଘଟିଛି ତାର ପଟାନ୍ତର ନାହିଁ ।

ଆଜି ୱିକିପିଡ଼ିଆର ଯୁଗ ଚାଲିଛି, କିନ୍ତୁ ସମୟ ଥିଲା ଓଡ଼ିଶାରେ ଚାଲିଥିଲା ଜ୍ଞାନମଣ୍ଡଳର ଯୁଗ । ଜଣେ ଯଦି କିଛି ଓଡ଼ିଆ ଭାଷାରେ ଜାଣିବାକୁ ଚାହୁଁଥିଲା, ତେବେ ପାଖରେ ରଖିବାକୁ ପଡୁଥିଲା ଏକମାତ୍ର ଜ୍ଞାନର ଉତ୍ସ 'ଜ୍ଞାନମଣ୍ଡଳ' । ସେହି 'ଜ୍ଞାନମଣ୍ଡଳ'ର ସଫଳ ସ୍ରଷ୍ଟା ଥିଲେ ବିଂଶ ଶତାବ୍ଦୀର ଓଡ଼ିଶାର ଚଳନ୍ତି ଜ୍ଞାନବୃକ୍ଷ ଭାବରେ ପରିଚିତ ଭାଷା ଆଉ ମାଟି ପ୍ରତି ସମର୍ପିତ ମଣିଷ ବିଶିଷ୍ଟ ଚିନ୍ତାନାୟକ ବିନୋଦ କାନୁନ୍‌ଗୋ ।

କଥିତ ଅଛି ଯେ ତ୍ରୟୋଦଶ ଶତାବ୍ଦୀରେ ମଧ୍ୟ ଯୁଗର ପ୍ରଖ୍ୟାତ ଇଂରେଜ ବୈଜ୍ଞାନିକ ରୋଜର୍ ବେକନ ବିଶ୍ୱର ପ୍ରଥମ 'ଜ୍ଞାନକୋଷ' ରଚନା କରିଥିଲେ । କିନ୍ତୁ ତାହା ଲୋକଲୋଚନକୁ ଆସିବା ପୂର୍ବରୁ କୁଆଡ଼େ ଅନ୍ତର୍ହିତ ହୋଇଗଲା । ଏହାର ପ୍ରାୟ ପାଞ୍ଚଶହ ବର୍ଷ ପରେ ଏନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକାର ଆବିର୍ଭାବ ହେବା, ଗୋଟିଏ ଜ୍ଞାନକୋଷ ପ୍ରଣୟନ କରିବା କେତେ ଦୁଃସାଧ ତାହା ଅନୁମାନ କରାଯାଇପାରେ । ଇଂରେଜମାନେ ଭାବୁଥିଲେ ଯେ, ଇଂରାଜୀ ହିଁ ଏକମାତ୍ର ଜ୍ଞାନର ଭାଷା ଓ ଅନ୍ୟ ସମସ୍ତ ଭାଷା କେବଳ ଭାବର ଆଦାନପ୍ରଦାନ ପାଇଁ କଥିତ ଭାଷା ମାତ୍ର । ଆତ୍ମଗର୍ବୀ ଇଂରେଜମାନଙ୍କ ଏଭଳି ମନୋଭାବ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବ୍ୟଥିତ କରିଥିଲା । ସମସ୍ତେ ଲାଗିଥିଲେ ଯେ ଭାରତର ପ୍ରତ୍ୟେକ ପ୍ରାନ୍ତୀୟ ଭାଷା, ଜ୍ଞାନର ଭାଷା ହେଉ । ଏହି କ୍ରମରେ ଓଡ଼ିଆ ଭାଷାକୁ ଜ୍ଞାନର ଭାଷା ଭାବରେ ପରିଗଣିତ କରିବା ପାଇଁ ସଂଗ୍ରାମୀ ବିନୋଦ କାନୁନ୍‌ଗୋ ଓଡ଼ିଆ ଜ୍ଞାନକୋଷ ଲେଖିବାର ପରିକଳ୍ପନା କରିଥିଲେ ।

"ରଣ ସମୟରେ ବହି ଘୋଷିବାକୁ ମୋତେ ଆଉ ତୁମେ ବଳାନା
ଛାତିର ରକତ ତାତି ଉଠେ ମୋର, ବାଜିବାରୁ ଯୁଦ୍ଧ ବାଜଣା ।
ଯୁଦ୍ଧ ଇତିହାସ ହୋଇଲେ ପଠିତ,
ଶୁଣି ବଂଶଧର ହୋଇବେ ପଣ୍ଡିତ
ନରହନ୍ତାର କଂସେଇ ଶାଳେ ମୁଁ ଲେଖୁଥିବି ବସି ରଚନା ।"

ମାମୁଁ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ କଟକସ୍ଥିତ ବାସଭବନରେ ରହି କଲିଜିଏଟ୍ ସ୍କୁଲରେ ପାଠ ପଢୁଥିବା ସମୟରେ ଜାତୀୟକବି ବୀରକିଶୋରଙ୍କ ଉକ୍ତ ଗୀତ ବିନୋଦଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା । ବିନୋଦଙ୍କ କହିବା ଅନୁସାରେ ୧୯୩୦ ମସିହା ଏପ୍ରିଲ ନଅ ତାରିଖରେ ଏହି ଗୀତ ପଢ଼ିଲା ପରେ ତାଙ୍କ ମନର ସମସ୍ତ ସନ୍ଦେହ ଦୂର ହୋଇ ସେ ନିଜର ପ୍ରକୃତ କର୍ତ୍ତବ୍ୟ ପ୍ରତି ସଚେତନ ହୋଇଯାଇଥିଲେ । ଏହାର ଠିକ୍ ପରଦିନ ମାମୁଁ ଆର୍ତ୍ତବଲ୍ଲଭ ମହାନ୍ତି, ପ୍ରଧାନଶିକ୍ଷକ ସଚ୍ଚି ରାୟ ଏବଂ ଡ. ପ୍ରାଣକୃଷ୍ଣ ପରିଜା ବହୁତ ବୁଝାଇବା ସତ୍ତ୍ୱେ ଅଧାରୁ ପାଠ ଛାଡ଼ି ନିଜର କିଛି ସହପାଠୀଙ୍କ ସହ ମାତୃଭାଷା ଓ ମାତୃଭୂମିର ସୁରକ୍ଷା ନିମନ୍ତେ ସେ ବାହାରି ଯାଇଥିଲେ । ଏଥିସହ ସେଦିନ ବିନୋଦ କାନୁନ୍‌ଗୋ ଆଉ ଏକ ଶପଥ ନେଇଥିଲେ ଯେ, ସ୍କୁଲ ଛାଡ଼ିଲେ ସିନା ପାଠ କେବେ ଛାଡ଼ିବେ ନାହିଁ ।

ହାତରେ ମାତ୍ର ଟଙ୍କାଟିଏ ଧରି 'ଜ୍ଞାନମଣ୍ଡଳ' ପ୍ରସ୍ତୁତିର ସଂକଳ୍ପ ନେଇ ଜନ୍ମମାଟି ଛାଡ଼ି ଦିନେ କଟକ ଚାଲିଆସିଥିଲେ ବିନୋଦ କାନୁନ୍‌ଗୋ । ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅନୁପ୍ରାଣିତ ବିନୋଦ ଧର୍ମଘଟରେ ଯୋଗଦେଇ ଏକାଧିକବାର କାରବାସ ଭୋଗିଥିଲେ । ଜେଲରେ ଥିବା ବେଳେ ସେଠାରେ କାଗଜର ଅଭାବ ଥିବାରୁ ବିଭିନ୍ନ ଛାପା କାଗଜର ଦୁଇଧାଡ଼ି ମଝିରେ ଥିବା ଖାଲି ଜାଗାରେ ଛୋଟଛୋଟ ଅକ୍ଷରରେ ଜ୍ଞାନକୋଷ ପାଇଁ ଲେଖି ରଖୁଥିଲେ । ବର୍ଷ ବର୍ଷ ଧରି ବିଭିନ୍ନ ଖବରକାଗଜରୁ ଆବଶ୍ୟକ ତଥ୍ୟ ଏବଂ କନିକା ପାଠାଗାରରେ ଘଣ୍ଟା ଘଣ୍ଟା ଅଧ୍ୟୟନ କରି ସେଠାରୁ ସଂଗୃହୀତ ତଥ୍ୟକୁ ନେଇ ସେ ୪୦ ରୁ ୫୦ ହଜାର ଯାଏଁ ଫାଇଲ ତିଆରି କରିଥିଲେ । ପରବର୍ତ୍ତୀ ସମୟରେ ଜ୍ଞାନମଣ୍ଡଳ ଲେଖିଲା ବେଳେ ଏହାର ସବୁଯାକ ଭାଗ ପାଇଁ ସେ ନିଜ ହାତରେ ହିଁ ପାଣ୍ଡୁଲିପି ପ୍ରସ୍ତୁତ କରିଥିଲେ । ୬୦ ଖଣ୍ଡରେ ପ୍ରକାଶ ପାଇବାକୁ ଥିଲା ଏହି ସବୁ ତଥ୍ୟାବଳୀ । ୧୯୫୪ ମସିହା ଜାନୁଆରୀ ମାସରେ ଜ୍ଞାନମଣ୍ଡଳ ପାଇଁ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଥିବା ବେଳେ ଏହାର ପ୍ରଥମ ଖଣ୍ଡ ୧୯୬୦ ଡିସେମ୍ବର ଦୁଇ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ୧୯୬୧ ରୁ ୨୨ ଜୁନ୍ ୧୯୯୦ରେ ବିନୋଦଙ୍କ ପରଲୋକ ବେଳକୁ ଜ୍ଞାନମଣ୍ଡଳର ସମୁଦାୟ ୪୦ ଖଣ୍ଡ ପ୍ରକାଶିତ ହୋଇଥିଲା । ତାଙ୍କ ମୃତ୍ୟୁ ପରେ ଜ୍ଞାନମଣ୍ଡଳର ଏକ ସର୍ବାଧୁନିକ ସଂକ୍ଷିପ୍ତ, ପୂର୍ଣ୍ଣାଙ୍ଗ ସଂସ୍କରଣ ମଧ୍ୟ ପ୍ରକାଶିତ ହୋଇଛି । ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ଏକକ ରଚୟିତା ବିନୋଦ ବିଶ୍ୱକୋଷକୁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି । ପ୍ରଥମତଃ ବିଶେଷଜ୍ଞଙ୍କ ପାଇଁ 'ରିଫେରେନସ୍ ଏନ୍‌ସାଇକ୍ଲୋପିଡ଼ିଆ', ଦ୍ୱିତୀୟରେ କିଶୋରଙ୍କ ପାଇଁ ଚିତ୍ରବହୁଳ ଓ ସରଳ ଭାଷାରେ ଲିଖିତ 'ଚିଲ୍‌ଡରେନ୍ସ ଏନ୍‌ସାଇକ୍ଲୋପିଡ଼ିଆ' ଓ ତୃତୀୟଟି ହେଉଛି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସୁଖପାଠ୍ୟ, ସହଜବୋଧ 'ପପୁଲାର୍ ଏନ୍‌ସାଇକ୍ଲୋପିଡ଼ିଆ' । 'ପପୁଲାର୍ ଏନ୍‌ସାଇକ୍ଲୋପିଡ଼ିଆ' ବା 'ଜନପ୍ରିୟ ବିଶ୍ୱକୋଷ'ରେ ଚିତ୍ର ମାଧ୍ୟମରେ ଯେମିତି ବିଷୟବସ୍ତୁର ବର୍ଣ୍ଣନା ରହିଛି, ତାହା ଅଳ୍ପ ପାଠ ପଢ଼ିଥିବା ପିଲା ମଧ୍ୟ ସହଜରେ ବୁଝି ପାରିବ ।

ବିନୋଦ କାନୁନ୍‌ଗୋ ଆତ୍ମଜୀବନୀ, ଜୀବନୀ, ପ୍ରବନ୍ଧ, ଶିଶୁସାହିତ୍ୟ, ଅନୁବାଦ, ଡାଏରି ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ୧୧୦ ଟି ପୁସ୍ତକ ରଚନା କରିଛନ୍ତି । 'ଋଣ ପରିଶୋଧ' ଓ 'ପାଠ ପଛେ ପଛେ ଅପାଠୁଆ' ତାଙ୍କର ଦୁଇଟି ଆତ୍ମଜୀବନୀ ପୁସ୍ତକ । ଯେଉଁଥିରୁ ତାଙ୍କ ଜୀବନର ସଂଘର୍ଷ ଓ ସାଧନା କଥା ଯେତିକି ଫୁଟି ଉଠେ, ସେତିକି ଓଡ଼ିଶାର ତତ୍କାଳୀନ ସାମାଜିକ, ସାଂସ୍କୃତିକ ଓ ବୌଦ୍ଧିକ ଚିତ୍ର ମଧ୍ୟ ବାରିହୁଏ । ୧୯୮୦ ଓ ୧୯୮୪ ମସିହାରେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୧୯୮୬ରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାଧିରେ ସେ ସମ୍ମାନିତ ହୋଇଛନ୍ତି । ତେବେ ତାଙ୍କ ସାମାଜିକ ସମ୍ମାନ ଓ ସ୍ୱୀକୃତି ଥିଲା ଏସବୁରୁ ଖୁବ୍ ଉର୍ଦ୍ଧ୍ୱରେ ।


ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଶିକ୍ଷାର ଏକ ନବଜାଗରଣ ସୃଷ୍ଟି କରିବାକୁ ଯେଉଁମାନେ ନିଜ ଜୀବନର ବ୍ରତ ବୋଲି ଧରି ନେଇ ଥିଲେ, ସେହିଭଳି ସମ୍ବେଦନଶୀଳ, ମାନବବାଦୀ ଚିନ୍ତାଧାରାର ଅନ୍ୟତମ ବାହକ ହେଉଛନ୍ତି ବିନୋଦ କାନୁନ୍‌ଗୋ । ଓଡ଼ିଆ ଭାଷା ଓ ମାଟି ପାଇଁ ତାଙ୍କ ଅନ୍ତରରେ ଥିବା ଅବଦମିତ ଉତ୍ସାହ, ନିଷ୍ଠାପରତା ଓ ପ୍ରତିଶ୍ରୁତିବଦ୍ଧତା ସର୍ବଦା ଅତୁଳନୀୟ ହୋଇ ରହିବ । ■

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

# ପୁସ୍ତକ ପରିଚୟ

## ଅଶେଷ ଅନୁରାଗ

ବିଜୟାନନ୍ଦ ସିଂହ




ଓଡ଼ିଶା ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୨
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୮୦ ଟଙ୍କା

ମଣିଷର ଜୀବନ ଦୁଃଖ, ବେଦନା, ନୈରାଶ୍ୟ, ଯନ୍ତ୍ରଣା ଜର୍ଜରିତ । ତଥାପି ପ୍ରେମ ଓ ଆତ୍ମୀୟତା ଜୀବନକୁ ଅମୃତମୟ କରିଦିଏ । ଜୀବନର ଏଭଳି ମହନୀୟ ଉପଲବ୍ଧିକୁ ଅନୁଭବ କରିହୁଏ ବିଜୟାନନ୍ଦ ସିଂହଙ୍କ 'ଅଶେଷ ଅନୁରାଗ' ପୁସ୍ତକର ଗପଗୁଡ଼ିକରେ । ଏହି ପୁସ୍ତକରେ ସନ୍ନିବେଶିତ 'ଅଶେଷ ମୋହ', 'ଦୁଃଖର ବୋଇତ', 'ନବଜନ୍ମ', 'ଅବ୍ୟକ୍ତ', 'ପାଣିଫୋଟକା', 'ବିଭାଜିତା ସ୍ୱପ୍ନ', 'ଫେରିବାର ବେଳ', 'ଅତର୍କିତ ସମୟ', 'ଉତ୍ତୀର୍ଣ୍ଣ ଶିହରଣ', 'ସୁନ୍ଦର ସକାଳ', 'ସଂସାର ପଥେ, 'ଚାଲ! ଫେରିଯିବା', 'ଏକତ୍ରବାସ', 'ଚଢ଼େଇ ବସା', 'ସ୍ୱଚ୍ଛ ସେବକ', 'ଅନୁରାଗର ଛାଇ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଶିଶୁରୋଗ ବିଶେଷଜ୍ଞ ସରିତାଙ୍କ ହୃଦୟ ମାତୃତ୍ୱର ଅକୁହା ବେଦନାରେ କିଭଳି ଛଟପଟ ହେଉଛି ତାହା 'ଅଶେଷ ମୋହ' ଗଳ୍ପରେ ମାର୍ମିକ ଭାବେ ବର୍ଣ୍ଣନା ହୋଇଛି । ସେହିପରି ଗୋଟିଏ ପଟେ ରୋଗରେ ପୀଡ଼ିତ ବାପା ପ୍ରତି ଜଣେ ପୁଅର କର୍ତ୍ତବ୍ୟ ଓ ଅନ୍ୟପଟେ ଦେଶସେବା ପ୍ରତି ଉତ୍ସର୍ଗୀକୃତ ମନୋଭାବ 'ଅନୁରାଗର ଛାଇ' ଗପରେ ଚମତ୍କାର ଭାବେ ପ୍ରତିଫଳିତ ହୋଇଛି । ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି , ପିତୃସେବା, ଦେଶପ୍ରେମ ଏହି ଗପରେ ପ୍ରସ୍ଫୁଟିତ ହୋଇଉଠିଛି । ମାନବୀୟ ମୂଲ୍ୟବୋଧ, ମାନବୀୟ ଭାବାବେଗ, ଜୀବନ ପ୍ରତି ଗଭୀର ଅନୁରାଗ ଓ ଅନ୍ତରଙ୍ଗ ଆବେଦନ ଏହି ପୁସ୍ତକର ଗପଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । 'ଅଶେଷ ଅନୁରାଗ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ । ■

## ସୂର୍ଯ୍ୟ ଉଇଁବାର ବେଳ

ଅରୁଣ କୁମାର ସାହୁ




ପକ୍ଷୀଘର ପ୍ରକାଶନୀ
୩୨, ମଧୁସୂଦନ ନଗର,
ଭୁବନେଶ୍ୱର-୧
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ମଣିଷକୁ ଯିଏ ଭଲ ପାଏ, ଦେଶପ୍ରେମରେ ଯିଏ ଉଦ୍‌ବୁଦ୍ଧ ହୋଇପାରେ ସେ ହିଁ ପ୍ରକୃତରେ ବିପ୍ଳବୀ । ମଣିଷ ପ୍ରତି ଅନ୍ୟାୟ ହେଲେ, ଦେଶରେ ଅରାଜକତା ସୃଷ୍ଟି ହେଲେ ମନ ଭିତରେ ବିପ୍ଳବ ଆରମ୍ଭ ହୁଏ । "ଗୁଳି ଦିଅ ମୋ ଥାଳିରେ/ ଗୋଳା ଭର ଥାଳରେ ମୋ/ ଯୁଦ୍ଧ ପାଇଁ ଭୂଇଁ ଦିଅ/ ଦେଖାଅ ଅଜାଗା ଜାଗା/ ଅଦୃଶ୍ୟ ଶତ୍ରୁର/ ଲଢ଼ିବି ମୁଁ ଅଯୋଦ୍ଧା ମେଳିରେ/ ଲଢ଼ିବି ମୁଁ ଈର୍ଷାର ଗଳିରେ ।" (ଅଦୃଶ୍ୟ ଶତ୍ରୁ) ଏଭଳି ବିପ୍ଳବର ପ୍ରତିଧ୍ୱନି ପ୍ରତିଫଳିତ ହୋଇଛି ଅରୁଣ କୁମାର ସାହୁଙ୍କ 'ସୂର୍ଯ୍ୟ ଉଇଁବାର ବେଳ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକର 'କ୍ରାନ୍ତିର କିଛି ହଳ ଚଲେଇବା', 'ଭାରତ', 'ବିଭାଜନ ବିଭୀଷିକାର ଶରଣାର୍ଥୀ', 'ଦେଶଦ୍ରୋହୀ ଖୋଜିବା ଆସ ଆମରି ଭିତରେ', 'ନଇଁ ପଡ଼ିଥିବା ମଣିଷ ପାଇଁ', 'ଅଦୃଶ୍ୟ ଶତ୍ରୁ', 'ବିପ୍ଳବ ଆଞ୍ଚରେ ଏବେ ନିଆଁ ଲାଗିଲାଣି', 'ଅହିଂସାର ଖଦଡ଼ରେ ଏତେ ରକ୍ତ', 'କାଳରାତ୍ରୀ ଆବାହନୀ' ଆଦି କବିତାରେ ସମାଜର ଅରାଜକତା, ସାମାଜିକ ଅସମାନତା, ଅବହେଳିତ ମଣିଷ ପ୍ରତି ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ କବି ସ୍ୱର ଉତ୍ତୋଳନ କରିଛନ୍ତି । ଜଣେ ସଚ୍ଚୋଟ ପ୍ରେମିକ ହିଁ ବିପ୍ଳବର ସ୍ୱର ତୋଳିପାରେ । ଯାହା ଏହି ପୁସ୍ତକର ଅନେକ କବିତାରେ ବଳିଷ୍ଠ ଭାବେ ପ୍ରତିଫଳିତ ହୋଇଛି । ଏ ବିପ୍ଳବ ଅସତ୍ୟରୁ ସତ୍ୟକୁ, ଅନ୍ଧାରରୁ ଆଲୋକ ଆଡ଼କୁ ମଣିଷକୁ ଉତ୍ତୋଳିତ କରି ନେବାର ଏକ ସର୍ଜନଶୀଳ ପ୍ରୟାସ । 'ସୂର୍ଯ୍ୟ ଉଇଁବାର ବେଳ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ବୋଝ ଓ ଅନ୍ୟାନ୍ୟ ଗଳ୍ପ

ରଶ୍ମି ସାମଲ



ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ଜୀବନର ନିବିଡ଼ ଅନୁଭବ ଓ ଅଭୁଲା ଅନୁଭୂତି ରଶ୍ମି ସାମଲଙ୍କ 'ବୋଝ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଅନେକ ଗଳ୍ପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକରେ ମୋଟ ୩୧ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗଳ୍ପର ଆବେଦନ ଓ ସ୍ୱର ଭିନ୍ନ ଭିନ୍ନ । ମାନବୀୟ ଭାବାବେଗ ଓ ସାମାଜିକ ବାସ୍ତବତାର ଚିତ୍ର ମାର୍ମିକ ଭାବେ ଅନେକ ଗପରେ ପ୍ରସ୍ଫୁଟିତ ହୋଇ ଉଠିଛି । ଏହି ପୁସ୍ତକରେ ସନ୍ନିବେଶିତ 'ଭୋକର ସ୍ୱପ୍ନ', 'ଅବୁଝାମଣା', 'ବାୟା ଚଢ଼େଇ', 'ଜନ୍ମଦିନ', 'ବୋଝ', 'ନିରୁତ୍ତର', 'ପୋଡ଼ପିଠା', 'ରକ୍ତ ସଂପର୍କ' 'ଝାପ୍‌ସା ଅନ୍ଧାର', 'ଜୀବନର ଦୋଛକି', 'ବୋକୀ ଝିଅଟା', 'ସଂପର୍କ', 'କଳାମାଳି', 'ଅବ୍ୟକ୍ତ ଅପରାହ୍ଣ' ଆଦି ଗପ ମନଛୁଆଁ ହୋଇଛି । ଜଣେ ପୁଅକୁ ନେଇ ବାପାମାଆ ଦେଖିଥିବା ସ୍ୱପ୍ନ କିଭଳି ଧୂଳିସାତ୍ ହୋଇଯାଇଛି 'ବୋଝ' ଗପରେ ତାହା ଅତି ହୃଦୟସ୍ପର୍ଶୀ ଭାବେ ବର୍ଣ୍ଣିତ ହୋଇଛି । ଅନିତା ଦେବୀ ଓ ତାଙ୍କ ସ୍ୱାମୀ ଅଶ୍ୱିନୀ ବାବୁ ସ୍ୱାମୀସ୍ତ୍ରୀ ଉଭୟେ ବହୁ ଦୁଃଖକଷ୍ଟରେ ଏକମାତ୍ର ପୁଅ ବାପିକୁ ଡାକ୍ତରୀ ପାଠ ପଢ଼ାଇ ଥିଲେ । ସେ ବାପାମାଙ୍କ ସ୍ୱପ୍ନ ସାକାର କରିବ ବୋଲି ଭାବୁଥିଲେ । ହେଲେ ଡାକ୍ତର ପୁଅ ଓ ବୋହୂଙ୍କ ପାଇଁ ସେମାନେ କିଭଳି ବୋଝ ପାଲଟି ଯାଇଛନ୍ତି, ତାହାକୁ ନେଇ ଏହି ଗପର କାହାଣୀ ଗତିଶୀଳ ହୋଇଛି । ମାନବୀୟ ସଂପର୍କ, ଆତ୍ମୀୟତା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ଗ୍ରାମ୍ୟଜୀବନର ନିଚ୍ଛକ ପ୍ରତିଛବି ଅନେକ ଗପରେ ପ୍ରତିଫଳିତ ହୋଇଛି । ପ୍ରତିଟି ଗପରେ ଏକ ସାମାଜିକ ବାର୍ତ୍ତା ରହିଛି । 'ବୋଝ ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

# ସିଣ୍ଡିକେଟ ବିନା କେମିତି ହେବ କୁଳପତି ନିଯୁକ୍ତି

## ଚୟନ କମିଟିରେ ରହିବେ ଜଣେ ସିଣ୍ଡିକେଟ ମନୋନୀତ ସଦସ୍ୟ

ଭୁବନେଶ୍ୱର, ୭।୬ (ସମିସ): ଏକାଥରକେ ଖାଲି ପଡ଼ିଥିବା ଏବଂ ଖାଲି ହେଉଥିବା ୧୩ ବିଶ୍ୱବିଦ୍ୟାଳୟ କୁଳପତି ପଦରେ ନିଯୁକ୍ତି ହେବ। ଏଥିପାଇଁ ଆଶାୟୀମାନେ ଆବେଦନ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ନିଯୁକ୍ତି ପ୍ରକ୍ରିୟାକୁ ନେଇ କେଁ ଦେଖାଦେଇଛି। କାରଣ ଏହି ନିଯୁକ୍ତି ପ୍ରକ୍ରିୟା ପାଇଁ ଗଠନ ହେବାକୁ ଥିବା ୩ଜଣିଆ କମିଟିରେ ସିଣ୍ଡିକେଟ୍ ମନୋନୀତ ଜଣେ ପ୍ରତିନିଧି ରହିବାର ପ୍ରାବଧାନ ରହିଛି। ହେଲେ ରାଜ୍ୟର କୌଣସି ବିଶ୍ୱବିଦ୍ୟାଳୟରେ ସିଣ୍ଡିକେଟ୍ ନଥିବାରୁ କେମିତି ତା'ର ପ୍ରତିନିଧି ଚୟନ ହେବେ ଏବଂ ଚୟନ କମିଟିରେ ରହିବେ, ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ-୨୦୨୪ ଅନୁଯାୟୀ କୁଳପତି ନିଯୁକ୍ତି ପାଇଁ ୩ ଜଣିଆ କମିଟି ଗଠନ କରାଯିବ। ଯେଉଁଥିରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି), ରାଜ୍ୟପାଳ ବା କୁଳାଧିପତିଙ୍କ ପ୍ରତିନିଧି ଏବଂ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ପକ୍ଷରୁ ଜଣେ ଲେଖାଏଁ ପ୍ରତିନିଧି ରହିବେ। ଆବେଦନ କରିଥିବା ଆଶାୟୀଙ୍କ ଆବେଦନପତ୍ରକୁ ଯାଞ୍ଚ କରିବା ପରେ ଏକ ତାଲିକା ପ୍ରସ୍ତୁତ କରି ରାଜ୍ୟପାଳଙ୍କୁ ପଠାଇବେ। ରାଜ୍ୟପାଳ ସେମାନଙ୍କ ସାକ୍ଷାତକାର ନେବା ପରେ ଯୋଗ୍ୟ ପ୍ରାର୍ଥୀଙ୍କୁ କୁଳପତି ଭାବେ ନିଯୁକ୍ତି କରିବେ। ଅପରପକ୍ଷରେ ଏହି ତାଲିକା ପ୍ରସ୍ତୁତି କରିବା ପାଇଁ କମିଟିରେ ଜଣେ ସିଣ୍ଡିକେଟ ମନୋନୀତ ସଦସ୍ୟ ରହିବା ଜରୁରୀ। କୌଣସି ବିଶ୍ୱବିଦ୍ୟାଳୟରେ ନୂତନ ନିୟମ ଅନୁଯାୟୀ ସିଣ୍ଡିକେଟ୍ ଗଠନ କରାଯାଇନାହିଁ। ଏପ୍ରିଲ ୨୮ରେ ଉଚ୍ଚଶିକ୍ଷା ପକ୍ଷରୁ ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖାଯାଇ ସିଣ୍ଡିକେଟ୍ ଗଠନ ପାଇଁ ପଦକ୍ଷେପ ନେବାକୁ କୁହଯାଉଥିଲା। ତେଣୁ ସିଣ୍ଡିକେଟ ଗଠନ ନ ହେଲା ପର୍ଯ୍ୟନ୍ତ ଏହାର ମନୋନୀତ ସଦସ୍ୟଙ୍କୁ ଚୟନ କରାଯାଇପାରିବ ନାହିଁ। ଫଳରେ କମିଟି ଗଠନ ଏବଂ କୁଳପତି ନିଯୁକ୍ତି କିପରି ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ନିଯୁକ୍ତି ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ରାଜ୍ୟର ୧୩ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ଗତ ୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। କୁଳପତି ପଦ ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ୧୦ ବର୍ଷ ଅଭିଜ୍ଞତା ଥିବା ଦରକାର। ଅଥବା ସମକକ୍ଷ ପଦ ରେ ୧୦ ବର୍ଷ କାର୍ଯ୍ୟ କରିବା ଅଭିଜ୍ଞତା ଥିବା ଜରୁରୀ। ଏଥିସହ ଆବେଦନକାରୀଙ୍କ ବୟସ ୨୦୨୫ ଡିସେମ୍ବର ୧ ସୁଦ୍ଧା ୬୬ ବର୍ଷରୁ କମ ହୋଇଥିବା ଆବଶ୍ୟକ। ସେହିପରି ଆବେଦନ ପାଇଁ ଶେଷ ତାରିଖ ଜୁଲାଇ ୫ ରଖାଯାଇଛି।

# ରାଇଘର ବ୍ଲକ ଚାଷୀଙ୍କ ଧାନ ବିକ୍ରି ବକେୟା ତୁରନ୍ତ ଦିଆଯାଉ: ବିଜେଡି



ଭୁବନେଶ୍ୱର,୭।୬(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୩୪୪ ଚାଷୀଙ୍କ ଧାନ ବିକ୍ରି ବକେୟା ପ୍ରାୟ ସାଢ଼େ ୪ କୋଟି ଟଙ୍କା ତୁରନ୍ତ ରାଜ୍ୟ ସରକାର ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି। ଭୁବନେଶ୍ୱରଠାରେ ରାଇଘର ଚାଷୀଙ୍କ ଅହୋରାତ୍ର ଧାରଣାସ୍ଥଳକୁ ଯାଇ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ସଞ୍ଜୟ ଦାସବର୍ମା, ଚାଷୀଙ୍କ ନ୍ୟାଯ୍ୟ ଦାବିକୁ ସମର୍ଥନ ଜଣାଇବା ସହ ରାଜ୍ୟ ସରକାର ଏ ବାବଦରେ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି।

ଗତ ତିନି ଦିନ ଧରି ରାଇଘର ବ୍ଲକର ଚାଷୀମାନେ ଆସି ରାଜଧାନୀରେ ଅହୋରାତ୍ର ଧାରଣା ଦେଇଛନ୍ତି। ସେମାନେ ସରକାରୀ ନିୟମ ମୁତାବକ ଟୋକେନ ଜରିଆରେ ୧୮,୦୦୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିବାର ଚାରି ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କର ପ୍ରାପ୍ୟ ସରକାର ପ୍ରଦାନ କରିନାହାନ୍ତି। ଗତକାଲି ଧାରଣାସ୍ଥଳକୁ ବରିଷ୍ଠ ସାଧାରଣ ସମ୍ପାଦକ ରମେଶ ମାଝୀ ଓ ପ୍ରଦୀପ ମାଝୀ ଯାଇ ଚାଷୀଙ୍କୁ ସମର୍ଥନ ଜଣାଇଥିଲେ। ଶନିବାର ବିଜେଡିର ଦୁଇ ବରିଷ୍ଠ ନେତା ଶ୍ରୀ ମିଶ୍ର ଓ ଶ୍ରୀ ଦାସବର୍ମା ଧାରଣାରେ ସାମିଲ ହେବା ସହ ସରକାରଙ୍କ ଚାଷୀଙ୍କ ପ୍ରତି ହେୟ ମନୋଭାବକୁ କଡ଼ା ଭାଷାରେ ନିନ୍ଦା କରିଥିଲେ। ଚାଷୀଙ୍କ ଜୀବନଜୀବିକା ସହ ଖେଳି ଏଭଳି ଅପରାଧୀଙ୍କୁ ଅବହେଳା କରିଥିବା ଅଧିକାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଧାନ ସଂଗ୍ରହକୁ ନେଇ ରାଜ୍ୟ ସରକାର ଯେଉଁଭଳି ନିଜ ପିଠି ନିଜେ ଥାପୁଡଉଛନ୍ତି, ଏହା ତାହାର ଏକ ଜ୍ୱଳନ୍ତ ନମୁନା। ଚାଷୀଙ୍କଠାରୁ ଧାନ ସଂଗ୍ରହ କରି ସାରିବା ପରେ ଚାରି ମାସ ଧରି ବକେୟା ପ୍ରଦାନ ନକରି ନିରବ ରହିବା ରାଜ୍ୟ ସରକାରଙ୍କ ଚାଷୀକୁଳ ପ୍ରତି ସମ୍ବେଦନହୀନତାର ପରିଚୟ ବୋଲି ଉଭୟ ଶ୍ରୀ ମିଶ୍ର ଓ ଦାସବର୍ମା ଅଭିଯୋଗ କରିଛନ୍ତି।

# ବାଲି ଚୋରି ରୋକିବାକୁ ଆସିବ ନୂଆ ଏସ୍ଓପି

## ଆବାସ ଲାଗି ମିଳିବ ଦୁଇ ଟ୍ରାକ୍ଟର ମାଗଣା ବାଲି

ଭୁବନେଶ୍ୱର,୭।୬(ସମିସ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ପାଇଁ ଆଗକୁ ଦୁଇ ଟ୍ରାକ୍ଟର୍ ବାଲି ନିଃଶୁଳ୍କରେ ଯୋଗାଇ ଦିଆଯିବ। ଏନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏହାସହ ବାଲି ଚୋରି ରୋକିବା ଲାଗି ନୂଆ ଏସ୍ଓପି ଆସିବ। ଏଥିଲାଗି କ୍ୟାବିନେଟ୍‌ରେ ଆଲୋଚନା ହୋଇଛି ଶ୍ରୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଗରିବ ଲୋକଙ୍କୁ ମାଗଣାରେ ବାଲି ଦିଆଗଲେ ସେମାନେ ଘର ଖଣ୍ଡେ ସହଜରେ ତିଆରି କରିପାରିବେ। ଏଥିପାଇଁ ସେମାନଙ୍କୁ ପରମିଟ୍ ଇସ୍ୟୁ କରାଯିବ, ଯାହାଦ୍ୱାରା ଗରିବ ଲୋକେ ବାଲି ମାଗଣାରେ ଆଣିପାରିବେ। ଏହାସହ ଆଗାମୀ ଦିନରେ ବାଲି ଉଠାଣରେ ହାଇୱା ଗାଡ଼ି ବ୍ୟବହାରକୁ ବନ୍ଦ କରିବାକୁ ସରକାର ବିଚାର କରୁଛନ୍ତି। ହାଇୱାରେ ପ୍ରାୟ ୪୦ ଟନ ବାଲି ଆସୁଥିବା ବେଳେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଏତେ ଲୋଡ୍ ସହ୍ୟ କରିପାରୁନାହିଁ। ଏହାଦ୍ୱାରା ରାସ୍ତା ନଷ୍ଟ ହେଉଛି। ତେଣୁ ଏ ସବୁକୁ ନେଇ ନୂଆ ଏସଓପି ଆସିବାକୁ ଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ଏଥିସହ କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ବାଲି ମାଫିଆ ଆକ୍ରମଣ କରିବା ଘଟଣାରେ ମଧ୍ୟ ରାଜସ୍ୱ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ଏହି ଆକ୍ରମଣ କରିବାର ଯେଉଁ ଦୁଃସାହସ ସେମାନେ କରିଛନ୍ତି ଏହା ତାଙ୍କର ଶେଷ ଦୁଃସାହସ ହେଉ। ଘଟଣାରେ ମୁଁ ଅଧିକାରୀମାନଙ୍କ ସହ କଥା ହୋଇଛି। ଯେଉଁମାନେ ଏହି କାଣ୍ଡ କରିଛନ୍ତି ଏବଂ ଯେଉଁମାନେ ପ୍ରଚ୍ଛଦପଟରେ ରହିଛନ୍ତି ସମସ୍ତଙ୍କୁ ଧରାଯିବ। ତଦନ୍ତ ସେ ପର୍ଯ୍ୟନ୍ତ ହେବ ଯେଉଁ ପର୍ଯ୍ୟନ୍ତ ସେମାନେ ଧରା ନ ପଡ଼ିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

■ ହସ୍ପିଟାଲ୍ ଅଧୀକ୍ଷକଙ୍କୁ ଭେଟିଲା ବିଜେଡି

# ହସ୍ପିଟାଲ୍ ଅଧୀକ୍ଷକଙ୍କୁ ଭେଟିଲା ବିଜେଡି

କୋରାପୁଟ,୭।୬(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ୬ ରୋଗୀଙ୍କ ମୃତ୍ୟୁକୁ ନେଇ ଜିଲ୍ଲା ବିଜେଡିର ଏକ ଟିମ୍ ହସ୍ପିଟାଲ ଅଧୀକ୍ଷକଙ୍କୁ ଭେଟିଛନ୍ତି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତନ ସାଂସଦ ଝିନ୍ ହିକକାଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ପ୍ରଭୁ ଜାନୀ ଓ ପୀତମ ପାଢ଼ୀ, କୋରାପୁଟ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସହ କାଉନ୍‌ସିଲର୍‌ମାନେ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଶାନ୍ତ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ। ଟିମ୍ ମେଡିକାଲ ଗସ୍ତ କରି ଆଇସିୟୁ ଓ ୱାର୍ଡ ବୁଲି ଦେଖିବା ସହ କେଉଁ କାରଣରୁ ଏହି ଅଘଟଣ ଘଟିଲା, ସେନେଇ ଡା. ସାହୁଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଘଟଣାର ଉପଯୁକ୍ତ ତଦନ୍ତ ଏବଂ ପ୍ରତି ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ବିଜେଡି ଦାବି କରିଛି। ସେହିପରି, ଏହି ପ୍ରତିନିଧିଦଳ ପ୍ରାଣ ହରାଇଥିବା ୬ ରୋଗୀଙ୍କ ପରିବାରଙ୍କୁ ଭେଟିବା ସହ ୨୫ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି।



# ଘର ଭାଙ୍ଗି ହାତୀ ଖାଇଗଲେ ୮୦ ହଜାର ଟଙ୍କା

ବିଷମ କଟକ, ୭।୬(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଭାପତପୁର ପଞ୍ଚାୟତର କୁମ୍ଭାରବାଡି ଗାଁ ନିକଟସ୍ଥ କାଟ୍ରିଗୁଡା ଜଙ୍ଗଲରେ ୨୪ ଘରିଆ ଏକ ହାତୀପଲ ଆତଙ୍କରାଜ ଚଳାଇଛନ୍ତି। ଗୁରୁବାର ରାତିରେ ନାରାୟଣ ହୁଇକାଙ୍କ ଚାଳ ଛପର ଘରଟିକୁ ସଂପୂର୍ଣ୍ଣ ଭାଙ୍ଗିଦେବା ସହ ଘରେ ରହିଥିବା ମାଣ୍ଡିଆ ସହ ବସ୍ତା ଭିତରେ ଥିବା ନଗଦ ୮୦ ହଜାର ଟଙ୍କା ଖାଇ ଦେଇଛନ୍ତି। ଏଥିସହ ହାତୀପଲ ଧାନ, ଚାଉଳ, ଘରର ଆସବାବପତ୍ର ଓ ସୋଲାର ଲାଇଟ୍‌କୁ ମଧ୍ୟ ନଷ୍ଟ କରି ଦେଇଛନ୍ତି। ଏହାସହ ବଗିଚାର କଦଳୀ, ପଣସ ଏବଂ ଆମ୍ବ ଫସଲକୁ ମଧ୍ୟ ସଂପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି। ଏବେ ଏହି ହାତୀପଲ ବିଷମ କଟକ ବାନାଞ୍ଚଳର କାଟ୍ରିଗୁଡା ଅଞ୍ଚଳ ଛାଡି ଯାଉନଥିବାରୁ ନିକଟସ୍ଥ ସମସ୍ତ ଗ୍ରାମବାସୀ ଭୟଭୀତ ହୋଇ ରହିଛନ୍ତି। ହାତୀପଲକୁ ଘଞ୍ଚ ଜଙ୍ଗଲମୁହାଁ କରାଇବାକୁ ବନ ବିଭାଗ କର୍ମଚାରୀ ମାନେ ଚେଷ୍ଟା ଜାରି ରଖିଥିଲେ ମଧ୍ୟ ସଫଳ ହୋଇପାରୁନାହାନ୍ତି।



# ଅବଶିଷ୍ଟାଂଶ

## ଆହୁରି ୫ ଦିନ...

ଉଲ୍ଲେଖଥାଉ କି, ଗତ ୨୪ଘଣ୍ଟାରେ ଉପକୂଳ ଓଡିଶାର ଚାରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଜଗତସିଂହପୁରରେ ସର୍ବାଧିକ ୮୬.୮ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଗଜପତିରେ ୮୨ମିମି, ଭଦ୍ରକରେ ୭୯.୧ମିମି, ପୁରୀରେ ୬୯.୧ମିମି ବର୍ଷା ରେକର୍ଡ ହୋଇଛି। ନୟାଗଡ଼ରେ ୪୮.୨ମିମି, କେନ୍ଦ୍ରାପଡାରେ ୪୫ମିମି, ଖୋର୍ଦ୍ଧାରେ ୪୦ ମିମି ବର୍ଷା ସହ ଗଞ୍ଜାମରେ ୩୭.୪ମିମି ବାଲେଶ୍ୱରରେ ୩୫ ମିମି ବର୍ଷା ରେକର୍ଡ ହୋଇଛି। ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଦେଖାଯାଇ ନାହିଁ। ପୂର୍ବପରି ପ୍ରାୟ ସମସ୍ତ ଜିଲ୍ଲାରେ ୩୩ ଡିଗ୍ରି ଉପରେ ତାପମାତ୍ରା ରହୁଛି। କେବଳ ଫୁଲବାଣୀରେ ସର୍ବନିମ୍ନ ୨୨ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ସମ୍ବଲପୁରରେ ସର୍ବାଧିକ ୩୯.୮ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୩୬.୭ ଡିଗ୍ରୀ ଓ କଟକରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତାକାଲିଠୁ ଏକାଧିକ ଜିଲ୍ଲାରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଅଧିକ ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ଆସନ୍ତାକାଲି ପାଇଁ ବର୍ଷା ଥିବାବେଳେ ଅଗାମୀ ୭ ଦିନ ପାଇଁ ବିଶେଷ ବର୍ଷା ନ ହେଲେ ବି ପାଗ କୋହଲା ରହିବ ବୋଲି ବିଭାଗ କହିଛି।

## ବଢ଼ିଛି ଗ୍ରାମାଞ୍ଚଳ...

ବିଜେଡି ସରକାରଙ୍କ ବହୁ ଜନକଲ୍ୟାଣକାରୀ କାର୍ଯ୍ୟକାରୀ କରିଥିବା ବେଳେ ଏଥିଯୋଗୁଁ ଗରିବ ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି କ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚରୁ ବର୍ତ୍ତି ଯାଇଥିବା ବେଳେ ନିଜ ସଞ୍ଚୟ ସାମର୍ଥ୍ୟ ବୃଦ୍ଧି କରିପାରିଛନ୍ତି। ଏକ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ମିଶନ ଶକ୍ତି, ମୋ ସ୍କୁଲ ପରି ସରକାରୀ ଯୋଜନା ରାଜ୍ୟବାସୀଙ୍କ ପାଇଁ ବରଦାନ ସାଜିଥିବା ବେଳେ ଲୋକେ ଅଯଥା ଖର୍ଚ୍ଚରୁ ବର୍ତ୍ତି ପାରିଛନ୍ତି। ବିଶେଷକରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାରଣରୁ ଲୋକେ ସ୍ୱାସ୍ଥ୍ୟ ବାବଦରେ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରୁ ବର୍ତ୍ତିଥିବା ବେଳେ ଏହା ସେମାନଙ୍କର ସଞ୍ଚୟ ଶକ୍ତିକୁ ବୃଦ୍ଧି କରିପାରିଛି। ଯାହା ସେମାନଙ୍କର କ୍ରୟ ଏବଂ ଖର୍ଚ୍ଚ ଶକ୍ତିକୁ ବୃଦ୍ଧି କରିପାରିଛି। ସେହିପରି ପିଲାଙ୍କ ପାଠ ପଢ଼ାଟାରୁ ଆରମ୍ଭ କରି ମହିଳାଙ୍କୁ ଆତ୍ମନିର୍ଭର କରିବା ଯାଏଁ ବିଜେଡି ସରକାରଙ୍କ ପ୍ରଣୀତ ଏକାଧିକ ଯୋଜନା ରାଜ୍ୟବାସୀଙ୍କୁ ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ କରିପାରିଛି। ରାଜ୍ୟ ସରକାରଙ୍କ ଏହି ଯୋଜନାଗୁଡ଼ିକର ସୁଫଳତା ଏଚସିଇଏସ ରିପୋର୍ଟରେ ପ୍ରତିଫଳିତ ହୋଇଛି ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ଟ୍ରମ୍ପଙ୍କୁ ଚ୍ୟାଲେଞ୍ଜ...

ଅଧିକ ହ୍ରାସ ଘଟିଛି। ଟ୍ରମ୍ପ ସହ ବିବାଦରେ ମସ୍କଙ୍କ ଟେସଲାକୁ ବଡ଼ କ୍ଷତି ସହିବାକୁ ପଡିଛି। ଏମିତିକି ମାତ୍ର ଗୋଟିଏ ଦିନରେ ଟେସଲାର ବଜାର ମୂଲ୍ୟରେ ପ୍ରାୟ ୧୫୦ ବିଲିୟନ ଡଲାର ହ୍ରାସ ଘଟିଛି। ଟ୍ରମ୍ପ ତାଙ୍କ ସାହାଯ୍ୟ ବିନା ଜିତିପାରି ନ ଥାନ୍ତେ ବୋଲି ନିକଟରେ ମସ୍କ କହିବା ପରେ ଟ୍ରମ୍ପ ପାଲଟା ଆକ୍ରମଣ କରିଛନ୍ତି। ଟ୍ରମ୍ପ୍ ସୋସିଆଲ ମିଡିଆରେ ମସ୍କଙ୍କୁ ଦେଶଦ୍ରୋହୀ ବୋଲି କହି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ବଜେଟ୍‌ରେ କୋଟି କୋଟି ଡଲାର ସଞ୍ଚୟ କରିବାର ସହଜ ଉପାୟ ହେଉଛି ଏଲନ୍ ମସ୍କଙ୍କ ସରକାରୀ ସବସିଡି ଏବଂ ଚୁକ୍ତିନାମାକୁ ବନ୍ଦ କରିବା।

ଅପରପକ୍ଷେ ଟ୍ରମ୍ପଙ୍କ ସହ ବିବାଦ ପରେ, ମସ୍କ ଏକ ନୂତନ ରାଜନୈତିକ ଦଳ ଗଠନ କରିବାକୁ ଚିନ୍ତା କରୁଛନ୍ତି। ମସ୍କ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, ଆମେରିକାରେ ଏକ ନୂତନ ରାଜନୈତିକ ଦଳ ଗଠନ କରିବାର ସମୟ କ'ଣ ଆସିଛି, ଯାହା ଆମେରିକାର ୮୦% ମଧ୍ୟବିତ୍ତ ବର୍ଗର ଲୋକଙ୍କୁ ପ୍ରତିନିଧିତ୍ୱ କରେ। ତାଙ୍କ ପୋଷ୍ଟରେ ୫୬ ଲକ୍ଷରୁ ଅଧିକ ଲୋକ ଅନଲାଇନରେ ଭୋଟ ଦେଇଛନ୍ତି। ଏଥିମଧ୍ୟରୁ ୮୦.୪% ଲୋକ ମସ୍କଙ୍କ ଧାରଣା ସହିତ ସହମତ। ଏକ ଥିଙ୍କ ଟ୍ୟାଙ୍କକୁ ଜବାବ ଦେଇ ମସ୍କ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପ ଆଉ ମାତ୍ର ୩.୫ ବର୍ଷ ପାଇଁ ରାଷ୍ଟ୍ରପତି ରହିବେ, କିନ୍ତୁ ମୁଁ ଏଠାରେ ୪୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ରହିବି। ବିଶେଷଜ୍ଞଙ୍କ ଅନୁସାରେ, ମସ୍କଙ୍କୁ ଯେଉଁ ପ୍ରକାରର ସମର୍ଥନ ମିଳିଛି, ସେ ଆଗାମୀ ଦିନରେ ଏକ ରାଜନୈତିକ ଦଳ ଗଠନ କରିପାରିବେ। ସୂଚନାଯୋଗ୍ୟ ଯେ, 'ଏକ୍ସ' ରେ ମସ୍କଙ୍କ ୨୦୦ ନିୟୁତରୁ ଅଧିକ ଅନୁଗାମୀ ଅଛନ୍ତି।

## କୁଳସଚିବ ନେଇଛନ୍ତି...

ପୂର୍ବରୁ ଦିଲ୍ଲୀର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସହକାରୀ-କୁଳସଚିବ ଭାବେ କାର୍ଯ୍ୟ କରିଥିବାରୁ ତଦନୁଯାୟୀ ଦରମା ପ୍ରଦାନ କରିବାକୁ ଅନୁରୋଧ କଲେ। ଏହାପରେ ଆଇଏମ୍ଏ ପକ୍ଷରୁ ତାଙ୍କ ମୂଳ ଦରମାକୁ ତିନିଗୁଣାରୁ ଅଧିକ ଅର୍ଥାତ ୧,୫୧,୧୦୦ ଟଙ୍କା କରାଯାଇଥିଲା। ଏନେଇ କୌଣସି ଅଫିସ୍ ଅର୍ଡର ମଧ୍ୟ ପ୍ରକାଶ ପାଇଲା ନାହିଁ।

ଅପରପକ୍ଷରେ ଆଇଏମ୍ଏରେ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ମିଥ୍ୟା ତଥ୍ୟ ଦେଇଥିବା ଅଡିଟ୍‌ରେ ଜଣାପଡ଼ିଛି। ଦିଲ୍ଲୀର ସେହି ଘରୋଇ ଶିକ୍ଷାନୁଷ୍ଠାନରୁ ୨୦୨୩ ମେ' ମାସରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ ମଧ୍ୟ ଆବେଦନ ସମୟରେ ତାହା ଦର୍ଶାଇ ନଥିଲେ। ଚତୁରତାର ସହିତ କେବଳ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଦର୍ଶାଇଥିଲେ। ଆବେଦନର ଶେଷ ତାରିଖ ୨୦୨୩ ମାର୍ଚ୍ଚ ୧୮ତାରିଖ ଥିବାବେଳେ ସେହି ସମୟରେ ଡ. ରାୟ ଚାକିରି କରୁଥିଲେ। ଅବସର ନନେଇ କିପରି ଆବେଦନ କଲେ ବୋଲି ଅଡିଟ୍‌ରେ ପ୍ରଶ୍ନ କରାଯାଇଛି। ସେ ଅନ୍ୟ ସ୍ଥାନରେ ଚାକିରି କରୁଥାଇ ମଧ୍ୟ ଆଇଏମ୍ଏରେ କୁଳସଚିବ ପଦ ପାଇଁ ଆବେଦନ କରିଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ଅବୈଧ ବୋଲି ଦର୍ଶାଯାଇଛି।

ସେହିପରି କୁଳସଚିବଙ୍କ ମାସିକ ଦରମା ୪୬ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଡ. ରାୟ ଜଣେ ଅବସରପ୍ରାପ୍ତ ଅଧିକାରୀଭାବେ ସେହି ପଦରେ ନିଯୁକ୍ତି ପାଇଥିବାରୁ ସେ ମଧ୍ୟ ୪୬ହଜାର ଟଙ୍କା ହିଁ ପାଇବାକୁ ଯୋଗ୍ୟ। ଡିଏ ଓ ଏଚ୍ଆର୍ଏ ମଧ୍ୟ ପାଇପାରିବେ ନାହିଁ। ହେଲେ ତାଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯାଇଛି। ଡିଏ, ଏଚ୍ଆର୍ଏ ସମେତ ଇପିଏଫ୍ ମଧ୍ୟ ପ୍ରଦାନ କରାଯାଇଛି। ଏପରିକି ଇପିଏଫ୍ ପ୍ରଦାନ ପାଇଁ କୌଣସି ଅଫିସ୍ ଅର୍ଡର ମଧ୍ୟ ନାହିଁ। ଏଗୁଡ଼ିକ ସମ୍ପୂର୍ଣ୍ଣ ଅବୈଧ ବୋଲି ଦର୍ଶାଇବା ସହ ଅଧିକ ୨୦ଲକ୍ଷ ୮୮ହଜାର ୮୬୨ ଟଙ୍କା ପ୍ରଦାନ କରାଯାଇଥିବା ଅଡିଟ୍‌ରେ ଉଲ୍ଲେଖ କରାଯାଇଛି। ଏହି ଅଧିକ ଅର୍ଥ ତାଙ୍କଠାରୁ ଆଦାୟ କରିବାକୁ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗକୁ ସୁପାରିସ୍ କରାଯାଇଛି। ଡ. ରାୟଙ୍କୁ ଅହେତୁକ ଅନୁକମ୍ପା ପଦାକୁ ଆସିବା ପରେ ଆଇଏମ୍ଏ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ମଧ୍ୟ ଅଭିଭାବକମାନେ ସନ୍ଦେହ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟ ୨୦ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ସିଏଜିଙ୍କ ପକ୍ଷରୁ ଅଡିଟ୍ କରାଯାଇଥିଲା।

## ଘରୁ ଘୋଷାଡ଼ିନେଇ...

ଉଭୟ ପୀଡ଼ିତା ଓ ଅଭିଯୁକ୍ତଦ୍ୱୟଙ୍କ ଡାକ୍ତରୀମାଇନା କରାଇଛି। ଆସନ୍ତାକାଲି ଦୁହିଁଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୁଲିସ୍ କହିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନାନୁଯାୟୀ, ମହିଳାଜଣଙ୍କ ଘରେ ଶୋଇଥିବା ବେଳେ ଆଜି ଭୋର୍ ସମୟରେ ବବୁଲ ଓ ଲିପୁନ୍ ତାଙ୍କ କାବଟ ବାଡ଼େଇଥିଲେ। ମହିଳା କବାଟ ଖୋଲୁଖୋଲୁ ଅଭିଯୁକ୍ତଦ୍ୱୟ ତାଙ୍କୁ ଘୋଷାଡ଼ି ଘୋଷାଡ଼ି ପାଖରେ ଥିବା ଏକ ପରିତ୍ୟକ୍ତ ଘରକୁ ନେଇ ଯାଇଥିଲେ। ପରେ ସେଠାରେ ଗଣଦୁଷ୍କର୍ମ କରିଥିଲେ। ତେବେ ଭୋର୍ ସମୟରେ ଏହି ଅଘଟଣ ଘଟିଥିବାରୁ ସ୍ଥାନୀୟ ଲୋକ ଜାଣିପାରିନଥିଲେ। ପରେ ମହିଳାଜଣଙ୍କ ଏ ସଂପର୍କରେ ଜଣାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପରେ ମହିଳାଙ୍କ ପରିବାରଲୋକ ଏ ସଂପର୍କରେ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।

## ଆନ୍ଧ୍ରରୁ ୪ ଅଭିଯୁକ୍ତ...

କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଳନ୍ଥରା ପୁଲିସ୍‌ର ଏକ ଟିମ୍ ସେମାନଙ୍କୁ ବାଟ ମଝିରୁ କାବୁ କରିଛି। ଡାକ୍ତରୀମାଇନା ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଅପରପକ୍ଷେ, ବିଳମ୍ବ ହେଲେ ମଧ୍ୟ ସମସ୍ତଙ୍କ ଶରୀରରେ ଦୁଷ୍କର୍ମ ସମ୍ପର୍କିତ ପଜିଟିଭ୍ ସିମ୍ପଟମ୍ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ମଙ୍ଗଳବାର ସୁଦ୍ଧା ଏନେଇ ସ୍ୱଷ୍ଟ ରିପୋର୍ଟ ଆସିବ ବୋଲି କହିଛନ୍ତି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପ୍ତା ଦାଶ।

ସୂଚନାନୁଯାୟୀ, ଗତ ୩ ତାରିଖ ମଧ୍ୟାହ୍ନ ପ୍ରାୟ ୨ଟାରେ ଏମାନେ ୧୪ ଓ ୧୫ ବର୍ଷୀୟା ଦୁଇ ନାବାଳିକାଙ୍କୁ ଗାଁରୁ ଅପହରଣ କରିନେଇ ନିକଟସ୍ଥ ଏକ କଲୋନିକୁ ନେଇଯାଇଥିଲେ। ସେଠାରେ ୯ ଓ ୭ ନମ୍ବର ଗଳିରେ ସେମାନଙ୍କୁ ଗଣଦୁଷ୍କର୍ମ କରିଥିଲେ। ପରେ ଦୁହିଁଙ୍କୁ ଆର୍ଯ୍ୟପଲ୍ଲୀ ଓ ନୋଳିଆ ନୂଆଗାଁକୁ ନେଇ ସେଠାରେ ବାରମ୍ବାର ଗଣଦୁଷ୍କର୍ମ କରିଥିଲେ। ଏହାସହ ହାତ, ଗୋଡ଼ ବାନ୍ଧି ଦୁହିଁଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ବିଳମ୍ବିତ ରାତିରେ ସେମାନଙ୍କୁ ନୋଳିଆ ନୂଆଗାଁରେ ଛାଡ଼ି ଦେଇ ଚମ୍ପଟ ମାରିଥିଲେ।

ଅପରପକ୍ଷେ, ଏହି ଘଟଣାରେ ଆଜି ବିଜୁ ଜନତା ଦଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଆଜି ବ୍ରହ୍ମପୁରରେ ପହଞ୍ଚିଛି। ଦଳର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ଏସ୍‌ପି ଡାକ୍ତର ବିବେକ ଏମ୍‌ଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିଛନ୍ତି। ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅପହରଣ, ଡକାୟତି ଭଳି ଗୋଟିଏ ପରେ ଗୋଟିଏ ଘଟଣା ଜିଲ୍ଲାର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଛି ବୋଲି କହିବା ସହ ଏହା ଉପରେ ତୁରନ୍ତ ରୋକ୍ ଲଗାଇବାକୁ କହିଛନ୍ତି। ଏହାସହ ନିରୀହ ୨ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ତ୍ୱରିତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ବିଜେଡିର ଏହି ଟିମ୍‌ରେ ପୂର୍ବତନ ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ, ପ୍ରମିଳା ବିଶୋୟୀ, ବରିଷ୍ଠ ବିଜେଡି ନେତା ଚନ୍ଦ୍ରଶେଖର ସାହୁ, ଜିଲ୍ଲା ବିଜେଡି ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟିକା ଲତିକା ପ୍ରଧାନ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବ୍ରହ୍ମପୁର ମେୟର୍ ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ବ୍ରହ୍ମପୁର ଡେପୁଟି ମେୟର୍ ଇ. ବିବେକ ରେଡ୍ଡୀ, ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ରଙ୍ଗେଇଲୁଣ୍ଡା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଅଜିତ ଦାଶ, ବରିଷ୍ଠ ନେତା ଡ. ଭଗବାନ ଗନ୍ତାୟତ, ପୂର୍ବତନ ବିଇଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଡିଲେଶ୍ୱର ରେଡ୍ଡୀ, ଜିଲ୍ଲା ପରିଷଦ ସଦସ୍ୟ ଦୀପକ କୁମାର ସାମନ୍ତଙ୍କ ସମେତ ବିଇଏମସିର ବହୁ କର୍ପୋରେଟର୍ ଓ ସ୍ଥାନୀୟ ନେତା ସାମିଲ ଥିଲେ। ବଡ଼ କଥା ହେଲା, ଖଣି ମନ୍ତ୍ରୀ ବିଭୂତି ଜେନାଙ୍କ ନିର୍ବାଚନମଣ୍ଡଳୀରେ ଏହି ଘଟଣା ଘଟିଥିବା ବେଳେ ସେ ଏଯାବତ୍ ପୀଡ଼ିତାଙ୍କ ପରିବାରକୁ ନ ଭେଟିବା ଆଶ୍ଚର୍ଯ୍ୟଚକିତ କରିଛି।

## ସହରୀ ବିକାଶ...

୨ବର୍ଷରେ ୩ ଲକ୍ଷ ବେଆଇନ ପାର୍ଟ ପ୍ଲଟ ରେଜିଷ୍ଟ୍ରେସନ ହୋଇଛି। ଏଭଳି କାରନାମା କରିଥିବା ୩୦୦ ଅଧିକାରୀଙ୍କୁ ଚିହ୍ନଟ କରାଗଲା। ଏମାନଙ୍କ ବିରୋଧରେ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଗଲା। ହେଲେ କାର୍ଯ୍ୟାନୁଷ୍ଠାନ କେବଳ କାରଣ ଦର୍ଶାଅ ନୋଟିସରେ ସୀମିତ ରହିଗଲା। ଲେ-ଆଉଟ୍ ଅନୁମୋଦନ ସରଳ ଓ ସହଜ କରିବାକୁ ବାଟ ବାହାରୁନି। ଆପାର୍ଟମେଣ୍ଟ କିଣାବିକାକୁ ନେଇ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ସରକାର କୌଣସି ଠୋସ୍ ନିଷ୍ପତ୍ତି ନେଇ ପାରୁନାହାନ୍ତି। ଅକ୍ୟୁପାନ୍ସି ସାର୍ଟିଫିକେଟ ଓ କମ୍ପ୍ଲିସନ୍ ସାର୍ଟିଫିକେଟ ଦ୍ୱନ୍ଦ୍ୱ ହଟୁ ନଥିବାରୁ ଅଦାଲରେ ମାମଲା ଗଡ଼ିଚାଲିଛି। ଫଳରେ ରିୟଲ୍-ଇଷ୍ଟେଟ୍ କାରବାର ଏକ ପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ରିୟଲଇଷ୍ଟେଟ୍ ଆକ୍ଟିଭିଷ୍ଟମାନେ ମତ ପ୍ରକାଶ କରିଛନ୍ତି।

ଟାଉନ ପ୍ଲାନିଂ ସ୍କିମ୍ ଜୋରଦାର କରିବାକୁ ସରକାର ଅଣ୍ଟା ଭିଡ଼ିଥିଲେ। ହେଲେ ଜମି ମାଲିକମାନେ ବିଭିନ୍ନ ଜାଗାରେ ଏହାକୁ ବିରୋଧ କରୁଛନ୍ତି। ଭୁବନେଶ୍ୱର ପରେ କଟକର ପ୍ରଥମ ଟାଉନ ପ୍ଲାନିଂ ଯୋଜନାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଭଳି ସ୍ଥିତିରେ ସହରୀ ବିକାଶ ଯୋଜନାରେ ସ୍ୱଚ୍ଛତା ନେଇ ବିଭାଗୀୟ ମନ୍ତ୍ରୀଙ୍କ ଦାବି ଖାଲି ଘୋଷଣାରେ ରହିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି।


**AFFIDAVIT**

By virtue of an affidavit sworn before the Executive Magistrate Niali, I, KABITA BHOI age-49years, At-Mahanga, PO-Amankud, PS-Niali, DIST-Cuttack, Pin-752103. have changed my name from RENUBALA BHOI to KABITA BHOI. Henceforth I shall be known as **KABITA BHOI** for all future purpose.

**AFFIDAVIT**

Before the Court of the Executive Magistrate, Sundargarh. I, Manjari Boda, D/o- Goutam Boda, R/o At- Gaidega, PO-Tildega, PS- Kinjirkela, Dist-Sundargarh do hereby declare that my correct name is Manjari Boda, which has been mentioned in my matric certificate and SEBC certificate. But my Aadhar card bearing no. 9301 2524 7502, my name has been wrongly mentioned as Mandakini Tajan instead of Manjari Boda. Hence both the persons are same and one person for purposes of correction of Aadhar card.

**AFFIDAVIT**

By Virtue Of an Affidavit no. 26/2 dtd. 19.5.2025 the Executive Magistrate Nayagarh, I Sarojini Pradhan W/o- Jatadhari Pradhan At/Po-Notar, Ps-Itamati, Dist-NAYAGARH have changed my name Saojini Pradhan to Sarojini Pradhan. Henceforth He will be know as Sarojini Pradhan for all purposes.

**AFFIDAVIT**

By virtue of an affidavit before the Notary Public, Boudh, dtd- 02/06/2025. I, **Krushna Chandra Behera,** age 40 years, resident of Vill/Po- Dhalpur, Ps-Harbhanga, Dist- Boudh, Odisha. I declared that my son name **Biswajit Behera** who took birth 14/05/2017 at CHC Purunakatak, in birth certificate my son name has mentioned as **Biswajit Behera** but in Aadhar Card vide No - 3759 3287 9517 name has been wrongly recorded as **Suryabrat Behera.** Henceforth, both the name **Biswajit Behera** and **Suryabrat Behera** are same and one person and he will be known as **Biswajit Behera** for all future purposes.

**Krushna Chandra Behera**

**NOTICE**

By virtue of an affidavit sworn before the Executive Magistrate, Udala, Mayurbhanj, dated 03.06.2025, Baruna Beherinia, Village- Puradihi, PO.-Jaida, PS.- Udala, Dist- Mayurbhanj, Odisha, Pin-757041 declare that I have changed my name from Barun Beherinian to Baruna Beherinia. Henceforth, I shall be known as Baruna Beherinia for all purposes.

**Baruna Beherinia**

**AFFIDAVIT**

I, Rasmirekha Jena, aged about 48 years, W/o-Ranjan Kumar Jena, resident of S-4 CP-28/29, Niladri Vihar, Near Buddha Park, Chandrasekharpur, Bhubaneswar, Dist-Khordha, Odisha, PIN-751021 declare by this affidavit No. 1149, dtd-07/06/2025, that now onwards I shall be known as **RASHMIREKHA JENA** for all future purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

OFFICE OF THE PRINCIPAL
**MANDOSIL DEGREE COLLEGE, MANDOSIL**
Dist.: Bargarh, Pin-768050

**TENDER CALL NOTICE**

Invited sealed quotations from reputed Farms / Agency / Vendors to supply IT equipments at the college office by post / by hand on or before **18.06.2025.** For more details visit **www.mandosildegreecollege.com**

**Sd/- Principal**

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୪ ବର୍ଷର ଅମ୍ଲାଂଶୁ



ତିଗିରିଆ,୭ ।୬(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ହାଟମାଳ ପଞ୍ଚାୟତସ୍ଥିତ ସୁଣ୍ଡିପାଳ ଗ୍ରାମର ସୁନୀଲ କର ଓ ସରୋଜିନୀ କରଙ୍କ ୪ବର୍ଷୀୟ ଶିଶୁପୁତ୍ର ଅମ୍ଲାଂଶୁ କର ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି । ଏହି ସଫଳତା ପାଇଁ ଅମ୍ଲାଂଶୁ ଓ ତାଙ୍କ ପରିବାରକୁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି । ଅମ୍ଲାଂଶୁ ମାତ୍ର ୩ ମିନିଟ ମଧ୍ୟରେ ୧୬ଟି କୀଟପତଙ୍ଗ, ୧୯ଟି ଫୁଲ, ୨୨ଟି ପନିପରିବା, ୨୮ଟି ପଶୁ,୨ ୨ ଟି ପକ୍ଷୀ, ୩୨ଟି ଶରୀରର ଅଙ୍ଗର ନାମ ଇଂରାଜୀରୁ ଓଡ଼ିଆ ଭାଷାକୁ ଅନୁବାଦ କରିଥିଲେ । ଏଥିସହିତ ୨୦ଟି କମ୍ପ୍ୟୁଟର ପାର୍ଟସ, ୩୦ଟି ରଙ୍ଗ, ୧୬ ଜଣ ପ୍ରସିଦ୍ଧ ବ୍ୟକ୍ତିଙ୍କ ନାମ କହିବା ସହ ୩ଟି ନର୍ସରୀ ଇଂରାଜୀ ପାଠ୍ୟ ପୁସ୍ତକର କବିତା, ବାର ମାସ, ସପ୍ତାହର ସାତଦିନ, ୩୧ଟି ଜାତୀୟପ୍ରତୀକର ନାମ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶ କରିଥିଲେ । ଏହି ସଫଳତା ହାସଲ ପରେ ସଂସ୍ଥା ପକ୍ଷରୁ ଅମ୍ଲାଂଶୁଙ୍କୁ ପଦକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି ।

■ କଣ୍ଡିପୁର ଓ ବଳଭଦ୍ରପୁରରେ ମାଙ୍କଡ଼ ଆତଙ୍କ

# ଉପଦ୍ରବରେ ବଢୁଛି ଆହତଙ୍କ ସଂଖ୍ୟା

ତିଗିରିଆ, ୭ ।୬(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ କଣ୍ଡିପୁର ଗ୍ରାମ ଓ ହାଟମାଳ ପଞ୍ଚାୟତର ବଳଭଦ୍ରପୁର ଓ ବିଷ୍ଣୁପୁର ଗ୍ରାମରେ ଦୀର୍ଘ ଦିନ ଧରି ଗୋଟିଏ ମାଙ୍କଡ଼ ଆତଙ୍କ ସୃଷ୍ଟି କରିଛି । ଏହି ମାଙ୍କଡ ଆକ୍ରମଣ ଭୟରେ ଲୋକମାନେ ଘର ବାହାରକୁ ବାହାରିବା ପାଇଁ ଭୟ କରୁଛନ୍ତି । ଗାଡି ଚାଳକ, ପଦଚାରୀଙ୍କୁ ଅତର୍କିତ ଭାବେ ମାଙ୍କଡ଼ଟି ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି । ଅଦ୍ୟାବଧି ଏହି ମାଙ୍କଡ଼ ଆକ୍ରମଣରେ ୨୦ରୁ ଅଧିକ ଜନସାଧାରଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି । ମାଙ୍କଡ଼ ଆକ୍ରମଣରୁ ବର୍ତ୍ତିବା ପାଇଁ ସ୍ଥାନୀୟ ଜନସାଧାରଣ ପାଳି କରି ବାହାରେ ଠେଙ୍ଗା ଧରି ପହରା ଦେଉଥିବା ଦେଖିବାକୁ ମିଳିଛି । ଆଜି ସନ୍ଧ୍ୟାରେ ଉକ୍ତ ମାଙ୍କଡ କଣ୍ଡିପୁର ଗ୍ରାମର ବିଜୟ ସାମଲଙ୍କ ପୁଅ ଲିଜୁନ ସାମଲଙ୍କୁ ଆକ୍ରମଣ କରି ଆହତ କରିଥିବା ବେଳେ ଗତକାଲି ବିଷ୍ଣୁପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲା । ଦୀର୍ଘ ଦିନ ଧରି ଏହି ମାଙ୍କଡଟି ଉକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ବେଳେ ସ୍ଥାନୀୟ ବନବିଭାଗ ଏହାକୁ ଧରିବାକୁ ସକ୍ଷମ ହୋଇନାହିଁ । ଆଗକୁ ଯଦି ଉକ୍ତ ମାଙ୍କଡ ଆକ୍ରମଣରେ କୌଣସି ବଡ଼ କ୍ଷୟକ୍ଷତି ଘଟେ ସେଥିପାଇଁ ଦାୟୀ କିଏ ରହିବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରିଛନ୍ତି । ତେଣୁ ଯଥାଶୀଘ୍ର ଉକ୍ତ ମାଙ୍କଡକୁ ଟ୍ରାଙ୍କୁଲାଇଜ କରି ଧରିବାର ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

# ଜିଲିଣ୍ଡାରେ ନିଶାମୁକ୍ତି ସଂକଳ୍ପ ସମାବେଶ

ନରସିଂହପୁର,୭ ।୬(ସମିସ): ଜିଲିଣ୍ଡା ହାଟ ପଡ଼ିଆରେ ନିଶାମୁକ୍ତି ସଂକଳ୍ପ ସମାବେଶ ଶନିବାର ଅନୁଷ୍ଠିତ ହୋଇଛି । ଏହି ସମାବେଶରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିଲେ । ଏହି ଅଞ୍ଚଳକୁ ମଦମୁକ୍ତ କରିବ ପାଇଁ ପ୍ରଥମେ ଏକ ଶୋଭାଯାତ୍ରା ସମଗ୍ର ବଜାରରେ ବୁଲି ତୁରନ୍ତ ଏଠାରେ ଥିବା ସରକାରୀ ମଦ ଦୋକାନକୁ ହଟାଯିବାକୁ ଦାବି କରିଥିଲେ । ଉକ୍ତ



ଶୋଭାଯାତ୍ରାରେ ଶହଶହ ମହିଳା ପ୍ଲାକାର୍ଡ ଧରି ମଦ ଉଚ୍ଛେଦ ପାଇଁ ଦାବି କରିଥିଲେ । ଆୟୋଜିତ ସଭାରେ ମୁକ୍ତି ସଂଗଠନର ସଭାପତି ସୁଶାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଗାନ୍ଧୀବାଦୀ ନେତା ଜ୍ଞାନରଞ୍ଜନ ନାୟକ, ଜୋତ୍ସ୍ନାରାଣୀ ପ୍ରଧାନ, କେଦାର ବେହେରା, ସରପଞ୍ଚ ଶରତଚନ୍ଦ୍ର ଖଟୁଆ, ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

# ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ

କଟକ, ୭ ।୬(ସମିସ): ଓଡ଼ିଶା ଶିକ୍ଷାବିକାଶ ସମିତି ଆନୁକୂଲ୍ୟରେ ପ୍ରାଦେଶିକ ସମ୍ପାଦକ ସମ୍ମିଳନୀ ଗତିରାଉତପାଟଣା ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ଉଦଘାଟିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ କରିଥିଲେ । ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଅଧ୍ୟକ୍ଷ ଡ. କିଶୋରଚନ୍ଦ୍ର ମହାନ୍ତ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଭାରତୀ ଓ ଅଖିଳ ଭାରତୀୟ ଶିକ୍ଷାସଂସ୍ଥାନର ସଂଗଠନ ମନ୍ତ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତ ମୁଖ୍ୟବକ୍ତା ଥିଲେ । ମୁଖ୍ୟଅତିଥି ଶ୍ରୀ ପୂଜାରୀ କହିଥିଲେ, ଶିଶୁ ବିଦ୍ୟା ମନ୍ଦିରର ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଶିକ୍ଷାଦାନ ବ୍ୟବସ୍ଥା ଭବିଷ୍ୟତର ଧର୍ମପଦମାନଙ୍କୁ ସୃଷ୍ଟି କରୁଛି । ଓଡ଼ିଶା ଶିକ୍ଷା ବିକାଶ ସମିତି ସମ୍ପାଦକ ଡ. ସରୋଜ କୁମାର ହାତୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଉମେଶଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ମିଳନୀରେ ଶିକ୍ଷାବିକାଶ ସମିତି ଦ୍ୱାରା ପରିଚାଳିତ ୯୮୦ ବିଦ୍ୟାଳୟରୁ ସମ୍ପାଦକ, ସଙ୍କୁଳ ପ୍ରମୁଖ ଜିଲ୍ଲା ଓ ସହ ଜିଲ୍ଲା ପ୍ରମୁଖ, ସମ୍ଭାଗ କାର୍ଯ୍ୟକର୍ତ୍ତା, ପ୍ରାଦେଶିକ କାର୍ଯ୍ୟକର୍ତ୍ତା, କେନ୍ଦ୍ରୀୟ ଅଧିକାରୀ ଓ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ମୋଟ ୧୨୭୮ ଜଣଙ୍କ ସମାବେଶ ହୋଇଥିଲା । ରବିବାର ଏହି ସମ୍ମିଳନୀ ଉଦଯାପିତ ହେବ ।

# ପବିତ୍ର ଇଦ୍ ପର୍ବ ପାଳିତ

ତିଗିରିଆ,୭ ।୬(ସମିସ): ତିଗିରିଆରେ ମୁସଲମାନଙ୍କ ତ୍ୟାଗ ଓ ବଳିଦାନର ପର୍ବ ଇଦ-ଉଲ-ଜୁହା ଶନିବାର ଶାନ୍ତିଶୃଙ୍ଖଳାର ସହିତ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଓ ପଙ୍କାଳଠାରେ ପାଳିତ ହୋଇଯାଇଛି । କରଡ଼ାପଲ୍ଲୀ ଜାମା ମସଜିଦଠାରେ ମୌଲାନା ନଶିର ଅହମ୍ମଦ ସମବେତ ମହିଳା ଓ ପୁରୁଷଙ୍କ ପବିତ୍ର ଇଦ ନମାଜ ପାଠ କରାଇଥିଲେ । ଜମାତ ଅହମ୍ମଦିୟା ପଙ୍କାଳର ଇଦଗାହାଠାରେ ମୌଲାନା ସେକ ଇସିହାକ ନମାଜ ପାଠ କରାଇଥିବା



ବେଳେ ଜାମା ମସଜିଦଠାରେ ମୌଲାନା ସେକ ନାସିରୁଦ୍ଦିନ ଇଦ ନମାଜ ପାଠ କରାଇବା ସହିତ ହଜରତ ଇବ୍ରାହିମଙ୍କ ତ୍ୟାଗ ସମ୍ପର୍କରେ ଅବତାରଣା କରିଥିଲେ । ଉଭୟ ଗ୍ରାମରେ ପରସ୍ପରକୁ ଇଦର ଅଭିନନ୍ଦନ ଜଣାଇଥିଲେ ।

# ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ଯାତ୍ରା ଆଜି

ତିଗିରିଆ,୭ ।୬(ସମିସ):

ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣାତିଗିରିଆ ପଞ୍ଚାୟତର ପୁରୁଣାତିଗିରିଆ ଗ୍ରାମ ଆନୁକୂଲ୍ୟରେ ଆଠଗଡ ଉପଖଣ୍ଡପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ଯାତ୍ରା ରବିବାର ଅନୁଷ୍ଠିତ ହେବାକୁ ଯାଉଛି । ପ୍ରତିବର୍ଷ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ବହୁ ପୁରାତନ କାଳରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଆସୁଛି । ଏହି ଯାତ୍ରା ପାଇଁ ପୁରୁଣାତିଗିରିଆ ଗ୍ରାମ ଏବେ ଚଳଚଞ୍ଚଳ ହୋଇଉଠିଛି । ଗ୍ରାମ ସଭାପତି ଘନଶ୍ୟାମ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯାତ୍ରା ପାଇଁ ଆଜି ବିଳମ୍ବିତ ରାତ୍ରରେ ଠାକୁର ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ଛତ୍ରୀ, ଆଲଟ, ଚାମର ଓ ବାଜା ବାଣ ରୋଶଣୀରେ ସମ୍ପୂର୍ଣ୍ଣ ପୁରୁଣା ତିଗିରିଆ ଗ୍ରାମ ପରିକ୍ରମା କରନ୍ତି । ପରେ ଏହି ଶୋଭାଯାତ୍ରା ଶଙ୍କରେଶ୍ୱର ମହାଦେବଙ୍କ ପୀଠରେ ପହଞ୍ଚିଥାଏ । ସେଠାରେ ହରିହରଙ୍କ ଭେଟ ହୋଇଥାଏ ବୋଲି ପୂର୍ବରୁ ପରମ୍ପରା ରହିଆସିଛି ।

ପୂର୍ବରୁ ବ୍ଲକର ଅନ୍ୟାନ୍ୟ ଅଞ୍ଚଳରୁ ରାଧାକୃଷ୍ଣଙ୍କ ପ୍ରତିମା ମନ୍ଦିର ପରିସରକୁ ଆସୁଥିବା ବେଳେ ଏବେ କେବଳ ନିଜିଗଡ଼ ପଞ୍ଚାୟତରୁ ରାଧାକୃଷ୍ଣ ଙ୍କ ପ୍ରତିମା ଶୋଭାଯାତ୍ରାରେ ଶଙ୍କରେଶ୍ୱରଙ୍କ ପୀଠରେ ପହଞ୍ଚୁଛି । ରାଧାକୃଷ୍ଣଙ୍କ ବିମାନ ପହଁଞ୍ଚିବା ପରେ ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ବିଭିନ୍ନ ରଙ୍ଗ ବେରଙ୍ଗର ଆତସବାଜି ପୁରୁଣା ତିଗିରିଆ ତଥା ନିଜିଗଡ଼ ଗ୍ରାମବାସୀଙ୍କ ତରଫରୁ ଶଙ୍କରେଶ୍ୱର ମନ୍ଦିର ନିକଟରେ କରାଯାଇଥାଏ । ପରେ ସକାଳୁ ମନ୍ଦିର ପରିସରରେ ପ୍ରସିଦ୍ଧ ଚମ୍ପକ ଦ୍ୱାଦଶୀ ଯାତ୍ରା ଆରମ୍ଭ ହୋଇଥାଏ । ଏହି ଯାତ୍ରା ପାଇଁ ଆଖପାଖ ଅଞ୍ଚଳର ଅନେକ ବ୍ୟବସାୟୀ ଉଠା ଦୋକାନ ମାଧ୍ୟମରେ ସେମାନଙ୍କ ପସରା ମେଲେଇ ବସିଥାନ୍ତି । ଏହି ଯାତ୍ରାରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହେବାର ନଜିର ରହିଛି । ଏହି ଯାତ୍ରା ପାଇଁ ପୁରୁଣାତିଗିରିଆ ଗ୍ରାମର ଗୋପାଳ ସାହିର ଶିବଶକ୍ତି ଡ୍ରାମାଟିକ କ୍ଲବ ସ୍ଥାନୀୟ କଳାକାରଙ୍କ ତରଫରୁ ଆସନ୍ତା ୧୦ ତାରିଖ ରାତିରେ ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବନ' ମଞ୍ଚସ୍ଥ ହେବାକୁ ଯାଉଥିବା ବେଳେ ୯ ତାରିଖ ରାତିରେ ମଝିସାହି ନେତାଜୀ ଯୁବପରିଷଦ ଡ୍ରାମାଟିକ କ୍ଲବ ତରଫରୁ ସାମାଜିକ ନାଟକ 'ଭୁଲ ତୋର ଭୋଗୁଛି ମୁଁ' ଓ ଆସନ୍ତାକାଲି ରାତିରେ ତେଲିସାହି ଉତ୍କଳମଣି ଡ୍ରାମାଟିକ କ୍ଲବ ତରଫରୁ ସାମାଜିକ ନାଟକ 'ସେଇ ଗୋଟିଏ ଭୁଲ ପାଇଁ' ପରିବେଷଣ କରୁଥିବା ଗ୍ରାମ ସଭାପତି ଘନଶ୍ୟାମ ଜେନା ପ୍ରକାଶ କରିଛନ୍ତି । ଏହି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ତିଗିରିଆ ପୁଲିସ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି । ପୁରୁଣା ତିଗିରିଆ ସରପଞ୍ଚ ପ୍ରତାପ ଜେନା, ଗ୍ରାମ୍ୟ କମିଟିର ସମ୍ପାଦକ ସନ୍ତୋଷ ନାୟକ, ତିନି ସାହି ସଭାପତି, ସମ୍ପାଦକ, ଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରୁଛନ୍ତି ।

# କଙ୍କାଳିରେ ପରିବେଶ ସଚେତନତା




ଟାଙ୍ଗୀ,୭ ।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କଙ୍କାଳି ଗ୍ରାମରେ କୃଷି ବିଜ୍ଞାନ କେନ୍ଦ୍ର କଟକ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୂଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ରଞ୍ଜନ କୁମାର ମହାନ୍ତ ଯୋଗଦେଇ ପରିବେଶ ସୁରକ୍ଷା ହେଲେ ସୁସ୍ଥ ସମାଜ ସୃଷ୍ଟି ହୋଇପାରିବ ଏବଂ ପ୍ଲାଷ୍ଟିକ ବ୍ୟବହାର ନକରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥିଭାବେ ବୈଜ୍ଞାନିକ ଡ଼ ରାଜନ କାମ୍ବୋଜ ଯୋଗ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଲୋକମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା । କେଭିକେର ପ୍ରଶାନ୍ତ ପ୍ରଧାନ ଓ ଅରବିନ୍ଦ ବିଶୋଇଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଖଗେଶ୍ୱର ମହାନ୍ତ, କବିତା ମହାନ୍ତ ଓ ବିନୋଦ ଜେରାଇ ଯୋଗଦେଇଥିଲେ ।

# 'ଅମୃତାଳୟ'କୁ ମିଳିଲା ପ୍ରକୃତି ମିତ୍ର ପୁରସ୍କାର

ଚୌଦ୍ୱାର,୭।୬(ସମିସ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁରସ୍ଥିତ ଅମୃତାଳୟ ଜରାନିବାସକୁ ଚଳିତ ବର୍ଷ ପ୍ରକୃତିମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ଓ ପ୍ରକୃତି ମିତ୍ର ପୁରସ୍କାର ବିତରଣ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଯୋଗଦେଇ ଅନୁଷ୍ଠାନର ଅଧ୍ୟକ୍ଷ ଡ. ଲକ୍ଷ୍ମୀନାରାୟଣ ପଣ୍ଡାଙ୍କୁ ମାନପତ୍ର ସହିତ ୨୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଅମୃତାଳୟର ପ୍ରତିଷ୍ଠାତା ଡ. ପଣ୍ଡା ଏକ ଏକରରୁ ଅଧିକ ଜମିରେ ବୃଦ୍ଧବୃଦ୍ଧାଙ୍କ ନିମନ୍ତେ ଜରାନିବାସ ପ୍ରତିଷ୍ଠା ସହିତ ସମଗ୍ର ଅଞ୍ଚଳରେ ଆମ୍ବ, ପଣସ ଆଦି ଫଳ ଗଛ ସହିତ ବିଭିନ୍ନ ଛାୟା ପ୍ରଦାନକାରୀ ବୃକ୍ଷରୋପଣ କରି ସୁନ୍ଦର ପରିବେଶ ଗଢ଼ି ତୋଳିଛନ୍ତି । ଅନୁଷ୍ଠାନର ଡ. ଅବନ୍ତିକା କର, ସ୍ୱାତି ପଟ୍ଟନାୟକ ଆଦି କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କୁ ଏଥିନିମନ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# କୂଅରୁ ବିଲୁଆ ଉଦ୍ଧାର

ତିଗିରିଆ,୭ ।୬(ସମିସ): ବଡ଼ନାଉପୁଟ ପଞ୍ଚାୟତ ଶାଳିଜଙ୍ଗା ଗ୍ରାମର ଏକ କୂଅରେ ପଡ଼ିଯାଇଥିବା ଗୋଟିଏ ବିଲୁଆକୁ ଶନିବାର ସ୍ଥାନୀୟ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିବା ଅଗ୍ନିଶମ ବିଭାଗ ଅଧିକାରୀ ପ୍ରତାପଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ବିଲୁଆଟିକୁ ସୁରକ୍ଷିତ ଭାବେ ଉଦ୍ଧାର ପରେ ତାକୁ ଜଙ୍ଗଲ ମଧ୍ୟକୁ ଛାଡ଼ି ଦିଆଯାଇଛି । ଦିନ ପ୍ରାୟ ସାଢ଼େ ୧୧ଟା ବେଳେ ଶାଳିଜଙ୍ଗା ଗ୍ରାମର ଜନସାଧାରଣଙ୍କ ତରଫରୁ ଉକ୍ତ କୂଅ ମଧ୍ୟରେ ବିଲୁଆଟି ପଡ଼ିଯାଇଥିବା ସୂଚନା ଦିଆଯାଇଥିଲା । ଅଗ୍ନିଶମ ବାହିନୀ ପହଞ୍ଚି ଉକ୍ତ ବିଲୁଆକୁ ଉଦ୍ଧାର କରିଥିଲେ । ବିଲୁଆ ପଡ଼ିଥିବା କୂଅଟି ଶୁଖିଲା ଥିବା ଜଣାପଡିଛି ।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ନରସିଂହପୁର,୭ ।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ରକ୍ଷିପଡା ଛକ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଅଜଣା ମାନସିକ ବିକୃତ ମହିଳାଙ୍କ ମୃତ୍ୟୁ ଘଟିଛି । ଖବର ପାଇ କାନପୁର ପୁଲିସ ପ୍ରାଥମିକ ତଦନ୍ତ କରିଛି । ମହିଳା ଜଣଙ୍କ ମାନସିକ ବିକୃତ ଥିବା ଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡମ୍ବା ଡାକ୍ତରଖାନାକୁ ପଠାଯାଇଥିବା କାନପୁର ପୁଲିସ ସୂତ୍ରରୁ ପ୍ରକାଶ ।

# ଶ୍ରୀ ନାରାୟଣୀ ନାଟ୍ୟ କଳା ପରିଷଦର ବାର୍ଷିକ ଉତ୍ସବ



ଟାଙ୍ଗୀ,୭ ।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତର ସାମନ୍ତରାପୁର ଗ୍ରାମସ୍ଥ ଶ୍ରୀ ନାରାୟଣୀ ନାଟ୍ୟ କଳା ପରିଷଦର ଦୁଇଦିନିଆ ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇଥିବା ବେଳେ ଉଦଯାପନୀ ଉତ୍ସବରେ ବରିଷ୍ଠ ଯୁବ ସଙ୍ଗଠକ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼ ପ୍ରମୋଦ କୁମାର ରଥ ଯୋଗଦେଇ ଗ୍ରାମର କଳା ସଂସ୍କୃତିକୁ ପ୍ରଶଂସା କରିବା ସହ ପରିଷଦର ଅମ୍ଲାନ ପ୍ରତିଭା, ସାମ୍ବାଦିକ ଓ ବୁଦ୍ଧିଜୀବିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସତ୍ୟପ୍ରକାଶ ଦାସଙ୍କ ନିର୍ଦ୍ଦେଶନା ଏବଂ ମୁଖ୍ୟ ପରିଚାଳକ ପ୍ରକାଶ କୁମାର ସ୍ୱାଇଁ ଓ ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଦୁଇଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମରେ କହିଦେଲେ କଥା ସରିଯିବ ଓ ଏହି ଫଗୁଣରେ ବାଜିବ ବାଜା ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

# ସରସ୍ୱତୀ କଳା ପରିଷଦ ପକ୍ଷରୁ ପ୍ରତିଭା ସମ୍ମାନ ଉତ୍ସବ



କନ୍ଦରପୁର,୭ ।୬(ସମିସ): ସାଂସ୍କୃତିକ ସଂଗଠନ ସରସ୍ୱତୀ କଳା ପରିଷଦ ଆନୁକୂଲ୍ୟରେ ସରସ୍ୱତୀ ମେଧା ପ୍ରତିଭା ସମ୍ମାନ-୨୦୨୫ କାର୍ଯ୍ୟକ୍ରମ ଫୁଲ ମା' ମାର୍କେଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବୟାଳିଶ ମୌଜାର ବଟକୃଷ୍ଣ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସର୍ବୋଚ୍ଚ ନମ୍ବର ରଖିଥିବା ୪ ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପରିଷଦର ଉପସଭାପତି ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ଇଂ ଗିରିଜାଶଙ୍କର ପତି, ମୁଖ୍ୟବକ୍ତା ଭାବେ ପ୍ରତିଭା ବିକାଶ ପ୍ରତିଷ୍ଠାନ କଟକ ସଦର ସଭାପତି ଇଂ ଅଶୋକ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ଦୀପକ ସାହୁ, ଲୁଲୁ ନନ୍ଦ ଓ ସଭାପତି ପ୍ରତିଭା ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ । ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ଇଂ ସେବକ ଶ୍ରୀକାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଲୋପ ନାରାୟଣ ମହାପାତ୍ର, ଗଗନ ରାଉତ, କୃଷକ ନେତା ଦେବୀପ୍ରସାଦ ପତି, ଦୈତାରି ପ୍ରଧାନ ପ୍ରମୁଖ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ । କାର୍ଯ୍ୟକର୍ତ୍ତା ଅମୀୟ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

# ଡ୍ରିମ୍ସ ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥଙ୍କୁ ନାଗରିକ ସମ୍ବର୍ଦ୍ଧନା



କଟକ,୭ ।୬(ସମିସ): ଟାଙ୍ଗୀ-ଚୌ÷ଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁରସ୍ଥିତ ଶ୍ରୀ ଶ୍ରୀ ନାରାୟଣୀ ନାଟ୍ୟକଳା ପରିଷଦର ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ସଂଧ୍ୟାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲାବେଳେ ଜୀବନ ବ୍ୟାପୀ ସାଧନା ଓ ସଫଳତା ପାଇଁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଡ. ରଥ ସମ୍ବର୍ଦ୍ଧନାର ଉତ୍ତରରେ ଗ୍ରାମାଞ୍ଚଳରେ ଏଭଳି ନାଟ୍ୟଅନୁଷ୍ଠାନ ଲୋକଙ୍କ ମନୋରଞ୍ଜନ ସହିତ ଭାଇଚାରା ଓ ସାଂସ୍କୃତିକ ସମନ୍ୱୟ ରଖିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦୁଇଦିନ ଧରି ନାଟକ ମଞ୍ଚସ୍ଥ ହୋଇଥିଲା । କିଶୋର କୁମାର ଜେନା ମାନପତ୍ର ପାଠ କରିଥିଲେ । ବରିଷ୍ଠ ଶିକ୍ଷାବତ୍ କ୍ଷେତ୍ରବାସୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ତଥା ଯୁବ ସଂଗଠକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଶୀ ମଦ ଜବତ, ୪ଗିରଫ

ଚୌଦ୍ୱାର,୭।୬(ସମିସ): ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୫୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଅବକାରୀ ଇନ୍ସପେକ୍ଟର ମାନସୀ ନାୟକଙ୍କ ସୂଚନା ଅନୁଯାୟୀ, ଶନିବାର ଚୌଦ୍ୱାର ଥାନା ବାଣିପଦା, ପଦାଗାଁ, ତଳବଜାର ଓ ଗାନ୍ଧୀଛକରେ ଚଢ଼ଉ କରାଯାଇଥିଲା । ପଦାଗାଁର ଧର୍ମାନନ୍ଦ ସାହୁ, ଡାଳିଯୋଡା ବ୍ରହ୍ମପୁରର ପବିତ୍ର ବେହେରା, ବରପଦାର ଚନ୍ଦ୍ରମଣୀ ଛତାର ଓ କୁଣ୍ଡପଡିଆର ମହନ୍ତ ହେମବ୍ରମଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବା ସହ ଗୋଟିଏ ସ୍କୁଟି ଜବତ କରାଯାଇଛି । ଚୌଦ୍ୱାର ଅବକାରୀ ଥାନା ଓଆଇସି ବାପି ସାହୁ, ଆଶୁତୋଷ ଜେନାଙ୍କ ସମେତ ଦେବବ୍ରତ ଓଝା, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ଓ ତୃପ୍ତୀମୟୀ ପରିଡ଼ା ପ୍ରମୁଖ ଚଢ଼ଉ ଦଳରେ ସାମିଲ ହୋଇଥିଲେ ।


# ବେଆଇନ୍ ମାଙ୍କଡ଼ା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ଟାଙ୍ଗୀ, ୭ ।୬(ସମିସ):

୧୬ ନଂ ଜାତୀୟ ରାଜପଥର ବ୍ଲାକ ସ୍ପଟ୍ ଘୋଷିତ ଟାଙ୍ଗୀ ଥାନା ଡ୍ରିମ୍ସ ଛକ ସର୍ବଦା ବିପଦସଂକୁଳ ରହିଆସିଛି । ଶନିବାର ଅପରାହ୍ନରେ ବେଆଇନ୍ ମାଙ୍କଡ଼ା ପଥର ବୋଝେଇ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରକଟି ଭଙ୍ଗିମୁଣ୍ଡା ରାସ୍ତାରେ ଆସିବା ନିମନ୍ତେ ଡ୍ରିମ୍ସ ଛକ ଅତିକ୍ରମ କରିବା ବେଳେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଅନ୍ୟ ଏକ ଟ୍ରକ ମାଙ୍କଡ଼ା ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା । ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ମୃତାହତ ଖବର ମିଳି ନଥିଲେ ହେଁ ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ କରି ତଦନ୍ତ ଆରମ୍ଭ କରିଛି । ଟ୍ରକଟି ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବେଆଇନ୍ ଖାଦାନରୁ ମାଙ୍କଡା ପଥର ପରିବହନ କରିଥାଏ । ଟାଙ୍ଗୀ-ହରିପୁର ପୂର୍ତ୍ତ ବିଭାଗ ରାସ୍ତାରେ ଆସି ଟାଙ୍ଗୀ-ଭଙ୍ଗିମୁଣ୍ଡା ରାସ୍ତାଦେଇ ଏହି କାରବାର ଦୀର୍ଘଦିନ ହେଲା ଚାଲୁଥିବା ଅଭିଯୋଗ ହେଉଥିବା ବେଳେ ପୁଲିସର ଭୂମିକା ନେଇ ପ୍ରଶ୍ନ ଉଠିଛି । ତେବେ ଚୋରା ମାଙ୍କଡ଼ା ପଥର କାରବାର କରୁଥିବା ଉକ୍ତ ଟ୍ରକ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଶିବପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି ।

# ଶୋଇଥିବା ବେଳେ ଘର ଉପରକୁ ବୋମା ମାଡ଼; ବର୍ତ୍ତିଗଲେ ପରିବାର



କଟକ, ୭ ।୬(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ବିଳମ୍ବିତ ରାତିରେ ବାଙ୍କୀ ଥାନା ଅନ୍ତର୍ଗତ ତଥା ସୁବର୍ଣ୍ଣପୁର ଫାଣ୍ଡି ନିକଟସ୍ଥ ସହଙ୍ଗା ଗୋପାଳପୁର ଗ୍ରାମର ଗୋଲକ ଜେନାଙ୍କ ଘର୍ ଉପରକୁ ବୋମା ମାଡ଼ ହୋଇଛି । ପରିବାରର ସମସ୍ତ ସଦସ୍ୟ ଶୋଇଥିବା ବେଳେ ଲଗାତାର ତିନିଟି ବୋମା ମାଡ଼ କରିଥିଲା ଦୁର୍ବୃତ୍ତ । ଝରକା ଓ କବାଟ କ୍ଷତିଗ୍ରସ୍ତ ହେବା ସହିତ ଝରକା କାଚ ଭାଙ୍ଗି ନଷ୍ଟ ହୋଇ ତଳେ ପଡ଼ିଥିଲା । ଏହି ବୋମାମାଡ଼ରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ସଦସ୍ୟ । ସକାଳେ ବାଉଁଶ ଗଛ ହାଣିବାକୁ ନେଇ ଉକ୍ତ ପରିବାର ସହ ଜଣେ ଦୁର୍ବୃତ୍ତଙ୍କ ଯୁକ୍ତିତର୍କ ଓ ବଚସା ହୋଇଥିଲା । ସେହି ସମୟରେ ଘରକୁ ଉଡ଼ାଇ ଦେବାକୁ ଧମକ ଦେଇଥିଲା ସେହି ଦୁର୍ବୃତ୍ତ । ଏଣୁ ଏହାକୁ କେନ୍ଦ୍ରକରି ସେ ବୋମା ମାଡ଼ କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ପରିବାର ଲୋକେ ଗ୍ରାମବାସୀଙ୍କୁ କହିବା ସହ ବାଙ୍କୀ ଥାନା ଓ ସୁବର୍ଣ୍ଣପୁର ଫାଣ୍ଡିକୁ ଖବର ଦେଇଥିଲେ । ବାଙ୍କୀ ଆଇଆଇସି ଓ ସୁବର୍ଣ୍ଣପୁର ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ କରି ଫେରିଛନ୍ତି । ଦୁର୍ବୃତ୍ତ ଜଣକ ସେହି ଗ୍ରାମର ବୋଲି ଅଭିଯୋଗ ହୋଇଛି । ଏ ସମ୍ପର୍କରେ ବାଙ୍କୀ ଥାନା ଆଇଆଇସି ଦିଲ୍ଲୀପ ମର୍ଦ୍ଦରାଜ ଭୂୟାଁ କହିଛନ୍ତି, ତଦନ୍ତ ପରେ ପ୍ରକୃତ ଅଭିଯୁକ୍ତକୁ ଧରାଯିବ ।





ଶନିବାର ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଆଗରେ ପ୍ରବଳ ଭିଡ଼ (ବାମ), ସ୍ନାନଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଆଗରେ ମକ୍-ଡ୍ରିଲ୍

# ସ୍ନାନବେଦୀ ପାଇଁ ଚାନ୍ଦୁଆ ମରାମତି ଆରମ୍ଭ

ପୁରୀ,୭।୬(ସମିସ): ଆସନ୍ତା ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ତେବେ ସ୍ନାନ ପୂର୍ଣ୍ଣିମା ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦର୍ଜୀ ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ନେତୃତ୍ୱରେ ଶନିବାରଠାରୁ କନା କାମ ଆରମ୍ଭ ହୋଇଛି। ସ୍ନାନବେଦୀ ପାଇଁ ଚାନ୍ଦୁଆ ମରାମତି କରାଯାଉଛି। ସେହିପରି ମହାପ୍ରଭୁଙ୍କ ପହଣ୍ଡି ପାଇଁ ସେନାପଟା ଓ ବାହୁଟରେ ବିଜେ ତୋଳି, ସିପର ତୋଳି, ନାଡା, ମାଠ, ମାଠ ଚାଦର, ବାରହାତିଆ ଚାରିପଟିଆ ଦୁଇଟି, ୧୬ ହାତିଆ ଚାରିପଟିଆ ଚାରୋଟି, ୧୨ ହାତି ଗଡ଼ା, ୧୬ ହାତି ଗଡ଼ା, କୁସୁମି, ପତନି, କଣାଘସା, ନେତଫୁଟା, ସୂତାଫୁଟା ଇତ୍ୟାଦି କାମ ରବିବାର ଆରମ୍ଭ ହେବ। ୧୭ ଜଣ କାରିଗର ଏଥିରେ ନିୟୋଜିତ ଥିବାବେଳେ ସୋମବାର ସୁଦ୍ଧା ସମସ୍ତ କାମ ଶେଷ ହେବ ବୋଲି କହିଛନ୍ତି ଦର୍ଜୀ ସର୍ଦ୍ଦାର ଶ୍ରୀ ମହାପାତ୍ର।

# ପ୍ରକୃତି ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା: ମେଧା

ଭୁବନେଶ୍ୱର, ୭।୬(ସମିସ): ଜଳ, ଜମି ଓ ଜଙ୍ଗଲକୁ ସୁରକ୍ଷା ଦେଉଥିବା ଶ୍ରମିକ ଓ କୃଷକଙ୍କ ଉପରେ ପ୍ରହାର କରାଯାଉଛି। ସେମାନଙ୍କୁ ମାରିବାକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସରକାର ଯୋଜନା କରୁଛନ୍ତି। ପ୍ରାକୃତିକ ଭାବେ ମିଳୁଥିବା ଜୀବନ ଓ ଜୀବିକାକୁ ଛଡ଼ାଇ ନେଉଛନ୍ତି। ଏହା ଭବିଷ୍ୟତରେ ବ୍ୟାପକ ବିପଦ ସୃଷ୍ଟି କରିବ। ଜଳ, ଜଙ୍ଗଲ, ଜମି ସୁରକ୍ଷିତ ରହିଲେ ଆମେ ସୁରକ୍ଷିତ ରହିବା ବୋଲି ନର୍ମଦା ବଞ୍ଚାଅ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ ପ୍ରତିଷ୍ଠାତା ସଦସ୍ୟ ମେଧା ପାଟକର ମତପ୍ରକାଶ କରିଛନ୍ତି।



ଜଳବାୟୁ ନ୍ୟାୟ ଅଧ୍ୟୟନ କେନ୍ଦ୍ର, ଲୋକଶକ୍ତି ଅଭିଯାନ ଏବଂ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ଅନୁଷ୍ଠିତ 'ପ୍ରାକୃତିକ ସମ୍ପଦର ସୁରକ୍ଷା ତଥା ନଦୀ ଓ ଜଳ ଉତ୍ସଗୁଡ଼ିକର ସଂରକ୍ଷଣ' ଶୀର୍ଷକ ଆଲୋଚନାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମତୀ ପାଟକର ଆହୁରି କହିଛନ୍ତି ଯେ ଅଯାଚିତ ଭାବେ ସବୁକିଛି ଦେଇଥିବା ପ୍ରକୃତି ଆଜି ଦୁର୍ଦ୍ଦଶା ଭୋଗୁଛି। ନଦୀ ତଥା ଜଳ ଉତ୍ସଗୁଡିକୁ ମାରି ଦିଆଯାଉଛି। ନଦୀରେ ବର୍ଜ୍ୟବସ୍ତୁ ମିଶି ଜଳକୁ ପ୍ରଦୂଷିତ କରୁଛି। ନଦୀ ପାଣି ଏବେ ବିଷାକ୍ତ ଓ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ସେହିପରି ମାଫିଆଙ୍କ ଦ୍ୱାରା ଦିନରାତି ବାଲି ଚାଲାଣ ନଦୀର ମୃତ୍ୟୁର କାରଣ ହୋଇଥିବା ସେ କହିଛନ୍ତି।

ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ଅଧ୍ୟକ୍ଷ ପ୍ରଫୁଲ୍ଲ ସାମନ୍ତରା କହିଥିଲେ ଯେ ଓଡ଼ିଶାର ପ୍ରମୁଖ ଜଳ ଉତ୍ସ ମହାନଦୀ, ବୈତରଣୀ, ଋଷିକୂଲ୍ୟା, ଦୟା, ନାଗାବଳୀ, ବଂଶଧାରା, ବୁଢ଼ାବଳଙ୍ଗ, ବ୍ରାହ୍ମଣୀ ଆଦି ନଦୀ ସରକାରଙ୍କ କର୍ପୋରେଟ୍ ପ୍ରୀତି ଯୋଗୁଁ ମୃତ ଅବସ୍ଥାକୁ ଆସିଲାଣି। ଏହାର ପ୍ରତିକାର ଦିଗରେ ସମ୍ମିଳିତ ହୋଇ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଥମ ଅଧିବେଶନରେ 'ସମଦୃଷ୍ଟି'ର ସମ୍ପାଦକ ସୁଧୀର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଦୟା ସୁରକ୍ଷା ଅଭିଯାନର ସଚ୍ଚିକାନ୍ତ ପ୍ରଧାନ, ବୈତରଣୀ ବଞ୍ଚାଅ ଆନ୍ଦୋଳନର ଅଶୋକ ଥାକ୍‌ରେ, ଚିଲିକା ବଞ୍ଚାଅ ଆନ୍ଦୋଳନର ମୀନା କୁମାରୀ ଟହଲ ଓ ଦୀନବନ୍ଧୁ ଅଧିକାରୀ, ମହାନଦୀ ବଞ୍ଚାଅ ଅଭିଯାନର ସଂଯୋଜକ ବିଜୟ ପ୍ରଧାନ, ପୁରୀ ବିମାନ ବନ୍ଦର ବିରୋଧୀ ଆନ୍ଦୋଳନର ସୁରେନ୍ଦ୍ର ତପସ୍ୱୀ, ସମାକୋଇ ଚକଧର ପ୍ରକଳ୍ପ ବିରୋଧୀ ମଞ୍ଚର ନାରାୟଣ ପ୍ରଧାନ, ଆଇନଜୀବୀ ଶଙ୍କର ପାଣି, ଅଧ୍ୟାପକ ସୁଧୀର ଜେନା, ବୁଢ଼ାବଳଙ୍ଗ ନଦୀ ସୁରକ୍ଷା ଅଭିଯାନର ମନୋଜ ନାୟକ, ଋଷିକୂଲ୍ୟା ବଞ୍ଚାଅ ଆନ୍ଦୋଳନର ମାଗତା ବେହେରା, ଅଧ୍ୟାପକ ଖଦାଳ ସାହୁ, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ, ମାଳି ପର୍ବତ ସୁରକ୍ଷା ଆନ୍ଦୋଳନର ଦାସି ନନ୍ଦୀବାଲି, ନୟାଗଡ଼ର ପରିବେଶବିତ୍ ହରିସ୍ୱାମୀ ମହାରାଜ ଏବଂ ସୁବର୍ଣ୍ଣରେଖା ସୁରକ୍ଷା ଆନ୍ଦୋଳନର ଅରୁଣ ଜେନା ପ୍ରମୁଖ ନଦୀମାନଙ୍କର ସ୍ଥିତି, ସମସ୍ୟା ଓ ତା'ର ପ୍ରତିକାର ଦିଗରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ବିଭିନ୍ନ ପ୍ରାନ୍ତରୁ ବୁଦ୍ଧିଜୀବୀ ଏବଂ ବିଭିନ୍ନ ସଂଗଠନର ମୁଖ୍ୟ ପୁରୋଧାମାନେ ଯୋଗ ଦେଇଥିଲେ।

# ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ ନୀତି

ପୁରୀ,୭।୬(ସମିସ): ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କ ଚମ୍ପକ ଦ୍ୱାଦଶୀ ନୀତି ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀକୁ ଚମ୍ପକ ଦ୍ୱାଦଶୀ କୁହାଯାଏ। ସକାଳ ଧୂପ ଏବଂ ଭୋଗମଣ୍ଡପ ନୀତି ବଢ଼ିବା ପରେ ମହାପ୍ରଭୁଙ୍କ ଆଲଟ ଲାଗି ହୋଇଥିଲା। ଏହାପରେ ତିନିବାଡ଼ରେ ମହାସ୍ନାନ ହୋଇ ନୂଆଲୁଗା ଲାଗି କରାଯାଇଥିଲା। ଘଟୁଆରୀ ଘରଠାରୁ ମହାସ୍ନାନ ହୋଇ ପୂଜାପଣ୍ଡା, ପତି ମହାପାତ୍ର, ମୁଦିରସ୍ତ ଚନ୍ଦନ ବିଜେ କରାଇ ଆଣି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସର୍ବାଙ୍ଗ ଲାଗି କରାଇବା ପରେ ବେଶ ବଢ଼ିଥିଲା। ମଧ୍ୟାହ୍ନ ଧୂପ ସରି ପାଣି ପଡ଼ିଲା ପରେ ମଦନମୋହନ ଓ ଶ୍ରୀଦେବୀ (ରୁକ୍ମିଣୀ) ବରକନ୍ୟା ଭିତରକୁ ବିଜେ ହୋଇଥିଲେ। ସେଠାରେ ବନ୍ଦାପନା ହୋଇଥିଲା। ବରକନ୍ୟା ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିକୁ ବିଜେ କରିଥିଲେ। ବିମାନବଡୁମାନେ ବରକନ୍ୟାଙ୍କୁ ପାଲିଙ୍କିରେ ବଡ଼ଦେଉଳ ଚତୁଃପାର୍ଶ୍ୱରେ ଘେରାଏ ବୁଲାଇ ସିଂହଦ୍ୱାର ଦେଇ ଶ୍ରୀନଅରକୁ ବିଜେ କରାଇଥିଲେ। ଶ୍ରୀନଅରରେ ନୀତି ସମ୍ପନ୍ନ ହେବା ପରେ ମହାଜନ ସେବକ ବରକନ୍ୟାଙ୍କୁ ପାଲିଙ୍କିରେ ବିଜେ କରାଇଥିଲେ। ବିମାନବଡୁମାନେ ପାଲିଙ୍କି କାନ୍ଧେଇ ଯମେଶ୍ୱରଙ୍କ ମନ୍ଦିରକୁ ନେଇଥିଲେ। ସେଠାରେ ପଞ୍ଚୁଗ୍ରାସୀ ନୀତି ଭୋଗ ଏବଂ ବନ୍ଦାପନା ହୋଇଥିଲା। ଏହାପରେ ବରକନ୍ୟା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସୂଚନାଥାଉ କି, ଏହି ଚମ୍ପକ ଦ୍ୱାଦଶୀ ନୀତି ରୁକ୍ମିଣୀ ବିବାହ ପରଦିନ ଅନୁଷ୍ଠିତ ହୋଇଥାଏ। ଶୁକ୍ରବାର ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ଅନୁଷ୍ଠିତ ହୋଇଥିଲା।



# ତିନିରଥରେ ଉଠିଲା ଚାରିନାହାକା

ପୁରୀ,୭।୬(ସମିସ): ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଚଳଚଞ୍ଚଳ ରଥଖଳା। ଚଳିତବର୍ଷ ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ସାଧାରଣତଃ ଦେବସ୍ନାନ ପୂର୍ଣ୍ଣିମା ଦିନ ଚାରିନାହାକା ଉଠାଇବାକୁ ଲକ୍ଷ୍ୟ ରହିଥାଏ। ସେମିତି କୌଣସି ବିଧି ନ ଥିଲେ ମଧ୍ୟ ଏହି ଦିନ ଚାରିନାହାକା ଉଠିଲେ ଠିକ୍ ସମୟରେ ରଥ ପ୍ରସ୍ତୁତ ହୋଇଯିବ ବୋଲି ଟାର୍ଗେଟ୍ ରଖିଥା'ନ୍ତି ନିର୍ମାଣକାରୀ ସେବକ। ହେଲେ ଏଥର ଦେବସ୍ନାନ ପୂର୍ଣ୍ଣିମା ତିନିଦିନ ପୂର୍ବରୁ ଶନିବାର ଚାରିନାହାକା ଉଠିଛି। ତିନିରଥର ମୁଖ୍ୟ ମହାରଣା ନଡ଼ିଆ ବାଡ଼େଇ ଚାରିନାହାକା ଅନୁକୂଳ କରିଥିଲେ। ଏହାପରେ ଭୋଇ ସେବକମାନେ ଚାରି ନାହାକାକୁ ଗରଗରା ଉପରକୁ ଉଠାଇଥିଲେ। ମହାରଣା ସେବକଙ୍କ ଉପସ୍ଥିତିରେ ଗରଗରା ବିନ୍ଧରେ ଚାରିନାହାକାକୁ ସ୍ଥାପନ କରାଯାଇଥିଲା। ଏହି ସମୟରେ ଭୋଇ ସେବକଙ୍କ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରଥଖଳା। ରଥର ଚାରିନାହାକା ଉପରେ ସମସ୍ତ ଭାର ରହିଥାଏ। ଏହି ଦୃଷ୍ଟିରୁ ରଥର ଚାରିନାହାକା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଅନ୍ୟାନ୍ୟ କାମ ମଧ୍ୟରେ ତିନିରଥର ଦୁଇଟି ଲେଖାଏଁ ପାର୍ଶ୍ୱ ଗୟଳ ମୋଡ଼ା ଶେଷ ହୋଇଛି। ଏହି ପାର୍ଶ୍ୱ ଗୟଳ ପଛ ପାର୍ଶ୍ୱ କୋଣ ଗୁଜରୁ ସମ୍ମୁଖ ଭାଗ କୋଣ ଗୁଜ ସହ ସଂଯୋଗ ହୋଇଛି। ଗୟଳକୁ ଟେକି ରଖିବା ପାଇଁ ମଝିରେ ୫ଟି ଟାଣ ବା ଖମ୍ବ ସଂଯୋଗ ହୋଇ ଗୟଳକୁ ଧନୁ ପରି ସେଟିଂ କରାଯାଇଛି। ରୂପକାର ସେବକମାନେ ତିନି ରଥର ନାଟଗୋଡ଼ରେ ରାହୁ ରୂପ ବା ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ପାଇଁ ଗୋଡ଼ି ଛାଲ କଣ୍ଟା ଏବଂ ଗୟଳ ପାଇଁ ତାଗ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାରେ ଦୋଷୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି

# ଅନଲାଇନ୍ ଟିକେଟ ବିତରଣ କମ୍ପାନୀରୁ ଠକେଇ; ୨ ଗିରଫ

ରାଉରକେଲା, ୭।୬(ସମିସ): ଅନ୍‌ଲାଇନ୍ ଟିକେଟ ବିତରଣ କମ୍ପାନୀରୁ ଠକେଇ କରିବା ଅଭିଯୋଗରେ ସାଇବର୍ ଥାନା ପୁଲିସ ସେକ୍ଟର-୧୯ ଅଞ୍ଚଳର ଗୌତମ କୁମାର ମାର୍ଣ୍ଡି(୨୩) ଓ ପୀତାମ୍ବର ହେମ୍ବ୍ରମ୍(୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ମୁତାବକ, ସିଭିଲ ଟାଉନ୍‌ସିପ୍‌ଠାରେ ଭେଞ୍ଚର ସାଥୀ ବିଜିନେସ୍ ସର୍ଭିସେସ୍ ନାମକ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ରହିଛି। ଏହା ଜର୍ମାନୀର ପ୍ରତିଷ୍ଠିତ କମ୍ପାନୀ ଫ୍ଲାକ୍ସକୁ ଟିକଟ୍ ସଂରକ୍ଷଣ ଓ ଅନ୍ୟାନ୍ୟ ସେବା ପ୍ରଦାନ କରିଥାଏ। କମ୍ପାନୀର ନିୟମାନୁଯାୟୀ, ଯଦି କୌଣସି ବ୍ୟକ୍ତି ଟିକେଟ୍ ବାତିଲ କରେ, ତାକୁ ଟଙ୍କା ବଦଳରେ ଭାଉଚର୍ ପ୍ରଦାନ କରାଯାଇଥାଏ। ଉକ୍ତ ଭାଉଚର୍ ମାଧ୍ୟମରେ ପରବର୍ତ୍ତୀ ସମୟରେ ଟିକଟ ସଂରକ୍ଷଣ କରାଯାଇଥାଏ। ମେ' ୨ ତାରିଖରେ ଭାଉଚର୍ ଜାଲିଆତି କରି ଦୁରୁପଯୋଗ କରାଯାଇଥିବା ଜଣାପଡ଼ିଥିଲା। ଏନେଇ କମ୍ପାନୀ ମାଲିକ ସନ୍ନୀ ସିଂଘଲ ମେ ୨୧ରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଗିରଫ ଅଭିଯୁକ୍ତଦ୍ୱୟ ୪୦ ପ୍ରତିଶତ ରିହାତିରେ ଭାଉଚର୍‌କୁ ସୋସିଆଲ ମିଡ଼ିଆ ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ମାଧ୍ୟମରେ ବିକ୍ରି କରିଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ପାଖାପାଖି ୧୦ଲକ୍ଷ ଟଙ୍କାର ଅର୍ଥ ହେରଫେର୍ କରିଥିବା ଜଣାପଡ଼ିଛି।

# ହାଇୱା ଧକ୍କାରେ ବି.ଟେକ୍ ଛାତ୍ରୀ ମୃତ

ରାଉରକେଲା, ୭।୬(ସମିସ): ସ୍ଥାନୀୟ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସସ୍ଥିତ ହନୁମାନ ମନ୍ଦିର ନିକଟରେ ହାଇୱା ଧକ୍କାରେ ଜଣେ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ରୀଜଣକ ହେଲେ, ବର୍ଷା ମୁଣ୍ଡାରୀ (୨୫)। ତେବେ ଅନ୍ୟ ଜଣେ ସାଙ୍ଗ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୁଲିସ୍ ଛାତ୍ରୀଙ୍କ ଶବ ଜବତ କରି ଆର୍‌ଜିଏଚ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ଚାଳକକୁ ଅଟକ ରଖି ପଚରାଉଚରା କରୁଛି। ସେପଟେ ମୃତ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଡ୍ରାଇଭରକୁ ଗିରଫ ଦାବିରେ ଉତ୍ତ୍ୟକ୍ତ ଲୋକ ଥାନା ଘେରାଉ କରିଥିଲେ। ଏହାକୁ ନେଇ ଥାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ■ ମାଓବାଦୀମାନେ ବିସ୍ଫୋରକ ଟ୍ରକ୍ ଲୁଟିବା ଘଟଣା

# ସରିଲା ରିମାଣ୍ଡ; ଜେଲ୍ ଗଲେ ଗୋଦାମ ମାଲିକ

ରାଉରକେଲା, ୭।୬(ସମିସ): ଦୁଇ ଦିନିଆ ରିମାଣ୍ଡ ଶେଷ ପରେ ପୁଣି ଜେଲ ହାଜତକୁ ଯାଇଛନ୍ତି ବିସ୍ଫୋରକ ଗୋଦାମ ମାଲିକ ଶ୍ରବଣ କୁମାର ଅଗ୍ରୱାଲ। ଶ୍ରବଣ ଓ ତାଙ୍କ ପତ୍ନୀ ନିକିତାଙ୍କୁ ରଘୁନାଥପାଲି ଥାନାରେ ଗତକାଲି ସନ୍ଧ୍ୟାରେ ମୁହାଁମୁହିଁ ଜେରା କରି ପୁଲିସ ଅନେକ ତଥ୍ୟ ହାସଲ କରିଛି। ରଘୁନାଥପାଲି ଥାନା ପୁଲିସଙ୍କ ସହ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ଏସଆଟି ଟିମ ଓ ଜିଏସଟି ଟିମ ଘନଘନ ଜେରା କରି ଅନେକ ତଥ୍ୟ ହାସଲ କରିଛନ୍ତି। ଦୁଇଦିନିଆ ରିମାଣ୍ଡ ଶେଷ ହେବା ପରେ ଶନିବାର ରାଉରକେଲା ଜେଲ ହାଜତକୁ ଯାଇଛନ୍ତି ଶ୍ରବଣ। ଏହାସହ ଜିଏସ୍‌ଟି ଡେପୁଟି କମିଶନଙ୍କ ନେତୃତ୍ୱରେ ଏକ ଟିମ୍ ମଧ୍ୟ ପଚରାଉଚରା କରିଛନ୍ତି। ଶ୍ରବଣ ଓ ତାଙ୍କ ପତ୍ନୀ ନିକିତାଙ୍କ ନାମରେ ୪ଟି ଲାଇସେନ୍ସ ରହିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ନିକିତା ବିସ୍ଫୋରକ ସାମଗ୍ରୀ କିଣିବା ମହଜୁଦ ରଖିବା ଓ ବିକ୍ରି କରିବା କାର୍ଯ୍ୟ କରୁଥିବାବେଳେ ଶ୍ରବଣ ଖଣିରେ ବ୍ଲାଷ୍ଟିଂ କରିବା କାର୍ଯ୍ୟ କରୁଥିଲେ। ଏଥିସହ ଏହାର ଲାଇସେନ୍ସ ଥିବା ପଚରାଉଚରା ସମୟରେ ଜଣାପଡ଼ିଛି।

# ନୂଆଦିଲ୍ଲୀ ବଜାରରେ ରାୟଗଡ଼ା ଆମ୍ବର ଚାହିଦା

## ରପ୍ତାନୀ ହେଲା ୧୫୪୫ କେଜି ଆମ୍ରପାଲି ଓ ମଲିକା

ରାୟଗଡ଼ା, ୭।୬(ସମିସ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆମ୍ବ ଉତ୍ପାଦନ ହେଉଥିଲେ ହେଁ ରାୟଗଡ଼ା ଜିଲ୍ଲା ମାଟିର ସୁଆଦିଆ ଆମ୍ବର ଦେଶବିଦେଶରେ ଏକ ସ୍ୱତନ୍ତ୍ର ଚାହିଦା ରହିଛି। ପୂର୍ବରୁ ଇଟାଲି, ପୋଲାଣ୍ଡକୁ ଏହି ଆମ୍ବ ରପ୍ତାନୀ ହୋଇଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ରାଜଧାନୀ ନୂଆଦିଲ୍ଲୀକୁ ୧.୫ମେଟ୍ରିକ ଟନ୍ ଆମ୍ବ ପଠାଯାଇଛି। ଓରମାସ୍ ଓ ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଦ୍ୱିତୀୟ ପର୍ଯ୍ୟାୟରେ ଆଜି ବିଶାଖାପାଟଣମ-ନିଜାମୁଦ୍ଦିନ୍ ଏକ୍ସପ୍ରେସ୍ ଯୋଗେ ଆମ୍ରପାଲି ଓ ମଲିକା କିସମର ସ୍ୱାଦିଷ୍ଟ ଆମ୍ବ ପଠାଯାଇଥିବା ଜଣାଯାଇଛି। ଆମ୍ବଗୁଡ଼ିକ ନୂଆଦିଲ୍ଲୀସ୍ଥିତ ମଦର ଡାଏରୀକୁ ପଠାଯାଇଛି। ସେଠାରେ ଏହି ସଂସ୍ଥା ଆମ୍ବଗୁଡ଼ିକର ପ୍ରକ୍ରିୟାକରଣ କରିବା ପରେ ତାକୁ ନୂଆଦିଲ୍ଲୀ ବଜାରରେ ବିକ୍ରି କରିବ ବୋଲି ଜଣାଯାଇଛି। ଏହାର ୨ ପ୍ରତିଶତ ଲାଭାଂଶ ଏଫ୍‌ପିଓଙ୍କୁ ଏବଂ ବଳକା ଚାଷୀଙ୍କ ଜମା ଖାତାକୁ ସିଧାସଳଖ ପଠାଯିବ ବୋଲି ଓରମାସ ରାୟଗଡ଼ା କାର୍ଯ୍ୟାଳୟର ବରିଷ୍ଠ ନିର୍ବାହୀ ଆକାଉଣ୍ଟସ୍ ଅଧିକାରୀ ଲକ୍ଷ୍ମଣ ରାଓ ସୂଚନା ଦେଇଛନ୍ତି। ତେବେ ଆଗକୁ ଆଉ ଦୁଇ ତିନି ପର୍ଯ୍ୟାୟରେ ୩ମେଟ୍ରିକ୍ ଟନ୍ ଆମ୍ବ ପଠାଇବା ପାଇଁ ଯୋଜନା ରହିଛି ବୋଲି ଓରମାସର ରାୟଗଡ଼ା ଉପ-ନିର୍ଦ୍ଦେଶକ ମନୋଜ କୁମାର ପାତ୍ର କହିଛନ୍ତି। ଜିଲ୍ଲାର କାଶୀପୁର, ବିଷମକଟକ, ଗୁଣପୁର, ରାୟଗଡ଼ା, ମୁନିଗୁଡ଼ା ବ୍ଲକ୍‌ରେ ଆମ୍ବ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଆମ୍ବ ପାଚିବା ପ୍ରକ୍ରିୟା ଅନୁସରଣ କରିବାକୁ ପ୍ରୋତ୍ସାହିତ କରାଯାଉଛି।

# ଟ୍ରକ୍ ଧକ୍କାରେ ୨ ବଳଦ ସହ ଚାଷୀ ମୃତ

ଦେବଗଡ଼, ୭।୬(ସମିସ): ଦେବଗଡ଼ ଥାନା ଅନ୍ତର୍ଗତ କଳାମାଟି ଗ୍ରାମ ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଟ୍ରକ୍ ଧକ୍କାରେ ଦୁଇ ବଳଦ ସମେତ ଜଣେ ଭାଗଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀଜଣଙ୍କ ହେଲେ, ପୁଡାପଡା ଗ୍ରାମର ସାମ୍ବାରୁ ମୁଣ୍ଡା (୫୫)। ସାମ୍ବାରୁ ପୁଡ଼ାପଡ଼ାସ୍ଥିତ ନିଜ ଘରୁ ଦୁଇ ବଳଦଙ୍କୁ ନେଇ କଳାମାଟି ଗ୍ରାମକୁ ଚାଷ ପାଇଁ ଜାତୀୟ ରାଜପଥରେ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁଇ ବଳଦ ଓ ସାମ୍ବାରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ଦେବଗଡ଼ ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବରଗଡ଼,୭।୬(ସମିସ): ବରଗଡ଼ ସହର ଦିନକୁ ଦିନ ଅଶାନ୍ତ ହୋଇପଡୁଛି। ପୁଲିସକୁ ଚ୍ୟାଲେଞ୍ଜ କଲା ପରି ଆସାମୀମାନେ ଗୋଟିଏ ପରେ ଗୋଟିଏ କାଣ୍ଡ ଭିଆଇ ଚାଲିଛନ୍ତି। ଦିନକ ପୂର୍ବରୁ ୩ ଲକ୍ଷ ୫୦ ହଜାର ଟଙ୍କା ସ୍କୁଟି ଡିକିରୁ ଗାଏବ ହୋଇଥିବାବେଳେ ଆଜି ବରଗଡ଼ ସହର ଉପଖଣ୍ଡ ପଞ୍ଚାୟତ କଲେଜ ପାଖ ବିଲ ମଧ୍ୟରୁ ଜଣେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତ ଦେହ ଦେଖିବାକୁ ମିଳିଛି। କେହି ଦୁର୍ବୃତ୍ତ ହତ୍ୟା କରିବା ପରେ ମୃତଦେହକୁ ମାଟିରେ ପୋତିବାକୁ ଚେଷ୍ଟା କରି ଅଧା ପୋତି ଛାଡ଼ିଦେଇ ଚାଲିଯାଇଛି। ମୃତକ ସ୍ଥାନୀୟ ଅଞ୍ଚଳର ୪୫ ବର୍ଷୀୟ ଯୁବକ ଦେବରାଜ ପାଣିଗ୍ରାହୀ ବୋଲି ଜଣାପଡ଼ିଛି। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲା ସେ ନେଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତ ବ୍ୟକ୍ତି ଜଣକ ବରଗଡ଼ରେ ଏକୁଟିଆ ରହୁଥିଲେ। ସେ ମୋବାଇଲ ଫୋନ୍ ବ୍ୟବହାର କରୁ ନ ଥିଲେ।

## ଟାର୍ଗେଟ୍ ମିଳୁନି, ଆସୁନାହାନ୍ତି ମିଲର୍

# ମଣ୍ଡିରେ ଧାନ ଜଗିଛି ଚାଷୀ

ସମ୍ବଲପୁର, ୭।୬ (ସମିସ): ସମ୍ବଲପୁର ଜିଲ୍ଲାର ଧାନ ମଣ୍ଡି ଗୁଡ଼ିକରେ ଅବ୍ୟବସ୍ଥା ସାମ୍ନାକୁ ଆସିଛି। ଧାନ ବିକ୍ରି କରିନପାରି ଚାଷୀ ହତାଶ। ମଣ୍ଡିରେ ପଡ଼ି ରହିଛି ଶହଶହ ବସ୍ତା ଧାନ। ମିଲର୍ସଙ୍କୁ ଟାର୍ଗେଟ ନଥିବାରୁ ଟୋକନ ଥାଇ ବି ଚାଷୀ ଧାନ ବିକ୍ରି କରିପାରୁ ନଥିବା ବେଳେ ଅଦିନିଆ ବର୍ଷାରେ ଓଦା ଧାନ କିପରି ବିକ୍ରି କରିବ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ସରକାର ଗଠନ କଲେ ଚାଷୀଙ୍କ ସହିତ ରହିବୁ ଓ ସବୁ ସମସ୍ୟାର ସମାଧାନ ହେବ ବୋଲି କହି ଏବେ ବିଜେପି ଚାଷୀଙ୍କ କଥା ଭୁଲି ଯାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲାର ବିଭିନ୍ନ ମଣ୍ଡିରେ ଦିନରାତି ଧାନ ଜଗୁଛି ଚାଷୀ। ଆସନ୍ତାକାଲି ସୁଦ୍ଧା ଧାନ ସଂଗ୍ରହ ନହେଲେ ଚାଷୀମାନେ ରାସ୍ତାରୋକ୍ ଚେତାବନୀ ଦେଇଛନ୍ତି।



କିଛି ଦିନ ତଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଘୁଚାପ ପ୍ରଭାବରେ ବର୍ଷା ହେବାରୁ କେତେକ ସ୍ଥାନରେ ଫସଲ ନଷ୍ଟ ହୋଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଚାଷୀ ଧାନ ଅମଳ କରି କ୍ଷେତରୁ ମଣ୍ଡିକୁ ଆଣିଲା। ବର୍ଷା ତା'ର ପରିଶ୍ରମର ଫଳକୁ ନଷ୍ଟ କରି ନଦେଉ ବୋଲି ଶୀଘ୍ର ଶୁଖିଲା ଧାନ ବସ୍ତାରେ ଭରି ମଣ୍ଡିକୁ ନେଇଆସିଲା। କିନ୍ତୁ ଟୋକନ ଥିବା ସତ୍ତ୍ୱେ ଟାର୍ଗେଟ୍ ନଥିବାରୁ ମଣ୍ଡି ଗୁଡ଼ିକରେ ଚାଷୀ ଧାନ ରଖି ଜଗି ରହିଛି। ଏବେ ଧାନ ବିକ୍ରୟକୁ ନେଇ ଚିନ୍ତାରେ ଚାଷୀ।

ଗତ ମେ' ୧୪ ତାରିଖରୁ ସମ୍ବଲପୁର ଜିଲ୍ଲାରେ ରବି ଧାନକ୍ରୟ ଆରମ୍ଭ ହୋଇଛି। ଜିଲ୍ଲାରେ ରବି ଧାନକ୍ରୟ ପାଇଁ ପ୍ରାରମ୍ଭିକ ଭାବେ ୮ ଲକ୍ଷ ୭୩ ହଜାର ୧୭୦ କ୍ୱିଣ୍ଟାଲ ଟାର୍ଗେଟ୍ ଦିଆଯାଇଥିବା ବେଳେ ପରେ ୨ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ଧାନକିଣା ପାଇଁ ଟାର୍ଗେଟ୍ ଆସିଥିଲା। କିନ୍ତୁ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ଅନୁଯାୟୀ ଏହା ପର୍ଯ୍ୟାପ୍ତ ନୁହେଁ। ଚାଷୀମାନେ ମଣ୍ଡିକୁ ଦୈନିକ ପ୍ରାୟ ୭ରୁ ୧୦ହଜାର ପ୍ୟାକେଟ୍ ଧାନ ନେଉଥିବା ବେଳେ ଟାର୍ଗେଟ୍ ନଥିବାରୁ ମଣ୍ଡିମାନଙ୍କରେ ଅପେକ୍ଷା କରି ରହୁଛନ୍ତି କିମ୍ବା ଫେରାଇ ନେଉଛନ୍ତି। ଆଉ ପ୍ରାୟ ସପ୍ତାହକ ପରେ ରବି ଧାନକିଣା ଅବଧି ଶେଷ ହୋଇଯିବ। ଏବେଠାରୁ ଦଲାଲମାନେ ସକ୍ରିୟ ହୋଇ କମ୍ ଦରରେ ଧାନ କିଣିବାକୁ ମସୁଧା କଲେଣି। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ପରିଶ୍ରମ ଅନୁଯାୟୀ କୌଣସି ଲାଭ ପାଇବ ନାହିଁ। ଏନେଇ ଜିଲ୍ଲା ପ୍ରଶାସନ ସରକାରଙ୍କୁ ଜଣାଇ ଶୀଘ୍ର ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଛି ଛି ଛିରେ ନନୀ.. ଗାୟକଙ୍କ ପତ୍ନୀବିୟୋଗ

ଜୟପୁର, ୭।୬(ସମିସ): କୋରାପୁଟିଆ ଆଦିବାସୀ ଗୀତର ଗାୟକ ତଥା ଚର୍ଚ୍ଚିତ ଛି ଛି ଛିରେ ନନୀ ଛି ..ଗୀତର ଗାୟକ ତଥା ବିଶିଷ୍ଟ ଆଇନଜୀବୀ ସ୍ୱର୍ଗତ ସତ୍ୟନାରାୟଣ ଅଧିକାରୀଙ୍କ ଧର୍ମପତ୍ନୀ ପଦ୍ମିନୀ ଅଧିକାରୀ(୭୩)ଙ୍କର ଗତକାଲି ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଜି ପୂର୍ବାହ୍ନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସ୍ଥାନୀୟ ଚମ୍ପାକୁପୁଲି ଶ୍ମଶାନରେ କରାଯାଇଥିଲା। ଗତକାଲି ସଂଧ୍ୟାରେ ତାଙ୍କୁ ହୃଦ୍‌ଘାତ ହେବା ପରେ ତୁରନ୍ତ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱର୍ଗତା ପଦ୍ମିନୀ ଆଇନଜୀବୀ ତଥା ଆଦିବାସୀ ସଂଗୀତ ଗାୟକ ସତ୍ୟ ଅଧିକାରୀଙ୍କୁ ବିବାହ ପରେ ଜୟପୁର ପାରାବେଡ଼ା ନିଜସ୍ୱ ବାସଭବନରେ ରହୁଥିଲେ।



ସକାଳ THE SAKALA



## ଦାଦନ ଯନ୍ତ୍ରଣା

# ଓମାନରେ ପଡ଼ିଛି ସ୍ୱାମୀଙ୍କ ଶବ



**ଫେରାଇ ଆଣିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ପତ୍ନୀ**

ବାଲେଶ୍ୱର, ୭।୬ (ସମିସ): ସାତ ଦରିଆପାରିରେ ପଡ଼ିଛି ସ୍ୱାମୀଙ୍କ ଶବ। ଏପଟେ, ଶେଷଥର ପାଇଁ ସ୍ୱାମୀର ମୁହଁ ଦେଖିବାକୁ ଏବଂ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଇବା ପାଇଁ ସରକାରୀ ଅଫିସ୍ ଘୂରି ବୁଲୁଛନ୍ତି ପତ୍ନୀ। ବାଲେଶ୍ୱର ଜିଲ୍ଲାପାଳ ଅଫିସ୍‌ରେ ଆଜି ଏପରି ଏକ ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ଅନନ୍ତପାଣି ଗ୍ରାମର ନିତ୍ୟାନନ୍ଦ ମହାଳିକ (୪୬)। ପରିବାର ଚଳାଇବା ପାଇଁ ଗତ ୧୧ ବର୍ଷ ଧରି ସେ ଓମାନର ଏକ ହୋଟେଲରେ ଦାଦନ ଶ୍ରମିକ ଭାବେ କାମ କରିଆସୁଥିଲେ। ତେବେ ଗତକାଲି ସେଠାରେ ତାଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ଘଟିଛି। ତେଣୁ, ସ୍ୱାମୀଙ୍କ ଶବକୁ ଭିଟାମାଟିକୁ ଫେରାଇ ଆଣିବା ପାଇଁ ପତ୍ନୀ ଅନୁପମା ଆଜି ଜିଲ୍ଲାପାଳଙ୍କୁ କାନ୍ଦି କାନ୍ଦି ଗୁହାରି କରିଛନ୍ତି।

ଅନୁପମାଙ୍କ କହିବା ଅନୁସାରେ, ତାଙ୍କ ପରିବାର ଅତ୍ୟନ୍ତ ଗରିବ। ପରିବାର କହିଲେ, ଦୁଇପୁଅ, ଝିଅ ଏବଂ ବୃଦ୍ଧ ବାପା-ମାଆ। ପରିବାର ପ୍ରତିପୋଷଣ ପାଇଁ ନିତ୍ୟାନନ୍ଦ ବିଦେଶକୁ ଗୋଡ଼ ବଢ଼ାଇଥିଲେ। ଭଲ ଦି' ପଇସା ରୋଜଗାର ଆଶାରେ ସେ ସାଉଦି ଆରବ, ଦୁବାଇ ଭଳି ସ୍ଥାନରେ ୨ବର୍ଷ ଲେଖାଏଁ କାର୍ଯ୍ୟ କରିବା ପରେ ଗତ ୧୧ବର୍ଷ ଧରି ଓମାନର ଏକ ହୋଟେଲରେ କାମ କରି ଆସୁଥିଲେ। ଗତକାଲି (ଶୁକ୍ରବାର) ସକାଳ ଓ ଅପରାହ୍ଣରେ ସେ ଅନୁପମାଙ୍କ ସହ କଥା ହେବା ବେଳେ ତାଙ୍କ ପେଟ ବଥା ହେଉଥିବା କହିଥିଲେ। ତେବେ ରାତି ପ୍ରାୟ ୯ଟାରେ ହଠାତ୍ ଉକ୍ତ ହୋଟେଲର ମ୍ୟାନେଜର୍ ତାଙ୍କୁ ଫୋନ୍ କରି ନିତ୍ୟାନନ୍ଦଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା କହିଥିଲେ। ଆଜି ସକାଳେ ସେ ପୁଣିଥରେ ଫୋନ୍ କରିବାରୁ ତାଙ୍କ ସ୍ୱାମୀଙ୍କ ମୃତଦେହ ପଲିଥିନରେ ଘୋଡ଼ାଇ ହୋଇଥିବା ଦେଖିବାକୁ ପାଇଥିଲେ। ଏପରିକି, ହୋଟେଲ ମ୍ୟାନେଜର୍ ତାଙ୍କୁ ଅଧିକ କିଛି ନ ପଚାରିବା ପାଇଁ ଧମକ ଦେଇ ଫୋନ୍ ରଖି ଦେଇଥିଲା। ନିତ୍ୟାନନ୍ଦଙ୍କ ଏପରି ହଠାତ୍ ମୃତ୍ୟୁକୁ ଅନୁପମା ସହଜରେ ବିଶ୍ୱାସ କରିପାରୁନାହାନ୍ତି। ତାଙ୍କୁ ସେଠାରେ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଓମାନରୁ ନିତ୍ୟାନନ୍ଦଙ୍କ ମୃତଦେହ ଆଣିବା ଅନୁପମାଙ୍କ ପରିବାର ପକ୍ଷେ କଷ୍ଟକର ହୋଇପଡ଼ିଛି। ତେଣୁ, ମୃତଶରୀର ଆଣିବା ପାଇଁ ଆଜି ଅନୁପମା ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି।

ଜିଲ୍ଲାପାଳ ଏନେଇ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ୪ଜଣିଆ ଟିମ ଗଠନ କରି ଓମାନ ସହ ଯୋଗଯୋଗ କରିଥିବା ଜଣାଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଏ ସଂପର୍କରେ ତୁରନ୍ତ ଶ୍ରମ କମିଶନ କାର୍ଯ୍ୟାଳୟକୁ ଜଣାଯିବା ସହ ବୈଦେଶିକ ମନ୍ତ୍ରାଳୟକୁ ମଧ୍ୟ ଯୋଗାଯୋଗ କରାଯାଇଛି। ଉପଜିଲ୍ଲାପାଳ, ଜିଲ୍ଲା ଶ୍ରମଅଧିକାରୀ, ଦାୟିତ୍ୱରେ ଥିବା ରେମୁଣା ବିଡିଓ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ନେଇ ଟିମ୍ ଗଠନ କରାଯାଇ ଉକ୍ତ ହୋଟେଲ ସହ ଯୋଗାଯୋଗ ଆରମ୍ଭ କରାଯାଇଛି। ଯେହେତୁ ଓମାନରେ ଏହି ଘଟଣା ଘଟିଛି, ଓଡ଼ିଶା ସରକାରଙ୍କ ପକ୍ଷରୁ ଯୋଗାଯୋଗ କରାଯାଉଛି। ଖୁବ୍‌ଶୀଘ୍ର ତାଙ୍କ ମୃତଦେହ ଫେରାଇ ଆଣିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

## ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଉଦ୍‌ଘାଟିତ

# କନ୍ଧମାଳବାସୀଙ୍କ ସ୍ୱପ୍ନ ପୂରଣ ହୋଇଛି: ମୁଖ୍ୟମନ୍ତ୍ରୀ



୭୫୦ କୋଟିର ୧୦ଟି ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

ଫୁଲବାଣୀ, ୭।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କନ୍ଧମାଳ ଜିଲ୍ଲା ଗସ୍ତ କରି ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସରକାରୀ ମେଡିକାଲ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲର ଉଦ୍‌ଘାଟନ କରିବା ସହ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ କନ୍ଧମାଳବାସୀଙ୍କ ବହୁ ଦିନର ଆଶା ପୂରଣ ହୋଇଛି। ଉନ୍ନତ ସ୍ୱାସ୍ଥ୍ୟସେବା ପାଇବା ପାଇଁ ସେମାନଙ୍କର ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇଛି। କନ୍ଧମାଳର ଏହି ମେଡିକାଲ୍ କଲେଜ୍ କେବଳ ଚିକିତ୍ସା ଶିକ୍ଷା ପ୍ରଦାନ କରିବ ନୁହେଁ, ବରଂ ଏହା ଏଠାରେ ଏକ ସୁନିଶ୍ଚିତ ଓ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ହେବ। ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ, ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପରେ ମୁଖ୍ୟମନ୍ତ୍ରୀ ଫୁଲବାଣୀରେ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୬୫୫ କୋଟି ଟଙ୍କାରୁ ଅଧିକ ୫ ଟି ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ପ୍ରାୟ ୯୪କୋଟିରୁ ଉର୍ଦ୍ଧ୍ୱ ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ମଞ୍ଚାସୀନ ଥିଲେ।

## ମଦଭାଟି ପୋଡ଼ି ମାମଲା

# ବ୍ରହ୍ମପୁର କୋର୍ଟରେ ହାଜର ହେଲେ ତାରା

ବ୍ରହ୍ମପୁର,୭।୬(ସମିସ): ୨୦୧୬ ମସିହାର ଏକ ଦେଶୀ ମଦଭାଟି ପୋଡ଼ି ଓ ଟଙ୍କା ଲୁଟ ମାମଲାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶନିବାର ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ହାଜର ହୋଇଛନ୍ତି। ଉକ୍ତ ମାମଲାରେ ତାଙ୍କୁ ଜଡ଼ିତ କରାଯାଇଥିବା ଜଜ୍ ତାଙ୍କୁ ସୂଚନା ଦେଇଥିଲେ। ଏହି ମାମଲାର ଶୁଣାଣି ଜୁଲାଇ ୧ରୁ ଆରମ୍ଭ ହେବ। ପୂର୍ବରୁ ଗତ ୨୦୨୪ ଏପ୍ରିଲ ୧୮ରେ ଏହି କୋର୍ଟରେ ସେ ଆତ୍ମସମର୍ପଣ କରିଥିଲେ। ବିଧାୟକ ବାହିନୀପତିଙ୍କୁ ୫୦ହଜାର ଟଙ୍କାର ୨ଟି ମୁଚାଲିକା ଓ ୧୦ହଜାର ଟଙ୍କା ପଇଠରେ ସର୍ତ୍ତମୂଳକ ଜାମିନ ମଞ୍ଜୁର ହୋଇଥିଲା। ସୂଚନାଯୋଗ୍ୟ ଯେ, ୨୦୧୬ ମାର୍ଚ୍ଚ ୧୦ରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ପୁରୁଣା ବୋରିଗୁମ୍ମା ମଣ୍ଡିପଡିଆଠାରେ ଶ୍ରୀବାହିନୀପତିଙ୍କ ନେତୃତ୍ୱରେ ଅଞ୍ଚଳବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକ ପରେ ଅଞ୍ଚଳରେ ଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଦେଶୀ ମଦଭାଟି ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଶତାଧିକ ଲୋକ ସେଠାରେ ଥିବା ଦେଶୀ ମଦଭାଟିରେ ପହଞ୍ଚି ବିପୁଳ ପରିମାଣରେ ଦେଶୀ ମଦ ଓ ମହୁଲି ନଷ୍ଟ କରିବା ସହ ଭାଟିରେ ନିଆଁ ଲଗାଇ ୭୫ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଭାଟିର କର୍ମଚାରୀ ଅନୀଲ କୁମାର ଗୁପ୍ତା ବୋରିଗୁମ୍ମା ଥାନାରେ ଅଭିଯାଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶ୍ରୀବାହିନୀପତିଙ୍କ ସହ ମୋଟ ୨୪ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା। ଏହି ମାମଲାର ଶୁଣାଣି ପୂର୍ବରୁ ସ୍ଥାନୀୟ କୋର୍ଟରେ ଚାଲୁଥିଲା। ହେଲେ ଜନପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପନ ହେବା ପରେ ମାମଲାଟି ବ୍ରହ୍ମପୁର ସ୍ଥିତ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ମାମଲାର ବିଚାର ଚାଲୁଥିବା ବେଳେ କୋର୍ଟରେ ହାଜର ହେବାକୁ ଶ୍ରୀବାହିନୀପତି ଓ ଅନ୍ୟ ଅଭିଯୁକ୍ତଙ୍କୁ ସମନ୍ ଜାରି ହୋଇଥିଲା। ହେଲେ ବାରମ୍ବାର ସମନ ସତ୍ତ୍ୱେ ହାଜର ନ ହେବାରୁ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ତେବେ ୱାରେଣ୍ଟି ବଳରେ ଗିରଫ ହେବା ପୂର୍ବରୁ କୌଣସି ସୂତ୍ରରୁ ଖବରପାଇ ଶ୍ରୀବାହିନୀପତି ଶନିବାର ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର କୋର୍ଟରେ ଆତ୍ମସମର୍ପଣ କରିଥିଲେ।

# ବିନିସପୁରରେ ଅଜଣା ଜ୍ୱର ଆତଙ୍କ

**୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ, ଗାଁରେ ପହଞ୍ଚିଲା ମେଡିକାଲ ଟିମ୍**

ରାୟଗଡ଼ା/କୋଲନରା, ୭।୬ (ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ଗାଡ଼ିଶେଷଖାଲ ପଞ୍ଚାୟତ ଅନ୍ତର୍ଗତ ବିନିସପୁର ଗ୍ରାମରେ ଗତ ୩ ସପ୍ତାହ ଧରି ଜ୍ୱର ସହ ହାତ, ଗୋଡ଼, ମୁଣ୍ଡ ଓ ପେଟବ୍ୟଥା ଭଳି ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ୫୦ରୁ ଅଧିକ ଗ୍ରାମବାସୀ ଆକ୍ରାନ୍ତ ହୋଇସାରିଲେଣି। ତେବେ କେଉଁ କାରଣରୁ ଏହି ଜ୍ୱର ବ୍ୟାପୁଛି, ତାହାର ତଦନ୍ତ ପାଇଁ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ମେଡିକଲ ଟିମ୍ ଗାଁରେ ପହଞ୍ଚିଛନ୍ତି। ଗତକାଲି ରାତିଠାରୁ ସ୍ଥିତି ଅନୁଧ୍ୟାନ କରିବା ସହ ରୋଗୀଙ୍କ ରକ୍ତନମୁନା ସଂଗ୍ରହ କରିଛନ୍ତି। ଗତକାଲି ପ୍ରାୟ ୩୫ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ଗ୍ରାମର ସନାଇ ପେଦେଂଟି, ବିଶ୍ୱନାଥ ମୁଶୁକା ଓ ବର୍ଷା ମୁଶୁକାଙ୍କ ରକ୍ତ ନମୂନାରେ ମ୍ୟାଲେରିଆ ପଜିଟିଭ୍ ବାହାରିବାରୁ ସେମାନଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗ୍ରାମରେ ୭୦ ଘର ଆଦିବାସୀ ପରିବାର ବସବାସ କରୁଥିବା ବେଳେ ଏଭଳି ରୋଗରେ ସବୁ ବୟସର ଲୋକେ ଆକ୍ରାନ୍ତ ହୋଇଥିବା ଗ୍ରାମର ବିରୁଦେବ ମୁଶୁକା କହିଛନ୍ତି। ଗତକାଲି କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜ୍ୟୋତ୍ସ୍ନାମୟୀ ରାଉତଙ୍କ ନେତୃତ୍ୱରେ ୪ଜଣିଆ ଡାକ୍ତରୀ ଦଳ ଖବର ପାଇ ଗାଁରେ ରାତି ୯ଟାରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିଲେ। ତେବେ ରକ୍ତ ନମୁନା ସହ ଗ୍ରାମବାସୀ ବ୍ୟବହୃତ କରୁଥିବା ପାଣିର ନମୁନା ମଧ୍ୟ ପରୀକ୍ଷା ପାଇଁ ପଠାଯାଇଥିବାରୁ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ଡାକ୍ତରୀ ଦଳ କହିଛନ୍ତି।

# ଯୌତୁକ ଜୁଇରେ ନବବିବାହିତା

**ଅଭିଯୁକ୍ତ ସ୍ୱାମୀ ଥାନାରେ ଅଟକ**



କୋକସରା, ୭।୬ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅଧୀନ ଲଡୁଗାଁ ପଞ୍ଚାୟତର ଆଁଇଲି ଗ୍ରାମରେ ଯୌତୁକ ଲାଗି ଜଣେ ନବବିବାହିତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ମାଳତୀ ଛତ୍ରିଆ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ ତଦନ୍ତ କରିଛି। କୋକସରା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାରେ ପୁଲିସ୍ ମାଳତୀଙ୍କ ସ୍ୱାମୀ ଲିଙ୍ଗରାଜ ବାଗଙ୍କୁ ଥାନାରେ ଅଟକ ରଖିଛି।

ମାଳତୀଙ୍କ ବାପା ଗଗନ ଛତ୍ରିଆଙ୍କ ଅଭିଯୋଗ ହେଲା, ମାତ୍ର ୩ ମାସ ତଳେ ସେ ଝିଅକୁ ଲିଙ୍ଗରାଜଙ୍କ ସହ ବାହା ଦେଇଥିଲେ। ମାସେ ପର୍ଯ୍ୟନ୍ତ ଠିକ୍‌ଠାକ୍ ଚାଲିବା ପରେ ଶାଶୂଘର ଲୋକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ବାପଘରୁ ଅଧିକ ଯୌତୁକ ଆଣିବା ପାଇଁ ତାଙ୍କୁ ବିଭିନ୍ନ ସମୟରେ ଶାଶୂଘର ଲୋକ ମାରଧର କରୁଥିଲେ। ତେବେ ଗତକାଲି ସମୋନେ ଝିଅକୁ ମାଡ଼ ମାରି ହତ୍ୟା କରିଥିବା ବେଳେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଅପଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ




ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୯୯
- ପାଉଣ୍ଡ ୧୧୬.୬୪
- ୟୁରୋ ୯୮.୬୮
- ୟେନ୍ ୦.୫୯

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୨୯୦ (ନୂଆଦିଲ୍ଲୀ)
- ରୁପା : ୧,୦୭,୧୦୦ (କେଜି)

### ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୮.୦୦
- ନିଫ୍ଟି ୨୫,୦୦୩.୦୦

### ପେଟ୍ରୋଲ-ଡିଜେଲ୍




ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ● ଆମେରିକାର 'ୱାନ୍ ବିଗ୍ ବ୍ୟୁଟିଫୁଲ ବିଲ୍'

# ସବୁଠୁ ଅଧିକ ପ୍ରଭାବିତ ଦେଶ ମଧ୍ୟରେ ଭାରତ

ନୂଆଦିଲ୍ଲୀ,୭।୬(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ୱାନ ବିଗ ବ୍ୟୁଟିଫୁଲ ବିଲ୍' ନିକଟରେ ଆମେରିକା ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍ସରେ ୨୧୫-୨୧୪ ଭୋଟର ମାମୁଲି ଅନ୍ତରରେ ଗୃହୀତ ହୋଇଯାଇଛି। ଏହି ବିଧେୟକରେ ଏକ ଏପରି ପ୍ରାବଧାନ ରହିଛି ଯାହା ବୈଶ୍ୱିକ ରେମିଟାନ୍ସ (ବିଦେଶକୁ ପଠାଯାଉଥିବା ପଇସା) ସ୍ରୋତକୁ ବଦଳାଇଦେବ। ଏହାର ସବୁଠୁ ଅଧିକ ପ୍ରଭାବ ପଡୁଥିବା ଦେଶଙ୍କ ମଧ୍ୟରେ ଭାରତ ମଧ୍ୟ ରହିଛି। ତେବେ ସିନେଟ୍‌ରେ ଏହି ବିଲକୁ ତୀବ୍ର ବିରୋଧ କରାଯାଉଛି। ଏହି ବିଲକୁ ବିଶ୍ୱର ଶୀର୍ଷ ଧନୀକ ଏଲନ ମସ୍କ ମଧ୍ୟ ବିରୋଧ କରୁଛନ୍ତି। ଏଥିରେ ଟ୍ରମ୍ପ-ମସ୍କ ସମ୍ପର୍କ ଅଭୂତ ଭାବେ ବଦଳିଯାଇଛି। ତେବେ ଆମେରିକାର ଏହି ବିଧେୟକ ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି, କାରଣ ଭାରତକୁ ପ୍ରତି ବର୍ଷ ହଜାର ହଜାର କୋଟି ଡଲାର ରେମିଟାନ୍ସ ରୂପେ ମିଳିଥାଏ। ବିଲ୍‌ରେ ବିଦେଶରେ କାମ କରୁଥିବା ପ୍ରଫେସନାଲ, ଗ୍ରୀନକାର୍ଡ ଧାରୀ ଓ ଏଚ-୧ ଭିସାଧାରୀ ଯେଉଁମାନେ ଆମେରିକାରୁ ବିଦେଶକୁ ପଇସା ପଠାଉଛନ୍ତି ସେମାନଙ୍କ ପଇସା ଉପରେ ୩.୫% ଟ୍ୟାକ୍ସ ଲଗାଇବାକୁ ପ୍ରସ୍ତାବ ରହିଛି। ପୂର୍ବରୁ ଏହି ଟ୍ୟାକ୍ସ ୫% ଥିଲା। ତେବେ ଚାପ ପଡିବା ପରେ ଏହାକୁ ହ୍ରାସ କରାଯାଇଥିଲା।

# ମହଙ୍ଗା ହେବ ଗାଡ଼ିର ତୃତୀୟ ପକ୍ଷ ବୀମା



- ପ୍ରିମିୟମ୍ ୨୫% ବଢ଼ିପାରେ
- ଆଇଆର୍‌ଡିଏଆଇ ଦେଇଛି ପ୍ରସ୍ତାବ

ନୂଆଦିଲ୍ଲୀ, ୭।୬ (ଏଜେନ୍ସି) :ଆଗକୁ ଗାଡ଼ିର ଥାର୍ଡ ପାର୍ଟି ଇନ୍‌ସ୍ୟୁରାନ୍ସ ବା ତୃତୀୟ ପକ୍ଷ ବୀମା କରିବା ମହଙ୍ଗା ହୋଇପାରେ। ଏଥିରେ ବୀମା ପ୍ରିମିୟମ୍ ପାଖାପାଖି ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ସରକାରଙ୍କୁ ତୃତୀୟ ପକ୍ଷ ବୀମା ପ୍ରିମିୟମ ବୃଦ୍ଧି କରିବାକୁ ପରାମର୍ଶ ଦେଇଛି।

ଆଇଆର୍‌ଡିଏଆଇ ପକ୍ଷରୁ ପ୍ରିମିୟମରେ ହାରାହାରି ୧୮%ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି, ଯେତେବେଳେ କି କିଛି ବର୍ଗର ଗାଡ଼ିରେ ଏହି ବୃଦ୍ଧି ୨୦% ରୁ ୨୫% ପର୍ଯ୍ୟନ୍ତ ହୋଇପାରେ। ବର୍ତ୍ତମାନ ଏହି ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ନେବ। ଆସନ୍ତା ୨ ରୁ ୩ ସପ୍ତାହ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନିଆଯାଇପାରିବ। ମନ୍ତ୍ରଣାଳୟର ଅନୁମୋଦନ ପରେ, ସାଧାରଣ ସମ୍ମତି ପାଇଁ ଏକ ଚିଠା ବିଜ୍ଞପ୍ତି ଜାରି କରାଯିବ। ଏହାପରେ ପରାମର୍ଶ ନେବା ଏବଂ ସମୀକ୍ଷା କରିବା ଭଳି ଅନ୍ୟାନ୍ୟ ପ୍ରକ୍ରିୟା କରାଯିବ। ତା'ପରେ ହିଁ ଏହି ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ ହେବ। ଗତ ତିନି ବର୍ଷ ଧରି ଗାଡ଼ିର ତୃତୀୟ ପକ୍ଷ ବୀମା ପ୍ରିମିୟମ୍‌ରେ ପରିବର୍ତ୍ତନ କରାଯାଇନାହିଁ। ଏହି ବୀମା ଆପଣଙ୍କ ଗାଡ଼ି ଦ୍ୱାରା ତୃତୀୟ ବ୍ୟକ୍ତି (ଯେପରିକି ଜଣେ ପଦଯାତ୍ରୀ, ଅନ୍ୟ ଜଣେ ଡ୍ରାଇଭର, କିମ୍ବା ସେମାନଙ୍କ ସମ୍ପତ୍ତି) କୁ ହୋଇଥିବା କ୍ଷତି ପାଇଁ କ୍ଷତିପୂରଣ ଦିଏ। ଏହା ଆପଣଙ୍କୁ କିମ୍ବା ଆପଣଙ୍କ ଗାଡ଼ିର କ୍ଷତିକୁ କଭର କରେ ନାହିଁ, କିନ୍ତୁ ଅନ୍ୟମାନଙ୍କ ପାଇଁ ହୋଇଥିବା କ୍ଷତି ପାଇଁ ସୁରକ୍ଷା ପ୍ରଦାନ କରେ। ଏହି ବୀମା ତୃତୀୟ ବ୍ୟକ୍ତିଙ୍କ ଆଘାତ କିମ୍ବା ମୃତ୍ୟୁ କ୍ଷେତ୍ରରେ କ୍ଷତିପୂରଣ ୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେଇଥାଏ। ତୃତୀୟ ବ୍ୟକ୍ତିଙ୍କ ସମ୍ପତ୍ତି (ଯେପରିକି ଅନ୍ୟ ଏକ ଗାଡ଼ି, ଦୋକାନ, କିମ୍ବା ଘର) କ୍ଷତି ଏହି କ୍ଷତିପୂରଣ ମଧ୍ୟରେ ସାମିଲ। ତୃତୀୟ ପକ୍ଷ ବୀମା ଆଇନଗତ ଭାବରେ ବାଧ୍ୟତାମୂଳକ। ତୃତୀୟ ପକ୍ଷ ବୀମା ବିନା ଗାଡ଼ି ଚଳାଇବା ବେଆଇନ ଏବଂ ଜରିମାନା କିମ୍ବା ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ତୃତୀୟ ପକ୍ଷ ବୀମା ବୀମାକାରୀଙ୍କୁ ଆର୍ଥିକ ବୋଝରୁ ସୁରକ୍ଷା କରେ, ଯଦି ଆପଣଙ୍କ ଭୁଲ ଯୋଗୁଁ ଅନ୍ୟ କେହି କ୍ଷତିଗ୍ରସ୍ତ ହୁଅନ୍ତି, ତେବେ ବୀମା କମ୍ପାନୀ ଏହାର କ୍ଷତିପୂରଣ ଦିଏ।

# ମାଲାବାର ଗୋଲ୍ଡର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍



ଭୁବନେଶ୍ୱର,୭।୬(ସମିସ): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ ' ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ମାଲାବାରର ଭୁବନେଶ୍ୱରସ୍ଥିତ ସୌଭାଗ୍ୟ ନଗର ଶୋ' ରୁମ୍‌ରେ ଏହି ' ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଫେଷ୍ଟିଭାଲ ଅନ୍ତର୍ଗତ ଏହି ଫ୍ଲାଗ୍‌ଶିପ୍ ଜୁଏଲେରୀ କ୍ୟାମ୍ପେନ୍ ଅନୁଷ୍ଠିତ ହୋଇଛି। କର୍ପୋରେଟର ବିନୟିନୀ ଜେନା ' ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍‌ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ପରିଚାଳନା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିରେ ଚଳିତବର୍ଷ ସୁନା, ହୀରା, ପୋଲ୍‌କୀ ଏବଂ ମୂଲ୍ୟବାନ ରତ୍ନପଥର ଏବଂ ଆହୁରି ଅନେକ ଏକ୍ସକ୍ଲୁସିଭ୍ ବ୍ରାଇଡାଲ ଜୁଏଲେରୀ କଲେକ୍ସନ୍ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ନୂତନ ଯୁଗର କନ୍ୟାମାନଙ୍କ ଲାଗି ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କ୍ୟାମ୍ପେନ୍ ସବୁଠୁ ଲୋକପ୍ରିୟ ବ୍ରାଇଡା ଜୁଏଲେରୀ କ୍ୟାମ୍ପେନ୍ ଭାବେ ଅଭିହିତ।

# ଟାଟା ହ୍ୟାରିଅର ଇଭିର ଶୁଭାରମ୍ଭ




ମୁମ୍ବାଇ, ୭।୬ (ଏଜେନ୍ସି): ଭାରତର ଏଲେକ୍‌ଟ୍ରିକ୍ ଭେହିକିଲ୍ ବିସ୍ତାରର ପ୍ରତୀକ ଏବଂ ଏସ୍‌ୟୁଭି ଉତ୍ପାଦନରେ ଦେଶର ଅଗ୍ରଣୀ ଟାଟା ମୋଟର୍ସ ହ୍ୟାରିଅର.ଇଭିର ବିକ୍ରି ଶୁଭାରମ୍ଭ କରିଛି। ଭାରତରେ ଆଜି ପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ଏସ୍‌ୟୁଭିଗୁଡିକ ମଧ୍ୟରେ ଏହା ସବୁଠାରୁ ଶକ୍ତିଶାଳୀ, ଦକ୍ଷତାପୂର୍ଣ୍ଣ ଏବଂ ବୁଦ୍ଧିମାନ। ଆଗାମୀଯୁଗ ର ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରସ୍ତୁତ ହୋଇଥିବା ଏହି ଟାଟା ହ୍ୟାରିଅର.ଇଭି ଏକ ନୂଆ ମାନସିକତା ଆଣେ, ଯେଉଁଠାରେ ଦକ୍ଷତା ଏବଂ ଆଧୁନିକତାର ଏକ ସନ୍ତୁଳନ ଦେଖାଯାଏ। ୫୦୪ ଏନ୍‌ଏମ୍ ଟର୍କ ଏବଂ କ୍ୟୁଡବ୍ଲ୍ୟୁଡି ଡୁଆଲ୍-ମୋଟର ସହିତ, ଟାଟା ହ୍ୟାରିଅର.ଇଭିହେଉଛି ଭାରତରେ ଏ ପର୍ଯ୍ୟନ୍ତ ଉତ୍ପାଦିତ ହୋଇଥିବା ସର୍ବୋତ୍ତମ ସ୍ୱଦେଶୀ ଏସ୍‌ୟୁଭି। ୪ଟି ଆକର୍ଷଣୀୟ ରଙ୍ଗ ବିକଳ୍ପରେ ଉପଲବ୍ଧ ହ୍ୟାରିଅର.ଇଭିର ପ୍ରାରମ୍ଭିକ ମୂଲ୍ୟ ୨୧.୪୯ ଲକ୍ଷ ଟଙ୍କାରୁ ଆରମ୍ଭ। ନେକ୍ସଟ୍-ଜେନ ଆକ୍ଟି.ଇଭି+ ପ୍ୟୁର୍ ଇଭି ପରିବେଶରେ ପାୱାର୍ ହୋଇ, ଏହା ଏକ ଏସ୍‌ୟୁଭି ଯାହା ବୁଷ୍ଟ ମୋଡ୍‌ରେ ମାତ୍ର ୬.୩ ସେକେଣ୍ଡରେ ୦-୧୦୦ କିମି/ଘଣ୍ଟା ପର୍ଯ୍ୟନ୍ତ ସୁପର-ଗତି କରିପାରେ।

# ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଜଟିଳ ଅସ୍ଥିମଜ୍ଜା ରୋଗର ସଫଳ ଚିକିତ୍ସା



ଭୁବନେଶ୍ୱର,୭।୬(ସମିସ): ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ଥିମଜ୍ଜା ଚିକିତ୍ସା ସଫଳତାର ସହିତ କରାଯାଇଛି। ମଧ୍ୟପ୍ରଦେଶ ଇନ୍ଦୋରରୁ ଆସିଥିବା ୨୦ ବର୍ଷ ବୟସ ଜଣେ ଯୁବକଙ୍କର ଦୁର୍ଲଭ ଅସ୍ଥିମଜ୍ଜା ରୋଗ ଓ ସଂକ୍ରମଣ ରୋଗରେ ଆକ୍ରାନ୍ତ ଥିଲେ। ବିଭିନ୍ନ ହସ୍ପିଟାଲରେ ତାଙ୍କର ଚିକିତ୍ସା ହୋଇଥିଲେ ମଧ୍ୟ କୌଣସି ଚିକିତ୍ସା ଉପଶମ ନ ମିଳିବାରୁ ତାଙ୍କ ପରିବାର ସଦସ୍ୟମାନେ ମଣିପାଲ ହସ୍ପିଟାଲର ଡାକ୍ତରଙ୍କର ପରାମର୍ଶ ନେଇଥିଲେ। ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ସଠିକ୍ ଚିକିତ୍ସା କାରଣରୁ ଯୁବକ ଜଣଙ୍କ ନିଶ୍ଚିତ ମୃତ୍ୟୁ ମୁଖର ଫେରିଆସିଛନ୍ତି। ଯୁବକ ଜଣଙ୍କ ଗୋଟିଏ ମାସ ଧରି ବାରମ୍ବାର ଅଚେତ ହେବା, ନିୟମିତ ଜ୍ୱର ଓ ଦୃଷ୍ଟିଶକ୍ତିରେ ସମସ୍ୟା ହେଉଥିଲା। ଏଥିପାଇଁ ସେ ଇନ୍ଦୋର ସହରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତ ପରିଲିକ୍ଷିତ ହୋଇ ନ ଥିଲା । ମଣିପାଲ ହସ୍ପିଟାଲରେ ଯୁବକଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା, ଯେଉଁଠାରେ ତାଙ୍କର ରକ୍ତର ପାରାମିଟ ଅତ୍ୟଧିକ କମ୍ ମିଳିଥିଲା। ମଣିପାଲ ହସ୍ପିଟାଲର ଡାକ୍ତର ସନ୍ଦୀପ ଅଭିଜିତ ପଟ୍ଟନାୟକ, କନସଲ୍‌ଟାଣ୍ଟ – କ୍ଲିନିକାଲ୍ ହେମାଟୋଲୋଜି , ବୋନ୍ ମ୍ୟାରୋ ଟ୍ରାନସପ୍ଲାଣ୍ଟ ତାଙ୍କ ଚିକିତ୍ସା ଆରମ୍ଭ କରିଥିଲା। ଡାଃ ସନ୍ଦୀପ ଅଭିଜିତ ପଟ୍ଟନାୟକଙ୍କ ନେତୃତ୍ୱରେ ମଣିପାଲ ହସ୍ପିଟାଲର ଏକ ଅଭିଜ୍ଞ ଡାକ୍ତରୀ ଟିମ୍ ଡାଃ ଶୁଭଶ୍ରୀ ସାମନ୍ତରାୟ (ଅସୋସିଏଟ କନସଲଟେଣ୍ଟ – ସଂକ୍ରାମକ ରୋଗ), ଡାଃ ସମ୍ବିତ କୁମାର ଭୁୟାଁ (ପେଟ ଓ ଯକୃତ ରୋଗ ବିଶେଷଜ୍ଞ) ଓ ଡାଃ ପ୍ରଦୀପ ନାରାୟଣ ସାହୁ (ଭେଷଜ ରୋଗ ବିଶେଷଜ୍ଞ) ଏକ ସଂଗଠିତ ଓ ପ୍ରୋଟୋକଲ୍-ଆଧାରିତ ଚିକିତ୍ସା ପ୍ରଣାଳୀ ଚୟନ କରିଥିଲେ। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଏହି ସଫଳତା ପାଇଁ ପୁରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଡାକ୍ତରଙ୍କ ଟିମ୍ ଓ ଅତ୍ୟାଧୁନିକ ମେସିନ୍ ଥିବାରୁ ଆମ ଚିକିତ୍ସା କରି ଅନେକ ଜଟିଳ ରୋଗୀଙ୍କ ଜୀବନ ରକ୍ଷା କରିପାରିଛୁ।

# ଆଦିବାସୀ କଳା, ସଂସ୍କୃତିର ସଂଗ୍ରାହକ ଡ. ଅଞ୍ଜଳି ପାଢ଼ୀ

**ଡକ୍ଟର ଅଞ୍ଜଳି ପାଢ଼ୀ ହେଉଛନ୍ତି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଅବସରପ୍ରାପ୍ତ ଅଧ୍ୟକ୍ଷା । ଆଦିବାସୀ ଲୋକ ସଂସ୍କୃତି ଗବେଷିକା ତଥା ସଂଗ୍ରାହିକା ଭାବରେ ତାଙ୍କର ରହିଛି ଭିନ୍ନ ପରିଚୟ । ଅଧ୍ୟାପନା କାଳରେ ଡ.ପାଢ଼ୀ ରାଜ୍ୟର ବିଭିନ୍ନ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯାତ୍ରା କରି ସେଠାର ଲୋକବାଦ୍ୟ, ଦେଖି ଚମକୃତ ହୋଇଥିଲେ । ଏହା କ୍ରମଶଃ ଲୋପ ପାଇଯାଉଥିବାରୁ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ । ଆଦିବାସୀ ସଂସ୍କୃତି ଓ କଳା ସହ ଜଡ଼ିତ ସାମଗ୍ରୀକୁ ସଂଗ୍ରହ କରିବା ଆରମ୍ଭ କରିଥିଲେ । ପରେ ଏସବୁକୁ ନେଇ ସେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିଛନ୍ତି । ଏଥିପାଇଁ ତାଙ୍କୁ ଦୀର୍ଘ ୨୭ ବର୍ଷ ପରିଶ୍ରମ କରିବାକୁ ପଡ଼ିଛି ।**







ଅଞ୍ଜଳିଙ୍କ ଏହି ସଂଗ୍ରହାଳୟରେ ଆଦିବାସୀ ଜନଜୀବନ ସହ ଜଡ଼ିତ ଲୋକବାଦ୍ୟ ଢୋଲ, ନିଶାନ, ତାସା, ମହୁରୀ, ସାଙ୍ଗକୁ ପାରମ୍ପରିକ ଅଳଙ୍କାର ରହିଛି । ଦିନ ଥିଲା ସଂସ୍କୃତି ଓ ପରମ୍ପରା ଅନୁଯାୟୀ ମହିଳାମାନେ କତରିଆ, ବନ୍ଦରିଆ, ତାଡ଼ ବାହାସୂତା, ନାଗମୁରି ସମେତ ଅନେକ ଅଳଙ୍କାର ପିନ୍ଧୁଥିଲେ ।

ବହୁ ପୁରାତନ ସମୟର ଅଳଙ୍କାରକୁ ମଧ ସେ ସାଇତି ରଖିଛନ୍ତି । ସେହିପରି ଅତି ସୂକ୍ଷ୍ମ ବାଉଁଶ କାରିଗରିରେ ତିଆରି ମନଲୋଭା ସାମଗ୍ରୀ ଯଥା- ଚାଙ୍ଗୁଡ଼ି, ସାନ ଚାଙ୍ଗୁଡି, ଝାପି, ମାଛଧରା ପାରମ୍ପରିକ ଜିନିଷ ରହିଛି । ଏପରିକି ଧାନରେ ତିଆରି ଲକ୍ଷ୍ମୀଙ୍କ ଖଟୁଲି ମଧ ରଖାଯାଇଛି । ପ୍ରାଚୀନ ଓ ପାରମ୍ପରିକ ସାମଗ୍ରୀ ଦେଖିବା ପାଇଁ ପ୍ରତିଦିନ ତାଙ୍କ ସଂଗ୍ରାହଳୟରେ ଲୋକଙ୍କର ଭିଡ଼ ଜମିଥାଏ । ଏଠାକୁ ଆସୁଥିବା ଲୋକଙ୍କୁ ସେ ପୁରାତନ ସଂସ୍କୃତି ଓ ପରମ୍ପରାକୁ ସବିଶେଷ ତଥ୍ୟ ସହ ବୁଝାଇଥାଆନ୍ତି ।

ଆଗାମୀ ଦିନରେ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଜିନିଷ ସଂଗ୍ରହ କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି । ଏଥି ସହ କହିଛନ୍ତି, ଏହି ସଂଗ୍ରହାଳୟ ଆଗାମୀ ପିଢ଼ିଙ୍କୁ ଆମ ସଂସ୍କୃତି ଓ ପରମ୍ପରା ସହ ପରିଚିତ କରାଇବାର ଏକ ମାଧ୍ୟମ । ଭାରତୀୟ ସଂସ୍କୃତିରେ ଅନେକ ଜାତି ଓ ଜନଜାତିର ଲୋକବାସ କରୁଛନ୍ତି । ଭିନ୍ନ ଭିନ୍ନ ଜାତି ବର୍ଣ୍ଣ ଅନୁସାରେ ଲୋକ ସଂସ୍କୃତି ପରମ୍ପରା ଓ ଅଳଙ୍କାର ମଧ୍ୟରେ ଭିନ୍ନତା ରହିଛି । ହେଲେ ଯୁଗ ଅନୁସାରେ ବେଶଭୂଷା ଅଳଙ୍କାର ସମେତ ଅନେକ ଘରକରଣ ସାମଗ୍ରୀର ରୂପରେଖ ବଦଳିବାରେ ଲାଗିଛି । ପୁରୁଣାକୁ ଭୁଲି ସମୟ ଅନୁସାରେ ନୂଆ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି । ଯାହା ପରବର୍ତ୍ତୀ ସମୟରେ ପୁରୁଣା ସଂସ୍କୃତିକୁ ମନେ ପକାଇ ଇତିହାସର ଆଇନା ସ୍ମୃତିରେ ସାଉଁଟି ରଖିବାକୁ ପଡ଼େ । ସେତେବେଳର ସେହି ପୁରୁଣା ସ୍ମୃତିକୁ ପରବର୍ତ୍ତୀ ପିଢ଼ିକୁ କହିବା ସାର ହୁଏ ହେଲେ ଦେଖେଇ ହୁଏ ନାହିଁ । ଏହାକୁ ବିଚାରକୁ ନେଲେ ଡଃ ପାଢ଼ୀ ଙ୍କ ସଂଗ୍ରହାଳୟ ଆଗାମୀ ଭବିଷ୍ୟ ପିଢ଼ି ପାଇଁ ନିଶ୍ଚିତ ପ୍ରେରଣା ଓ ଗବେଷଣାର ମାଧ୍ୟମ ସାଜିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

-ଶୁଭ୍ରାଂଶୁ କୁମାର ନାଏକ
ସିନାପାଲି, ନୂଆପଡ଼ା

# ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍



**ସାଧାରଣତଃ ଖରାଦିନେ ତ୍ୱଚାରେ ଟ୍ୟାନିଙ୍ଗ୍, ନାଲି ପଡ଼ିଯିବା ଭଳି ସମସ୍ୟା ଦେଖାଯାଏ । ଏହାକୁ ଦୂରେଇବା ପାଇଁ ମହିଳାମାନେ ସନ୍‌ସ୍କ୍ରିନ୍ ଲଗାଇଥାନ୍ତି । ହେଲେ ନିୟମିତ ଜେଲ୍ ତଥା କ୍ରିମ୍ ସନ୍‌ସ୍କ୍ରିନ୍ ଲଗାଇବାକୁ ଅଧିକାଂଶ ମହିଳା ପସନ୍ଦ କରନ୍ତିନି । ଏପରିସ୍ଥଳେ ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ ବ୍ୟବହାର କରିପାରିବେ । ଏହା ସୂର୍ଯ୍ୟାଲୋକରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ ।**

## ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ କ'ଣ ?

ଲିକ୍ୟୁଇଡ୍ ସନ୍‌ସ୍କ୍ରିନ୍ ଏକ ପ୍ରକାର ପାନୀୟ, ଏହାକୁ ମୁହଁରେ ନ ଲଗାଇ ପିଇବାକୁ ପଡ଼ିଥାଏ । ଏହା ସୂର୍ଯ୍ୟର କ୍ଷତିକାରକ କିରଣରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ । ଏଥିରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ ଭଳି ପ୍ରାକୃତିକ ତତ୍ତ୍ୱ ରହିଥାଏ । ଯାହା ତ୍ୱଚାକୁ ଭିତରୁ ସୁରକ୍ଷା ଦେଇଥାଏ । ଏହାକୁ ପିଇବା ଦ୍ୱାରା ଶରୀରରେ ଥିବା ତତ୍ତ୍ୱ ଜାଗ୍ରତ ହୋଇଥାଏ । ତେଣୁ ଖରାରେ ବାହାରକୁ ବାହାରିଲେ ମଧ ସନ୍‌ସ୍କ୍ରିନ୍ ଲଗାଇବାକୁ ପଡ଼େ ନାହିଁ ।

## ଏହାର ଫାଇଦା -

ଏହି ସନ୍‌ସ୍କ୍ରିନ୍‌କୁ ବ୍ୟବହାର କରିବା ଖୁବ୍ ସହଜ । ଏହାକୁ କେବଳ ପିଇବାକୁ ପଡ଼ିଥାଏ । ଫଳରେ ତ୍ୱଚାରେ ବାରମ୍ବାର ସନ୍‌ସ୍କ୍ରିନ୍ ଲଗାଇବା ସମସ୍ୟାରୁ ମୁକ୍ତି ମିଳିଥାଏ । ବିଶେଷ କରି ସନ୍‌ସ୍କ୍ରିନ୍ ଲଗାଇବାକୁ ପସନ୍ଦ କରୁ ନଥିବା ମହିଳାଙ୍କ ପାଇଁ ଏହା ବେଶ୍ ସହାୟକ ହୋଇଥାଏ ।

## ତ୍ୱଚାକୁ ରଖେ ସୁସ୍ଥ

ଏହା କେବଳ ସୂର୍ଯ୍ୟକିରଣରୁ ତ୍ୱଚାକୁ ସୁରକ୍ଷା ଦିଏ ନାହିଁ, ଏହା ଭିତରୁ ତ୍ୱଚାକୁ ସୁସ୍ଥ ରଖିଥାଏ । ଏହି ସନ୍‌ସ୍କ୍ରିନ୍ ଭିଟାମିନ୍ –ଇ, ଆଣ୍ଟିଅକ୍ସିଡାଣ୍ଟ, ଭଳି ତତ୍ତ୍ୱରୁ ତିଆରି ହୋଇଥାଏ । ଏହା ତ୍ୱଚାରେ ବୟସଛାପ ଓ ସନ୍‌ବର୍ନ୍‌କୁ ଦୂର କରିବାରେ ସହାୟକ ହୋଇଥାଏ ।

## ଦୀର୍ଘ ସ୍ଥାୟୀ

ସାଧାରଣତଃ କ୍ରିମ୍ ଯୁକ୍ତ ସନ୍‌ସ୍କ୍ରିନ୍ ବାରମ୍ବାର ଲଗାଇବାକୁ ପଡ଼ିଥାଏ । କିନ୍ତୁ ଏହାକୁ ଥରେ ପିଇବା ମାତ୍ରେ ଏହା ଦୀର୍ଘ ସମୟ ଯାଏ କାର୍ଯ୍ୟ କରିଥାଏ ।

## ୱାଟର୍ ପ୍ରୁଫ୍

ସାଧାରଣ ସନ୍‌ସ୍କ୍ରିନ୍ ଝାଳ ତଥା ପାଣିରେ ଧୋଇଯାଏ । କିନ୍ତୁ ସନ୍‌ସ୍କ୍ରିନ୍ ଧୋଇଯିବାର କୌଣସି ସମସ୍ୟା ନଥାଏ । ତେଣୁ ଏହାକୁ ଥରେ ପିଇବା ଦ୍ୱାରା ଏହା ଦୀର୍ଘ ସମୟ ଧରି ତ୍ୱଚାକୁ ସୁରକ୍ଷା କରିଥାଏ ।

# ମେହେନ୍ଦୀରେ ଚୋଗା ସୁଟ୍



ଅଧିକାଂଶ ଯୁବତୀ ସାଙ୍ଗ ବିବାହରେ କିଛି ଭିନ୍ନ ତଥା ନୂଆ ପିନ୍ଧିବାକୁ ପସନ୍ଦ କରନ୍ତି । ଆଉଟ୍‌ଫିଟ୍‌କୁ ନେଇ ଯୁବତୀଙ୍କ ମନରେ ସର୍ବଦା ଉତ୍କଣ୍ଠା ରହିଥାଏ । ହେଲେ ଶାଢ଼ି, ଲେହେଙ୍ଗା, କୁର୍ତ୍ତାସେଟ୍, ଗାଉନ ପିନ୍ଧିବାକୁ ଅନେକ ନାପସନ୍ଦ କରନ୍ତି । ତେଣୁ ହଳ୍‌ଦି, ମେହେନ୍ଦୀ ଭଳି ବିବାହ ଉତ୍ସବରେ ଯିବାକୁ ଚାହିଁଲେ, ଚୋଗା ସୁଟ୍ ପିନ୍ଧିପାରିବେ । ଏ ପ୍ରକାର ସୁଟ୍ ଏବେ ଟ୍ରେଣ୍ଡରେ ରହିଛି । ଏହା ଷ୍ଟାଇଲିଶ୍ ସାଙ୍ଗକୁ ପିନ୍ଧିବା ସୁବିଧାଜନକ ହୋଇଥାଏ । ଏହା ବିଭିନ୍ନ ଡିଜାଇନରେ ଉପଲବ୍ଧ ।

## ଚୋଗା ସୁଟ୍ କ'ଣ ?

ଏହି ସୁଟ୍‌ରେ ଢିଲା କୁର୍ତ୍ତି ସାଙ୍ଗକୁ ଗୋଟିଏ ପ୍ୟାଣ୍ଟ ସେଟ୍ ଥାଏ । ଏଥିରେ ହାତ ଡିଜାଇନ ଢିଲା ଏବଂ ଫୁଲ୍ ରହିଥାଏ । ବର୍ତ୍ତମାନ ଏହା ଅନ୍‌ଲାଇନ୍‌ରେ ବିଭିନ୍ନ ଡିଜାଇନ୍‌ରେ ଉପଲବ୍ଧ । ଏହାକୁ ପିନ୍ଧି ସମସ୍ତ ପାର୍ଟି ଫଙ୍କସନ୍‌ରେ ଯୋଗ ଦେଇପାରିବେ ।



## ହଳଦିଆ

ହଳଦିଆ ରଙ୍ଗ ଚୋଗା ସୁଟ୍ ସହ ଟ୍ରାଉଜର ଏବଂ ମ୍ୟାଚିଙ୍ଗ୍ ଓଢ଼ଣୀ ଥାଏ । ଏଥିରେ ଥିବା ଏମ୍ବ୍ରୋଡୋରୀ କାମ ସୁଟ୍‌କୁ ଅଧିକ ଆକର୍ଷଣୀୟ କରିଥାଏ । ଏଥି ସହ ପକେଟ୍ ମଧ ରହିଥାଏ । ଏଥିରୁ ଏକ ପାରମ୍ପରିକ୍ ଲୁକ୍ ଚାହୁଁଥିଲେ ଅକ୍ସିଡାଇଜ୍ ଚୁଡ଼ି ସାଙ୍ଗକୁ ଭାରି କାନଫୁଲ ପିନ୍ଧିପାରିବେ ।

## କମଳା

ଏହା କ୍ରିସ୍ପ କ୍ରେପ୍ ଫାବ୍ରିକ୍‌ରେ ତିଆରି ହୋଇଥାଏ । ଏଥିରେ ସୂକ୍ଷ୍ମ ଜରିକାମ ଥାଏ । ଏହା ସୁନ୍ଦର ସାଙ୍ଗକୁ ଏକ ରାଜକୀୟ ଲୁକ୍ ଦେଖିଥାଏ । ବିଶେଷ କରି ଖରାଦିନିଆ ବିବାହତ୍ସୋବ ପାଇଁ ଏହାକୁ ପିନ୍ଧିବା ସୁବିଧାଜନକ ହୋଇଥାଏ । ଏହାକୁ ଖୋଲା ହେୟାର୍‌ଷ୍ଟାଇଲ୍ ଭଲ ମାନିଥାଏ ।

## ପିଙ୍କ୍

ଏ ପ୍ରକାର ସୁଟ୍ ମୁଖ୍ୟତଃ ଭେଲ୍‌ଭେଟ୍ ଓ ସିଲ୍କ ଫ୍ୟାବ୍ରିକ୍‌ରେ ଥାଏ । ଏଥିରେ ସୁନ୍ଦର ଜରିକାମ ହୋଇଥାଏ । ଏହାକୁ ବିଶେଷ କରି ରାତି ସମୟରେ ପିନ୍ଧିଲେ ବେଶୀ ସୁନ୍ଦର ଦେଖାଯାଏ । ଏହା ଭିନେକ୍ ସାଙ୍ଗକୁ ଥ୍ରୀ କ୍ୱାଟର୍ ସ୍ଲିଭସ ରହିଥାଏ ।

# ସାମୁଦ୍ରିକ ଅଳଙ୍କାର

**ଯେ କୌଣସି ଲୁକ୍‌ରେ ସୁନ୍ଦର ଓ ଆକର୍ଷଣୀୟ ଦିଶିବା ପାଇଁ, ଯୁବତୀମାନେ ନାନା ଅଳଙ୍କାର ପିନ୍ଧିଥାନ୍ତି । ଆଉଟ୍‌ଫିଟ୍ ସହ କେଉଁ ଅଳଙ୍କାର ଭଲମାନିବ ସେ ନେଇ ସର୍ବଦା ତତ୍ପରଥାନ୍ତି । ସେହିପରି ବର୍ତ୍ତମାନ ସମୟରେ ସାମୁଦ୍ରିକ ଅଳଙ୍କାର ଟ୍ରେଣ୍ଡରେ ରହିଛି । ଏ ପ୍ରକାର ଅଳଙ୍କାର ବିଶେଷ କରି କଉଡ଼ି, ଶାମୁକା, ଶଙ୍ଖ ଆଦିକୁ ବ୍ୟବହାର କରି ତିଆରି କରାଯାଇଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ ।**



- ସାମୁଦ୍ରିକ ଅଳଙ୍କାର ଉଭୟ ପାରମ୍ପରିକ ଓ ଆଧୁନିକ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ । ବର୍ତ୍ତମାନ ସମୟରେ ଯୁବତୀଙ୍କ ମଧ୍ୟରେ ରଙ୍ଗିନ୍ ସାମୁଦ୍ରିକ ଅଳଙ୍କାର ଚାହିଦା ବେଶୀ ରହିଛି ।
- ସେହିପରି ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଭାରି କାମଯୁକ୍ତ ଅଳଙ୍କାର ପିନ୍ଧିପାରିବେ । ବଜାରରେ ଏ ପ୍ରକାର ନେକ୍‌ଲେସ୍ ଶୁଳଭ ମୂଲ୍ୟରେ ମିଳିଥାଏ । ଏଥି ସହ ବିଭିନ୍ନ ଡିଜାଇନ୍ ଥାଏ ।
- ଦୈନନ୍ଦିନ ଜୀବନରେ ଅଫିସ୍ ପାଇଁ ଏ ପ୍ରକାର ଅଳଙ୍କାର ପିନ୍ଧିବାକୁ ଚାହୁଁଥିଲେ, ସିମ୍ପଲ ଡିଜାଇନର ଲକେଟ୍ ସାଙ୍ଗକୁ ଚେନ୍ ପିନ୍ଧିପାରିବେ । ଏଥିରୁ ଏକ ଜେଣ୍ଟେଲ ଲୁକ୍ ମିଳିଥାଏ । ଯୁବତୀଙ୍କ ମଧ୍ୟରେ ପର୍ଲ ଓ ଷ୍ଟୋନ୍ ଲାଗିଥିବା ଜୁଏଲାରୀର ଚାହିଦା ବେଶୀ ।
- ଟିକେ ଭିନ୍ନ ତଥା ଷ୍ଟାଇଲିଶ୍ ଲୁକ୍ ଚାହୁଁଥିଲେ, ସାମୁଦ୍ରିକ ଜିନିଷରେ ନିର୍ମିତ ରଙ୍ଗିନ ଅଳଙ୍କାର ପିନ୍ଧିପାରିବେ । ଡିପ୍ ଏବଂ ଭି- ନେକ୍ ଡିଜାଇନ୍ ଡ୍ରେସ୍‌କୁ ଏ ପ୍ରକାର ଅଳଙ୍କାର ବେଶି ସୁନ୍ଦର ମାନିଥାଏ ।



ମୋ ହାଣ୍ଡିଶାଳରୁ...

# ନୋ ବ୍ରେଡ୍ ସାଣ୍ଡୱିଚ୍




## ଆବଶ୍ୟକ ସାମଗ୍ରୀ

ସୁଜି : ଏକ କପ, ଦହି : ଅଧା କପ୍, ଗ୍ରେଟେଡ୍ ଗାଜର: ଅଧା କପ୍, କଟା ପିଆଜ : ଅଧା କପ୍, ଗ୍ରେଟେଡ୍ ଆଳୁ: ଏକ କପ୍, କଟା ଧନିଆପତ୍ର : ଅଳ୍ପ, ଇନୋ: ଏକ ପ୍ୟାକେଟ୍, ଚିଜ୍ ଲୁଣ : ସ୍ୱାଦ ଅନୁସାରେ, ବଟର : ଖଣ୍ଡେ ।

## ପ୍ରସ୍ତୁତି ପ୍ରଣାଳୀ

ଏକ ବାଉଲ୍‌ରେ ସୁଜି ନେଇ ସେଥିରେ ଦହି, ଲୁଣ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାକୁ ଦଶ ମିନିଟ୍ ରଖି ଦିଅନ୍ତୁ । ଏହାପରେ ସେଥିରେ କଟା ପିଆଜ, ଗ୍ରେଟେଡ୍ ଆଳୁ, ଗ୍ରେଟେଡ୍ ଗାଜର, ଧନିଆ ପତ୍ର, ଇନୋ ସାଙ୍ଗକୁ ଲୁଣ ଓ ଅଳ୍ପ ପାଣି ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ସାଣ୍ଡୱିଚ୍ ମେକର୍‌କୁ ଗରମ କରି ସେଥିରେ ବଟର ଲଗାଇ ଦିଅନ୍ତୁ । ସେଥିରେ ଗୋଳାଇ ରଖିଥିବା ପେଷ୍ଟକୁ ଦେଇ ତା' ଉପରେ ଚିଜ୍ ଖଣ୍ଡ ରଖି ଆଉ ଏକ ପରସ୍ତ ପେଷ୍ଟ ଦେଇ ଏହାକୁ ଗ୍ରିଲ୍ କରି ଦିଅନ୍ତୁ । ଦୁଇପାଖ ଗ୍ରିଲ ହୋଇଯିବା ପରେ ଏହାକୁ ପ୍ଲେଟ୍‌କୁ କାଢ଼ି ଟମାଟୋ ସସ୍ ସହ ପରଷି ଦିଅନ୍ତୁ 'ନୋ -ବ୍ରେଡ୍ ସାଣ୍ଡୱିଚ୍' ।

# ଗ୍ରୀଷ୍ମରେ ମେକଅପ



**ସାଧାରଣତଃ ଖରାଦିନେ ମେକ୍‌ଅପ୍‌ରୁ ଝାଳ ବାହାରିଥାଏ । ଏହା ଦ୍ୱାରା ମୁହଁ କଳା ପଡ଼ିଯାଏ । ତେଣୁ ଝାଳ ତଥା ଖରାରୁ ମେକ୍‌ଅପ୍‌କୁ ସୁରକ୍ଷା ଦେବାକୁ ଚାହୁଁଥିଲେ, କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିବ ।**

## ମେକ୍‌ଅପ୍ ପୂର୍ବରୁ ତ୍ୱଚାର ଯତ୍ନ

ଯେ କୌଣସି ମେକ୍‌ଅପ୍ କରିବା ପୂର୍ବରୁ ପ୍ରଥମେ ମୁହଁକୁ ଭଲ ଭାବ ଧୋଇ ଅଏଲ୍ ଫ୍ରି ମଏଶ୍ଚରାଇଜର୍ ଲଗାନ୍ତୁ । ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିଥାଏ । ସେହିପରି ଖରାରୁ ମେକ୍‌ଅପ୍‌କୁ ସୁରକ୍ଷା ଦେବା ପାଇଁ ଏକ ଭଲ ପ୍ରାଇମର ଲଗାନ୍ତୁ । ଏହା ତ୍ୱଚାରେ ଥିବା ତେଲିଆପଣକୁ ନିୟନ୍ତ୍ରଣ କରିଥାଏ ।

## ଅଏଲ୍ ଫ୍ରି – ଫାଉଣ୍ଡେସନ୍

ବିଶେଷ କରି ଖରାଦିନେ ବହଳିଆ ଫାଉଣ୍ଡେସନ୍ ଲଗାଇବାରୁ ଦୂରେଇ ରୁହନ୍ତୁ । କାରଣ ଏହା ଶୀଘ୍ର ତରଳି ଯାଏ । ଏହା ବଦଳରେ ହାଲୁକା ଫାଉଣ୍ଡେସନ୍, ବିବି କ୍ରିମ୍, ଲଗାଇପାରିବେ । ଏଥିସହ ୮ -୧୨ ଘଣ୍ଟା ରହୁଥିବା ଫାଉଣ୍ଡେସନ୍ ଚୟନ କରନ୍ତୁ ।

## ସେଟିଙ୍ଗ୍ ସ୍ପ୍ରେ

ମେକ୍‌ଅପ୍‌କୁ ଦୀର୍ଘ ସମୟ ମୁହଁରେ ରଖିବା ପାଇଁ ସେଟିଙ୍ଗ୍ ସ୍ପ୍ରେ ବ୍ୟବହାର କରନ୍ତୁ । ଏହା ତ୍ୱଚାର ତେଲିଆ ଅଂଶକୁ ଅବଶୋଷିତ କରିବାରେ ସହାୟକ ହୋଇଥାଏ । ସେହିପରି ମେକ୍‌ଅପ୍ ତରଳିବାକୁ ସୁରକ୍ଷା ଦେଇ ତ୍ୱଚାରେ ଏକ ସତେଜପଣ ଦେଇଥାଏ ।

# ପ୍ରଥମ ଟି-୨୦ରେ ଜିତିଲା ଇଂଲଣ୍ଡ



ଚେଷ୍ଟର ଲୀ ଷ୍ଟ୍ରିଟ୍,୭।୬ (ଏଜେନ୍ସି): ୩୫ ବର୍ଷୀୟ ବାମହାତୀ ସ୍ପିନ ବୋଲର ଲିଆମ ଡାଓସନଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଟି-୨୦ରେ ଇଂଲଣ୍ଡ ୨୧ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି । ଏହା ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଏହି ସିରିଜ୍‌ର ଦ୍ୱିତୀୟ ମୁକାବିଲା ବ୍ରିଷ୍ଟଲରେ ଅସନ୍ତାକାଲି ରାତିରେ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ୨୦ ରନ୍ ଦେଇ ୪ଟି ୱିକେଟ ନେଇଥିବା ଡାଓସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜୋଶ ବଟଲରଙ୍କ ୫୯ ବଲ୍‌ରେ ୯୬ ରନ୍ ସହାୟତାରେ ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୮୮ ରନ୍ କରିଥିଲା । ଦଳ ପକ୍ଷରୁ ଜେମି ସ୍ମିଥ୍ ୩୮ ଓ ଜ୍ୟାକବ ବେଥେଲ ଅପରାଜିତ ୨୩ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ । ଜବାବରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ କେହି ବଡ଼ ସ୍କୋର କରିବାରେ ଅସମର୍ଥ ହୋଇଥିଲେ । ଫଳରେ ଏହି ମ୍ୟାଚ୍‌କୁ ହାରିଯାଇଥିଲା । ଏଭିନ ଲୁଇସ୍ ସର୍ବାଧିକ ୩୯, ରୋଷ୍ଟୋନ ଚେଜ୍ ୨୪ ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ ଡାଓସନଙ୍କ ୪ ୱିକେଟ ସଫଳତା ବ୍ୟତୀତ ମାଥ୍ୟୁ ପଟ୍‌ସ ଓ ଜ୍ୟାକବ ବେଥେଲ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ ।

# ୟୁରୋପରେ ୫ଟି ଟେଷ୍ଟ ଖେଳିବ କନିଷ୍ଠ ମହିଳା ହକି ଦଳ



ନୂଆଦିଲ୍ଲୀ, ୭।୬ (ଏଜେନ୍ସି): ଦକ୍ଷିଣ ଆମେରିକାରେ ଚତୁରାଷ୍ଟ୍ରୀୟ ବନ୍ଧୁତ୍ୱପୂର୍ଣ୍ଣ ହକି ଖେଳି ସଫଳ ହେବା ପରେ କନିଷ୍ଠ ମହିଳା ହକି ଦଳ ୟୁରୋପ ଟୁର୍‌ରେ ଯାଇଛି । ଏହି ଟୁର୍ ଜୁନ୍ ୮ରୁ ୧୭ ତାରିଖଯାଏ ଖେଳାଯିବ । ଏଥିରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେବେ ବେଲଜିୟମ, ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡସ । ବିଶ୍ୱରେ ଏହି ୩ଟି ଦେଶ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥାନ୍ତି । ଏମାନଙ୍କ ସହ ଖେଳି ଭାରତୀୟ ମହିଳା ଦଳ ବେଶ ଅଭିଜ୍ଞତା ଆସଲ କରିବ ବୋଲି ଆଶା କରାଯାଉଛି । ନିକଟରେ ଭାରତୀୟ ଦଳ ଦକ୍ଷିଣ ଆମେରିକୀୟ ଦେଶ ସହ ଖେଳି ବେଶ ସଫଳତା ଅର୍ଜନ କରିଥିଲା । ୟୁରୋପ ଟୁର୍‌ରେ ବେଲଜିୟମ ସହ ଭାରତ ୩ଟି ମ୍ୟାଚ୍ ଖେଳିବ । ଏହା ବ୍ୟତୀତ ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡସ ସହ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବ । ଏହା ଫଳରେ ଦଳ କନିଷ୍ଠ ବିଶ୍ୱକପ୍ ହକି-୨୦୨୫ ଲାଗି ଏହି ଟୁର୍ ଭାରତ ଲାଗି ବେଶ ସହାୟକ ହେବ ।

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ୍

# ଗଫ୍ ମହିଳା ଏକକ ଚାମ୍ପିଅନ



ପ୍ୟାରିସ୍, ୭।୬ (ଏଜେନ୍ସି)

ଦ୍ୱିତୀୟ ସିଡ୍ ଆମେରିକାର କୋକୋ ଗଫ୍ ଫ୍ରେଞ୍ଚ ଓପନ ମହିଳା ଏକକ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ରୋଲାଣ୍ଡ ଗ୍ୟାରୋସ୍‌ରେ ଶନିବାର ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ବିଶ୍ୱର ନଂ-୨ ଖେଳାଳି ଗଫ୍ ୬-୭, ୬-୨, ୬-୪ରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରି ଫ୍ରେଞ୍ଚ ଓପନରେ ପ୍ରଥମ ତଥା କ୍ୟାରିୟରରେ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ କବ୍‌ଜା କରିଛନ୍ତି । ଏହି ନାଟକୀୟ ଫାଇନାଲରେ ଗଫ୍ ପ୍ରଥମ ସେଟ୍‌ରେ ଜୋରଦାର ଲଢ଼େଇ ସତ୍ତ୍ୱେ ୫-୭ ଟାଇବ୍ରେକରରେ ପ୍ରଥମ ସେଟ୍‌କୁ ହାରିଯାଇଥିଲେ । ଏହା ପରେ ଗଫ୍ ଆଦୌ ନିଜ ଧୈର୍ଯ୍ୟ କିମ୍ବା ଟେମ୍ପରାମେଣ୍ଟ ହରାଇ ନ ଥିଲେ । ଯାହା ଫଳରେ ଦ୍ୱିତୀୟ ସେଟ୍‌କୁ ସେ ୬-୨ରେ ସହଜରେ ଜିତିନେଇଥିଲେ । ଉଭୟ ପ୍ରତିଦ୍ୱନ୍ଦ୍ୱୀ ଗୋଟିଏ ଲେଖାଏଁ ସେଟ୍ ଜିତିବା ପରେ ତୃତୀୟ ତଥା ନିର୍ଣ୍ଣାୟକ ମୁକାବିଲା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା । ଉଭୟ ଖେଳାଳି ସେମାନଙ୍କ ସର୍ଭିସରେ ପଏଣ୍ଟ ଜିତିଥିଲାବେଳେ ଗଫ୍ ସର୍ଭିସ ବ୍ରେକ୍ କରିବା ସହ ସେଟ୍‌କୁ ୬-୪ରେ ଜିତିନେଇ ନୂଆ ଚାମ୍ପିଅନ ହୋଇଥିଲେ । ୨୦୧୩ରେ ଶେଷଥର ଫ୍ରେଞ୍ଚ ଓପନରେ ବିଶ୍ୱର ନଂ-୧ ଓ ନଂ-୨ ଖେଳାଳିଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା । ଏଥିରେ ମାରିଆ ସାରାପୋଭାଙ୍କୁ ହରାଇ ସେରେନା ୱିଲିୟମ୍ସ ଚାମ୍ପିଅନ ହୋଇଥିଲେ । ଗତ ୩୦ ବର୍ଷ ମଧ୍ୟରେ ଦ୍ୱିତୀୟଥର ଲାଗି ନଂ-୧ ଓ ନଂ-୨ ଖେଳାଳିଙ୍କ ମଧ୍ୟରେ ଟାଇଟଲ ମୁକାବିଲା ହୋଇଛି ।

ହାର୍ଡକୋର୍ଟରେ ଜଣେ ସ୍ପେଶାଲିଷ୍ଟ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଥିବା ସାବାଲେଙ୍କା ଗତ ବର୍ଷ ୟୁଏସ୍ ଓପନ, ୨୦୨୩ ଓ ୨୪ରେ ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ଜିତିଥିଲେ । କିନ୍ତୁ ସେ କେବେ ବି ଫ୍ରେଞ୍ଚ ଓପନ ଫାଇନାଲରେ ପ୍ରବେଶ କରି ନ ଥିଲେ । ସାବାଲେଙ୍କାଙ୍କୁ ୨୦୨୨ ୟୁଏସ୍ ଓପନ ଫାଇନାଲରେ ହରାଇ ଚାମ୍ପିଅନ ହୋଇଥିବା ଗଫ୍‌ଙ୍କର ଏହା ଥିଲା ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ । ଏହା ପରେ ସେ ଆଉ ସଫଳତା ପାଇ ନ ଥିଲେ । ଏଠାରେ ଗତବର୍ଷ ମହିଳା ଯୁଗଳ ଟାଇଟଲ କବ୍‌ଜା କରିଥିଲାବେଳେ ଗଫ୍ ଏଥର ଏକକ ମୁକାବିଲାରେ ସଫଳ ହୋଇଛନ୍ତି । ଆସନ୍ତାକାଲି ବା ରବିବାର ପୁରୁଷ ଏକକ ଫାଇନାଲ ମୁକାବିଲା ହେବ । ଏଥିରେ ମଧ୍ୟ ନଂ-୧ ଓ ନଂ-୨ ସିଡ୍ ଖେଳାଳି ଯଥା ଇଟାଲୀର ଜାନିକ ସିନ୍ନର ଓ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ମଧ୍ୟରେ ଖେଳାଯିବ । ଗତକାଲି ଅନୁଷ୍ଠିତ ସେମିଫାଇନାଲରେ ସିନ୍ନର ୩-୦ରେ ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କୁ ଏବଂ ଆଲକାରାଜ ୩-୧ରେ ଲୋରୋଞ୍ଜୋ ମୁସେଟିଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ ।

# ଇଂଲଣ୍ଡ ଲାୟନ୍ସର ଲଢୁଆ ଜବାବ



ନଟିଂହାମ୍, ୭।୬ (ଏଜେନ୍ସି): ଏଠାରେ ଚାଲିଥିବା ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତ-ଏ'କୁ ଲଢୁଆ ଜବାବ ଦେଇଛି ଇଂଲଣ୍ଡ ଲାୟନ୍ସ । ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ପ୍ରଥମ ଇନିଂସରେ କରିଥିଲା ୩୪୮ ରନ୍ । ଜବାବରେ ଦ୍ୱିତୀୟ ଆଲୋକ ଅଭାବରୁ ଦ୍ୱିତୀୟ ଦିନ ଖେଳ ବନ୍ଦ ରହିଲା ବେଳକୁ ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସରେ ୪୬ ଓଭର ଖେଳି ୩ ୱିକେଟ ହରାଇ ୧୯୨ ରନ୍ ସଂଗ୍ରହ କରିନେଇଛି । ଏହି ସମୟରେ ଜୋର୍ଡାନ କକ୍ସ ୩୧ ଓ ଅଧିନାୟକ ଜେମ୍ସ ରିଉ ୦ ରନ୍‌ରେ ବ୍ୟାଟିଂ କରୁଥିଲେ । ଲାୟନ୍ସ ଇନିଂସରେ ଦୁଇ ଓପନର ଟମ୍ ହେନ୍ସ ୫୪ ଓ ବେନ୍‌ମ୍ୟାକ୍‌କିନି ୧୨ ରନ୍‌ରେ ଆଉଟ ହୋଇଥିଲେ । କିନ୍ତୁ ଏମିଲିଓ ଗେ ସୁନ୍ଦର ବ୍ୟାଟିଂ କରି ୭୧ ରନ୍‌ରେ ଆଉଟ ହୋଇଥିଲେ । ଭାରତ-ଏ' ପକ୍ଷରୁ ଅଂଶୁଲ କାମ୍ବୋଜ, ତୁଷାର ଦେଶପାଣ୍ଡେ ଓ ତନୁସ କୋଟିଆନ୍ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି । ଭାରତୀୟ ବୋଲରମାନେ ଅତିରିକ୍ତରୁ ୨୪ ରନ୍ ଦେଇଛନ୍ତି । ଏହା ମଧ୍ୟରେ ୮ଟି ବାଇ, ୬ଟି ଲେଗ୍‌ବାଇ ଓ ୧୦ଟି ନୋବଲ ହୋଇଛି ।

ପୂର୍ବରୁ ୭ ୱିକେଟରେ ୩୧୯ ରନ୍‌ରୁ ଭାରତ-ଏ' ତାହାର ଅସମାପ୍ତ ପ୍ରଥମ ଇନିଂସ ଖେଳ ଆରମ୍ଭ କରି ବାକିଥିବା ୩ ୱିକେଟ ୨୯ ରନ୍ ମଧ୍ୟରେ ହରାଇଥିଲା । ସେମାନଙ୍କ ମଧ୍ୟରେ ତନୁସ କୋଟିଆନ ୧୫ ଓ ତୁଷାର ଦେଶପାଣ୍ଡେ ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ । ପୂର୍ବରୁ ପ୍ରଥମ ଦିନରେ ଓପନର ଲୋକେଶ ରାହୁଲ ଶତକ ହାସଲ କରିବା ସହ ସର୍ବାଧିକ ୧୧୬ ରନ୍ କରିଥିଲେ । ୱିକେଟରକ୍ଷକ ଧ୍ରୁବ ଜୁରେଲ ୫୨, କରୁନ ନାୟାର ୪୦ ଓ ନୀତିଶ କୁମାର ରେଡ୍ଡି ୩୪ ରନ୍‌ର ଉଲ୍ଲେଖନୀୟ ପାଳି ଖେଳିଥିଲେ । ଲାୟନ୍ସ ପକ୍ଷରୁ କ୍ରିସ୍ ୱକ୍ସ ପ୍ରଥମ ଦିନରେ ନେଇଥିବା ପ୍ରଥମ ୩ଟି ୱିକେଟ ଦଳ ଲାଗି ଶ୍ରେଷ୍ଠ ସଫଳତା ଥିଲା । ଜୋଶ ଟଙ୍ଗ୍ ଓ ଜର୍ଜ ହିଲ୍ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

**ସଂକ୍ଷିପ୍ତ ସ୍କୋର**

**ଭାରତ-ଏ' ପ୍ରଥମ ଇନିଂସ**

୩୪୮/୧୦, ୮୯.୩ ଓଭର (ଲୋକେଶ ରାହୁଲ-୧୧୬, ଧ୍ରୁବ ଜୁରେଲ-୫୨, କରୁନ ନାୟାର-୪୦, କ୍ରିସ୍ ୱକ୍ସ-୩/୬୦, ଜର୍ଜ ହିଲ୍-୨/୫୬, ଜୋଶ ଟଙ୍ଗ୍-୨/୯୧) ।

**ଇଂଲଣ୍ଡ ଲାୟନ୍ସ ପ୍ରଥମ ଇନିଂସ**

୧୯୨/୩, ୪୬ ଓଭର (ଏମିଲିଓ ଗେ'-୭୧, ଟମ୍ ହେନ୍ସ-୫୪, ତନୁସ କୋଟିଆନ୍-୧/୨୧, ଅଂଶୁଲ କାମ୍ବୋଜ-୧/୩୮, ତୁଷାର ଦେଶପାଣ୍ଡେ-୧/୪୪) ।




ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟ ଅଫିସିଆଲଙ୍କ କର୍ମଶାଳାରେ ଭାଗନେଇଥିବା କର୍ମକର୍ତ୍ତାମାନେ । ରାଜ୍ୟରେ ଉତ୍କୃଷ୍ଟମାନର କର୍ମକର୍ତ୍ତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଉତ୍କଳ କରାଟେ ଡୋ ଆସୋସିଏସନ ପକ୍ଷରୁ ଏହା ନିୟମିତ ଆୟୋଜିତ ହେଉଛି । ଏହି କର୍ମଶାଳାରେ ରାଜ୍ୟରୁ ୪୦ ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।

## ଯୌନ ନିର୍ଯାତନା ଅଭିଯୋଗରେ କୋଚ୍ ସସ୍‌ପେଣ୍ଡ

ନୂଆଦିଲ୍ଲୀ,୭।୬ (ଏଜେନ୍ସି): ହରିୟାଣାରେ ଜଣେ ରେସଲିଂ କୋଚ୍ ସଞ୍ଜୟ ଲାଥରଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ସସ୍‌ପେଣ୍ଡ କରାଯାଇଛି । ଖେଲୋ ଇଣ୍ଡିଆ ଗେମ୍ସ ସମୟରେ ସେ ରେସଲରମାନଙ୍କୁ ଯୌନ ନିର୍ଯାତନା ଦେଇଥିବାର ଅଭିଯୋଗ ହୋଇଥିଲା । ତାଙ୍କୁ ହରିୟାଣା ସରକାର ନିଯୁକ୍ତ କରିଛନ୍ତି । ଏ ସମ୍ପର୍କରେ ତଦନ୍ତ ଚାଲିଛି ଓ ପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେହିପରି କନିଷ୍ଠବର୍ଗରେ ବୟସ ବଢ଼ାଇଥିବାର ପ୍ରମାଣ ମିଳିବା ପରେ ୩୦ଜଣ ରେସଲରଙ୍କୁ ସାମୟିକ ଭାବେ ସସ୍‌ପେଣ୍ଡ କରାଯାଇଛି । ଏଭଳି ଆଉ ୪୦୦ଟି କେସର ତଦନ୍ତ ଚାଲିଛି । ଏସବୁ ଅଭିଯୋଗ ଦିଲ୍ଲୀ ଓ ହରିୟାଣାରେ ଥିବା କୁସ୍ତି ଆଖଡ଼ାରୁ ଆସିଛି । ଏପରିକି ଏଭଳି ଜାଲିଆତି କରିଥିବା ୨ ରେସ୍‌ଲର ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ପଦକ ଜିତିଥିବା ଜଣାଯାଇଛି ।

ରଗ୍‌ବୀ ପ୍ରିମିୟର ଲିଗ୍

# କଳିଙ୍ଗ ବ୍ଲାକ୍ ଟାଇଗର୍ସର ଜର୍ସି ଓ ମାସ୍କଟ୍ ଉନ୍ମୋଚିତ




ଭୁବନେଶ୍ୱର, ୭।୬ (ସମିସ): ଭାରତରେ ଏବେ ଖେଳର ଯୁଗ ଚାଲିଛି । ଏହି ଯୁଗ ସହ ତାଳ ଦେଇ ଚାଲିବା ଲାଗି ରଗ୍‌ବୀ ପ୍ରିମିୟର ଲିଗ୍ ଜୁନ୍ ୧୫ରୁ ଆରମ୍ଭ ହେବ । ଏହି ଲିଗ୍‌ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛି କଳିଙ୍ଗ ବ୍ଲାକ୍ ଟାଇଗର୍ସ । ପ୍ରିମିୟର ଲିଗ୍ ଲାଗି ବ୍ଲାକ୍ ଟାଇଗର୍ସ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛି । ଏହି ଟିମ୍‌ର ମାଲିକାନା ହାସଲ କରିବାରେ ହଞ୍ଚ ଭେଞ୍ଚର୍ସ ।ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଟିମ୍‌ର ଜର୍ସି ଓ ମାସ୍କଟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ସଭାପତି ପ୍ରିୟଦର୍ଶୀ ମିଶ୍ର, ହଞ୍ଚ ଭେଞ୍ଚର୍ସର ପ୍ରତିଷ୍ଠାତା ତଥା କଳିଙ୍ଗ ବ୍ଲାକ୍ ଟାଇଗର୍ସର ସହମାଲିକ କରନପାଲ ସିଂହ, ହେଡ୍ କୋଚ୍ ମାଇକ୍ ଫ୍ରାଇଡେ, ସହକାରୀ କୋଚ୍ ରାଜୀବ ନାଥ ଓ ଟିମ୍‌ର ସମସ୍ତ ଖେଳାଳି ଉପସ୍ଥିତ ଥିଲେ । ଏହି ଦଳରେ ଜଣେ ମାତ୍ର ଖେଳାଳି ଆଶିଷ ଶବର ରହିଛନ୍ତି ।

ଅରବିନ୍ଦ ସ୍ମାରକୀ କ୍ରିକେଟ୍

# ରାଇଜିଂ ଷ୍ଟୁଡେଣ୍ଟ୍ସ-ମୁକ୍ତେଶ୍ୱର ଫାଇନାଲ୍

ଭୁବନେଶ୍ୱର,୭।୬ (ସମିସ)

କଟକର ରାଇଜିଂ ଷ୍ଟୁଡେଣ୍ଟସ ଓ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ମଧ୍ୟରେ ପ୍ରଥମଥର ବରିଷ୍ଠ ବିଭାଗରେ ଅନୁଷ୍ଠିତ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ । ପାରାମାଉଣ୍ଟ ପଡ଼ିଆରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ମୁକ୍ତେଶ୍ୱର ସହରର ପ୍ରତିଦ୍ୱନ୍ଦ୍ୱୀ ସହିଦ୍ ସ୍ପୋର୍ଟିଂ କ୍ଲବ୍‌କୁ ୮ ୱିକେଟରେ ପରାସ୍ତ କରିଛି । ଗତକାଲି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟସ ୧୬୮ ରନ୍‌ରେ ନିଜ ସହରର ପ୍ରତିଦ୍ୱନ୍ଦ୍ୱୀ ୟୁନିଅନ ସ୍ପୋର୍ଟିଂକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ । ଆଜିର ମୁକାବିଲାରେ ୮ ଓଭର ବୋଲିଂ କରି ୧୨ ରନ୍‌ରେ ୪ଟି ୱିକେଟ ନେଇଥିବା ମୁକ୍ତେଶ୍ୱରର ରଣଜୀ ସ୍ପିନର ହର୍ଷିତ ରାଠୋଡଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ଶନିବାର ଅନୁଷ୍ଠିତ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସହିଦ୍ ସ୍ପୋର୍ଟିଂ ୩୮.୪ ଓଭରରେ ମାତ୍ର ୧୧୮ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଦେବଜ୍ୟୋତି ପଟ୍ଟନାୟକ ସର୍ବାଧିକ ୪୧ ଓ ପାର୍ଥସାରଥୀ ନାୟକ ୨୧ ରନ୍ କରିଥିଲେ । ମୁକ୍ତେଶ୍ୱର ପକ୍ଷରୁ ରାଠୋଡ ସର୍ବାଧିକ ୪ଟି ୱିକେଟ ପାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶୁଭମ ବିଷ୍ଟଙ୍କୁ ୩ଟି ଓ ସନ୍ତୋଷ ଯାଦବଙ୍କୁ ୨ଟି ୱିକେଟ ମିଳିଥିଲା । ଜବାବରେ ମୁକ୍ତେଶ୍ୱର ୨୦.୪ ଓଭରରେ ମାତ୍ର ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା । ଓପନର ତଥା ରଣଜୀ ଖେଳାଳି ଅନୁରାଗ ଷଡଙ୍ଗୀ ଅପରାଜିତ ୭୨ ରନ୍ କରିବା ସହ ଦଳକୁ ଏକାକୀ ବିଜୟୀ କରାଇଥିଲେ । ତନୟ ବିଶ୍ୱା, ୨୫ ଓ ଅଧିନାୟକ ରମଣୀରଞ୍ଜନ ଜେନା ୧୬[3] ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ । ଅମ୍ପାୟାର ପ୍ରଦୀପ ଜେନା ଓ ଅଭିଷେକ ମହାନ୍ତି ଖେଳ ପରିଚାଳନା କରିଥିଲେ ଗାୟତ୍ରୀ ଡକ୍ଟୁଟେକ୍‌ର ପ୍ରୋପାଇଟର ଜାନକୀନାଥ ପରିଡ଼ା ଅତିଥିଭାବେ ଯୋଗ ଦେଇ ଖେଳ ପରିଚାଳନା କରିଥିଲେ ।




## ୱାସୀମ ମେ' ମାସର ଶ୍ରେଷ୍ଠ ଖେଳାଳି ଆଇସିସି

ଦୁବାଇ,୭।୬ (ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ମହମ୍ମଦ ୱାସୀମ ଓ ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ଚୋଲେ ଟ୍ରାୟନଙ୍କୁ ମେ' ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳି ଭାବେ ବିବେଚିତ କରାଯାଇଛି । ୱାସୀମଙ୍କର ଏହା ଦ୍ୱିତୀୟ ପୁରସ୍କାର । ଆଇସିସି ପୁରୁଷ ୱାର୍ଲ୍ଡ କପ୍ ଲିଗ୍-୨ର ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍‌ରେ ୱାସୀମ ୧୬୯ ରନ୍ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ତାଙ୍କର ଦମ୍‌ଦାର ପ୍ରଦର୍ଶନ ଯୋଗୁଁ ୟୁଏଇ ୨-୧ରେ ବାଂଲାଦେଶକୁ ହରାଇବାରେ ସମର୍ଥ ହୋଇଥିଲା । ସେ ଏପ୍ରିଲରେ ମଧ୍ୟ ଏହି ପୁରସ୍କାର ପାଇଥିଲେ । ମହିଳା ବିଭାଗରେ ଦକ୍ଷିଣ ଆଫ୍ରିକାର ଚୋଲେ ଟ୍ରାୟନ୍ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ୧୩୧.୩୪ ଷ୍ଟ୍ରାଇକ୍ ରେଟ୍‌ରେ ୧୭୬ ରନ୍ କରିଥିଲେ । ତ୍ରିରାଷ୍ଟ୍ରୀୟ ସିରିଜ୍‌ରେ ସେ ଭାରତ ବିପକ୍ଷରେ ୬୭, ଶ୍ରୀଲଙ୍କା ବିପକ୍ଷରେ ୩୫ ଓ ୭୪ ରନ୍ କରିଥିଲେ । ଶ୍ରୀଲଙ୍କା ବିପକ୍ଷରେ ୩୪ ରନ୍‌ରେ ୫ ୱିକେଟ ନେବା ତାଙ୍କର ଶ୍ରେଷ୍ଠ ସଫଳତା ଥିଲା । ସେ ୱେଷ୍ଟଇଣ୍ଡିଜ୍ ଅଧିନାୟିକା ହାଲେ ମାଥ୍ୟୁସ ଓ ଭାରତର ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ପଛରେ ପକାଇ ଟ୍ରାୟନ ଏହି ପୁରସ୍କାର ପାଇଥିଲେ । ଜଣେ ଭଲ ଅଲରାଉଣ୍ଡର ଭାବେ ସେ ପ୍ରଭାବ ବିସ୍ତାର କରିବାରେ ଅଗ୍ରଣୀ ଅଛନ୍ତି ।

## ଏସୀୟ ଭାରୋତ୍ତୋଳନରେ ଭାଗନେବେ ମିନା ଓ ବିଦୁସ୍ମିତା



ଭୁବନେଶ୍ୱର,୭।୬ (ସମିସ): ଏସୀୟ ଭାରୋତ୍ତୋଳନରେ ଭାଗନେବାକୁ ଓଡ଼ିଶାର ଦୁଇ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି । ସେମାନେ ହେଲେ କନିଷ୍ଠ ୫୮ କିଲୋ ବର୍ଗରେ ମିନା ସାନ୍ତା-ଏ' ଓ ୬୩ କିଲୋ ବର୍ଗରେ ବିଦୁସ୍ମିତା ଭୋଇ । ଏହି ପ୍ରତିଯୋଗିତା କାଜାଖସ୍ତାନର ଆସ୍ଥାନାଠାରେ ଜୁଲାଇ ୧ରୁ ୧୦ ତାରିଖଯାଏ ଆୟୋଜିତ ହେବ । ଏହି ଚାମ୍ପିଅନସିପ୍ ଲାଗି ପଟିଆଲାରେ ଯୋଗ୍ୟତା ପର୍ଯ୍ୟାୟ ଚୟନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ଓଡ଼ିଶାରୁ ୬ଜଣ ଭାରୋତ୍ତୋଳକ ଭାଗନେଇଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ଉପରୋକ୍ତ ୨ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଥିଲେ । କଳିଙ୍ଗ ଷ୍ଟାଡିୟମ୍ ଏଚ୍‌ପିସିରୁ ପ୍ରଶିକ୍ଷଣ ନେଇ ମିନା ସାନ୍ତା-ଏ ଏବେ ପଟିଆଲାର ଏନ୍‌ଓସିଇରେ ଉଚ୍ଚତର ପ୍ରଶିକ୍ଷଣ ନେଉଛନ୍ତି । ଢେଙ୍କାନାଳ ଭାରୋତ୍ତୋଳନ ଏଚ୍‌ପିସି ସବ୍‌ସେଣ୍ଟରରେ ବିଦୁସ୍ମିତା ପ୍ରଶିକ୍ଷଣ ନେଇଛନ୍ତି ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS